# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୧୦/୨୦୨୨ (୧୨ ପୃଷ୍ଠା) | Balasore, Thursday, February 10/2022 | ★★★★

୪୮ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଭାରତ ସିରିଜ ବିଜୟୀ**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ପ୍ରସିଦ୍ଧ କ୍ରିଷ୍ଣା ଚମତ୍କାର ବୋଲିଂ କରି ୪ ଉଇକେଟ ନେଇଥିବାବେଳେ ଭାରତ ସିରିଜ ବିଜୟୀ ହୋଇଛି।

୦୯

୧୦

**ଢୋଲିଡାରେ ଆଲିଆଙ୍କ ଠୁମ୍‌କା**

'ଗଙ୍ଗୁବାଈ କାଠିଆୱାଡ଼ି'ର ଗୀତ 'ଢୋଲିଡା' ଟିଜରରେ ଆଲିଆଙ୍କ ଠୁମ୍‌କା ଦେଖିବାକୁ ମିଳିଛି।



# ଅଫ୍‌ଲାଇନରେ ହେବ ସିବିଏସ୍‌ଇ ପରୀକ୍ଷା

■ ଏପ୍ରିଲ ୨୬ରୁ ଦଶମ, ଦ୍ୱାଦଶ ଟର୍ମ-୨ ଆରମ୍ଭ

**ଭୁବନେଶ୍ୱର, ୯।୨(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଟର୍ମ-୨ ବୋର୍ଡ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ। ଏପ୍ରିଲ ୨୬ ତାରିଖରୁ ଉଭୟ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା କାର୍ଯ୍ୟସୂଚୀ ଖୁବ୍‌ଶୀଘ୍ର ବୋର୍ଡର ୱେବ୍‌ସାଇଟ୍ www.cbse.nic.inରେ ପ୍ରକାଶ ପାଇବ। ଏ ନେଇ ବୁଧବାର ବୋର୍ଡ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଓ ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କ ସହ ଆଲୋଚନା ପରେ ଟର୍ମ-୨ ବୋର୍ଡ ପରୀକ୍ଷା ଅଫ୍‌ଲାଇନ୍‌ରେ କରିବା ପାଇଁ ନିଷ୍ପତ୍ତି ହୋଇଥିବା ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସଂୟମ ଭରଦ୍ୱାଜ କହିଛନ୍ତି। ଟର୍ମ-୧ରେ ପିଲାମାନେ କେବଳ ଅବ୍‌ଜେକ୍ଟିଭ୍/ମଲ୍‌ଟିପୁଲ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଡିଜିଟାଲ ଅଧିକାର




# ଓଡ଼ିଶା ହାଇକୋର୍ଟର ଇଂଲିଶ ବନାନ ପରିବର୍ତ୍ତନ ହେଉ

**ରାଜ୍ୟ ସଭାରେ ବିଜେଡିର ଦାବି**

**ନୂଆଦିଲ୍ଲୀ/ଭୁବନେଶ୍ୱର, ୯।୨(ବ୍ୟୁରୋ)**

ରାଜ୍ୟ ସଭାର ଶୂନ୍ୟକାଳରେ ଓଡ଼ିଶା ହାଇକୋର୍ଟ ଇଂଲିଶ ବନାନ ପରିବର୍ତ୍ତନ ପ୍ରସଙ୍ଗ ଉଠାଇଛି ବିଜେଡି। ବିଜେଡି ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ବୁଧବାର ଗୃହରେ ବିବୃତି ରଖି Orissa ପରିବର୍ତ୍ତେ Odisha ହାଇକୋର୍ଟ କରିବାକୁ ଦାବି ରଖିଥିଲେ। ସ୍ୱତନ୍ତ୍ର ଆଇନ ବଳରେ ଇଂଲିଶ ବନାନ ପରିବର୍ତ୍ତନ ପାଇଁ ପ୍ରସନ୍ନ କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

ପ୍ରସନ୍ନଙ୍କ କହିବା ହେଲା, ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇଥିଲା। ୧୯୪୮ରେ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ହେଲା। ହେଲେ ଇଂଲିଶରେ ଏହାର ବନାନ Orissa ରହିଥିବାରୁ ହାଇକୋର୍ଟ ସମେତ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟରେ Orissa ବୋଲି ଉଲ୍ଲେଖ ହେଉଥିଲା। ଆମର ଭାଷା ଓଡ଼ିଆ ହୋଇଥିବାରୁ ଓଡ଼ିଶା ଶବ୍ଦ ସହ ରାଜ୍ୟବାସୀଙ୍କ ଭାବାବେଗ ଜଡ଼ିତ। ତେଣୁ 'Orissa'ରୁ ☞ପୃଷ୍ଠା-୪

# ବେରୋଜଗାରୀ, ଋଣ ବୋଝରେ ୨୫,୦୦୦ ଆତ୍ମହତ୍ୟା

**୨୦୧୮ରୁ ୨୦୨୦ ମଧ୍ୟରେ ଘଟିଛି**

**ନୂଆଦିଲ୍ଲୀ, ୯।୨**

ବେରୋଜଗାରୀ କିମ୍ବା ଋଣ ବୋଝ ଯୋଗୁ ୨୦୧୮ରୁ ୨୦୨୦ ମଧ୍ୟରେ ଭାରତରେ ୨୫,୦୦୦ରୁ ଊର୍ଦ୍ଧ୍ୱ ଲୋକ ଆତ୍ମହତ୍ୟା କରିଛନ୍ତି। କେନ୍ଦ୍ର ସରକାର ବୁଧବାର ରାଜ୍ୟ ସଭାରେ ଏହି ସୂଚନା ଦେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଏହି ସମୟ ମଧ୍ୟରେ ବେରୋଜଗାରୀ ଯୋଗୁ ୯,୧୪୦ ଜଣ ଆତ୍ମହତ୍ୟା କରିଥିବାବେଳେ ଋଣ ବୋଝ ଏବ ଦେବାଳିଆ କାରଣରୁ ୧୬,୦୯୧ ଜଣ ଜୀବନ ହାରିଛନ୍ତି। ଉଚ୍ଚ ସଦନରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହା କହିଛନ୍ତି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଆଧାରରେ ଏହି ସୂଚନା ପ୍ରଦାନ କରାଯାଇଛି।

ଦେଶରେ ବେରୋଜଗାରୀ ବୃଦ୍ଧିକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ସମାଲୋଚନା କରିଆସୁଛନ୍ତି। ସୋମବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ବେରୋଜଗାରୀ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଭଲ ଦିନ ଆସିବା ସହଜ ନୁହେଁ ବୋଲି ସେ ଏକ ସର୍ଭେ ଉପସ୍ଥାପନ କରି କହିଥିଲେ। ତଥ୍ୟ ଅନୁଯାୟୀ ବେରୋଜଗାରଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ୨୦୨୦ ମହାମାରୀ ବର୍ଷରେ ସର୍ବାଧିକ ୩,୫୪୮ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୧୮ରେ ୨,୭୪୧ ଏବଂ ୨୦୧୯ରେ ୨,୮୫୧ ଜଣ ବେରୋଜଗାରୀ ପାଇଁ ଆତ୍ମହତ୍ୟା କରିଥିଲେ। ସେହିପରି ଦେବାଳିଆ କାରଣରୁ ୨୦୧୮ରେ ୪,୯୭୦ ଆତ୍ମହତ୍ୟା କରିଥିବାବେଳେ ୨୦୧୯ରେ ୫,୯୦୮ ଏବଂ ୨୦୨୦ରେ ୫,୨୧୩ ଜଣ ଜୀବନ ☞ପୃଷ୍ଠା-୪

## ଋଣଗ୍ରସ୍ତ ବ୍ୟବସାୟୀ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ: ସ୍ତ୍ରୀ ମୃତ



ରାଜୀବଙ୍କ ଆତ୍ମହତ୍ୟା ଉଦ୍ୟମ ବେଳର ଦୃଶ୍ୟ

■ ଆର୍ଥିକ ଦୁଃସ୍ଥିତି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କଲେ

■ ଫେସ୍‌ବୁକ୍‌ରେ ଲାଇଭ୍ କରିଥିଲେ ଆତ୍ମହତ୍ୟା ଉଦ୍ୟମ ବେଳର ଦୃଶ୍ୟ

**ବାଗପତ୍ (ୟୁପି), ୯।୨**

ଉତ୍ତରପ୍ରଦେଶର ବାଗପତ୍ ଅଞ୍ଚଳରେ ଋଣଗ୍ରସ୍ତ ଜଣେ ସ୍ଥାନୀୟ ବ୍ୟବସାୟୀ ଆତ୍ମହତ୍ୟା ଉଦ୍ୟମ ବେଳର ଦୃଶ୍ୟକୁ ଫେସ୍‌ବୁକ୍‌ରେ ଲାଇଭ୍ କରିଛନ୍ତି। ତାଙ୍କର ଆର୍ଥିକ ଦୁଃସ୍ଥିତି ପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦାୟୀ କରିଛନ୍ତି। ବିଷ ପିଇଥିବା ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ବ୍ୟବସାୟୀ ରାଜୀବ ତୋମାର(୪୦)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ☞ପୃଷ୍ଠା-୪




# ୟୁପିକୁ ବ୍ୟାପିଲା ହିଜାବ ନିଆଁ

## ବିକିନି, ଜିନ୍ସ, ହିଜାବ ପିନ୍ଧିବା ନିଷ୍ପତ୍ତି ମହିଳାଙ୍କ ଅଧିକାର: ପ୍ରିୟଙ୍କା



ନୂଆଦିଲ୍ଲୀ/ଲକ୍ଷ୍ନୌ,୯।୨

ଗତ ଜାନୁୟାରୀରେ କର୍ନାଟକ ଉପୁଡ଼ିସ୍ଥିତ ଏକ ସରକାରୀ କଲେଜର ୬ ଜଣ ଛାତ୍ରୀ ହିଜାବ ପିନ୍ଧି ପାଠ ପଢ଼ିଯାଇଥିବାରୁ ସେମାନଙ୍କୁ ଶ୍ରେଣୀଗୃହକୁ ପ୍ରବେଶ ଅନୁମତି ମିଳି ନ ଥିଲା। ଏହା ପରେ ଦେଶର କେତେକ ଇସ୍‌ଲାମିକ୍ ସଙ୍ଗଠନ ଓ କ୍ଲାସ୍‌କୁ ଯାଇପାରି ନ ଥିବା ଛାତ୍ରୀମାନେ ଜିଲାପାଳଙ୍କୁ ଭେଟି ଏହା ଉପରେ ଫେରାଦ ହୋଇଥିଲେ। ଏହାର ପ୍ରତିବାଦରେ କେତେଜଣ ଛାତ୍ର ଗୈରିକ ଶାଲ୍ ପରିଧାନ କରି କଲେଜରେ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ହିଜାବ ଉପରେ କଟକଣାକୁ କର୍ନାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଜଷ୍ଟିସ୍ କ୍ରିଷ୍ଣା ଦୀକ୍ଷିତଙ୍କ ଜଣିକିଆ ଖଣ୍ଡପୀଠ ଉକ୍ତ ଆବେଦନକୁ ମୁଖ୍ୟ ବିଚାରପତି ରିତୁରାଜ ଅୱସ୍ତିଙ୍କ ବୃହତ୍ ଖଣ୍ଡପୀଠକୁ ଶୁଣାଣି ପାଇଁ ପଠାଇଦେଇଛନ୍ତି। ରାଜ୍ୟର ଶିକ୍ଷାମନ୍ତ୍ରୀ ବି.ସି. ନାଗେଶ କହିଛନ୍ତି, ଛାତ୍ରୀଙ୍କୁ ଆଶ୍ୱସ୍ତି ଦେବା ପାଇଁ ହାଇକୋର୍ଟ କୌଣସି ଅନ୍ତରୀଣ ରାୟ ଦେଇ ନ ଥିବାରୁ ଡ୍ରେସ୍ କୋଡ୍‌କୁ ନେଇ ସରକାରଙ୍କ ନିର୍ଦ୍ଦେଶନାମା ବଳବତ୍ତର ରହିଛି। ଶ୍ରେଣୀଗୃହରେ ବିଦ୍ୟାର୍ଥୀଙ୍କ ପାଇଁ ୟୁନିଫର୍ମ ବାଧ୍ୟତାମୂଳକ। ଇତିମଧ୍ୟରେ ହିଜାବ ବିବାଦର ନିଆଁ ନିର୍ବାଚନମୁହାଁ ଉତ୍ତର ପ୍ରଦେଶକୁ ବ୍ୟାପିଛି। ପାର୍ଲାମେଣ୍ଟରେ ମଧ୍ୟ ବୁଧବାର ଏହି ପ୍ରସଙ୍ଗ ଉଠିଛି।

ଉତ୍ତର ପ୍ରଦେଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ହେବାକୁ ଥିବାବେଳେ ରାଜ୍ୟକୁ ଡେଇଁଛି କର୍ନାଟକର ହିଜାବ ବିବାଦ। ଏହାକୁ ନେଇ ବିଭିନ୍ନ ଦଳ ନିଜକୁ ସୁହାଇଲା ଭଳି ମନ୍ତବ୍ୟ ଦେବାରେ ଲାଗିଥିବାବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ମୁହଁ ଖୋଲିଛନ୍ତି। ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା କହିଛନ୍ତି, ଜଣେ ମହିଳା ବିକିନି ପିନ୍ଧିବେ କି ଜିନ୍ସ, ଓଢ଼ଣି ଦେବେ ନା ହିଜାବ ପରିଧାନ କରିବେ ତାହା ନିଷ୍ପତ୍ତି ନେବା ସମ୍ପୂର୍ଣ୍ଣ ଭାବେ ତାଙ୍କର ଅଧିକାର। ଭାରତର ସମ୍ବିଧାନ ମହିଳାମାନଙ୍କୁ ଏହି ଅଧିକାର ଦେଇଛି। ତେଣୁ ସେମାନେ କ'ଣ ପିନ୍ଧିବେ ତାହା ସେମାନଙ୍କ ଉପରେ ଛାଡ଼ି ଦିଆଯାଉ। ମହିଳାମାନଙ୍କୁ ହଇରାଣ କରିବା ବନ୍ଦ ହେଉ ବୋଲି ପ୍ରିୟଙ୍କା ଟୁଇଟ୍ କରିଛନ୍ତି, ଯହିଁରେ ସେ ହ୍ୟାଶ୍‌ଟ୍ୟାଗ୍ 'ଲଡ଼କି ହୁଁ ଲଡ଼ ସକ୍ତି ହୁଁ' ବ୍ୟବହାର କରିଛନ୍ତି। ସେହିପରି ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ନଗମା ମୋରାରଜୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ କୌଣସି ଝିଅ ସୁରକ୍ଷିତ ନୁହନ୍ତି। ହାଥରସ୍‌ରେ ଜଣେ ଝିଅଙ୍କୁ ଜାଳି ଦିଆଯାଇଥିଲା।

ସମ୍ବଲର ଏକ ନିର୍ବାଚନୀ ସଭାରେ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଭାଜପା ସରକାର ଆମ ଝିଅମାନଙ୍କୁ ପାଠ ପଢ଼ିବାବେଳେ ହିଜାବ ପିନ୍ଧିବାକୁ ଦେଉନାହିଁ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନି ତଲାକ୍ କଥା କହି ମୁସଲମାନ ମହିଳାଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ଏହା କ'ଣ ତାଙ୍କର 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ବୋଲି ସେ ପ୍ରଶ୍ନ କରିଛନ୍ତି। କର୍ନାଟକର ସେହି ଝିଅମାନଙ୍କୁ ସାଲ୍ୟୁଟ୍। ବୁର୍ଖା ପିନ୍ଧିଥିବା ଜଣେ ମହିଳା ଗୈରିକ ଭିଡ଼କୁ ଯାଇ 'ଆଲ୍ଲା ହୁ ଆକ୍‌ବର' କହିଥିଲେ। ଏଭଳି ସାହସ ସମସ୍ତ ମୁସଲମାନ ମହିଳାଙ୍କର ରହିବା ଉଚିତ। କର୍ନାଟକ ଘଟଣା ସମ୍ବିଧାନର ଖୋଲା ଉଲ୍ଲଂଘନ ବୋଲି ହାଇଦ୍ରାବାଦ ଏମ୍‌ପି ଓୱାଇସି ଟୁଇଟ୍ କରିଛନ୍ତି। ସେ ଯଦି ଟୋପି ପିନ୍ଧି ପାର୍ଲାମେଣ୍ଟକୁ ଯାଇପାରୁଛନ୍ତି, ତେବେ ଜଣେ ଛାତ୍ରୀ ହିଜାବ ପରିଧାନ କରି କଲେଜକୁ କାହିଁକି ଯାଇପାରିବେ ନାହିଁ ବୋଲି ଓୱାଇସି ପଚାରିଛନ୍ତି।

ସେପଟେ ବିରୋଧୀ ଦଳଗୁଡ଼ିକ ମୁସଲମାନ ମହିଳାଙ୍କୁ ଉସୁକାଇବା ପାଇଁ ହିଜାବ ବିବାଦକୁ ପ୍ରସଙ୍ଗ କରୁଥିବା ଭାଜପା ସମାଲୋଚନା କରିଛି। କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ କହିଛନ୍ତି, ସରକାରଙ୍କ ନୀତିରୁ ସୁବିଧା ପାଇଥିବା ମୁସଲିମ ମହିଳାମାନଙ୍କୁ ଉସୁକାଇବା ଲାଗି ବିରୋଧୀ ଜାଣିଶୁଣି ଏହାକୁ ନେଇ ରାଜନୀତି କରୁଛନ୍ତି। ଏହି ସ୍ଥିତିରୁ ଫାଇଦା ଉଠାଇବା ପାଇଁ ଉଦ୍ୟମ କରା ନ ଯାଉ।

> ମୋଦିଙ୍କ ଶାସନରେ କୌଣସି ଝିଅ ସୁରକ୍ଷିତ ନୁହନ୍ତି: ନଗମା



> ଏହା କ'ଣ 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ: ଓୱାଇସି



## ବିବୃତି ଦିଅନ୍ତୁ ସ୍ୱରାଷ୍ଟ୍ରମନ୍ତ୍ରୀ

### ଲୋକ ସଭାରୁ କକ୍ଷତ୍ୟାଗ କଲେ ବିରୋଧୀ

ନୂଆଦିଲ୍ଲୀ,୯।୨



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା

କର୍ନାଟକର ହିଜାବ ପ୍ରସଙ୍ଗ ବୁଧବାର ପାର୍ଲାମେଣ୍ଟରେ ଉଠିଛି। କଲେଜ ଛାତ୍ରୀମାନଙ୍କୁ ଶ୍ରେଣୀଗୃହକୁ ପ୍ରବେଶ ଅନୁମତି ନ ମିଳିବା ଉପରେ ଲୋକ ସଭା ଶୂନ୍ୟକାଳରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି। କଂଗ୍ରେସ, ଡିଏମ୍‌କେ, ସିପିଆଇଏମ୍, ସିପିଆଇ, ସିଭିକେ, ଏମ୍‌ଡିଏମ୍‌କେ, ମୁସଲିମ୍ ଲିଗ୍ ଏବଂ ଜେଏମ୍‌ଏମ୍ ପକ୍ଷରୁ ସରକାର ବିରୋଧୀ ସ୍ଲୋଗନ ଦିଆଯାଇଥିଲା। ହିନ୍ଦୁମାନେ କପାଳରେ ତିଳକ ଲଗାଉଥିବାବେଳେ ମୁସଲମାନ ମହିଳା ହିଜାବ ପିନ୍ଧୁଛନ୍ତି। ହିଜାବ ପରିଧାନ କ'ଣ ଏକ ଅପରାଧ ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରଶ୍ନ କରିଥିଲେ। ଦେଶରେ ଭୟର ବାତାବରଣ ସୃଷ୍ଟି କରାଯାଉଛି ବୋଲି ସେ କେନ୍ଦ୍ରକୁ ଟାର୍ଗେଟ କରି ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ବିବୃତି ଦାବି କରିଥିଲେ। ଲୋକ ସଭାରେ ବିରୋଧୀ ଦଳଗୁଡ଼ିକର ସଦସ୍ୟମାନେ ଦ୍ୱିତୀୟ ଦିନ ଧରି ହିଜାବ ପ୍ରସଙ୍ଗ ଉଠାଇଥିବାବେଳେ ସଂସଦୀୟ ବ୍ୟାପାର ମନ୍ତ୍ରୀ (କର୍ନାଟକର ଧରୱାଡ୍ ଏମ୍‌ପି) ପ୍ରହ୍ଲାଦ ଜୋଶୀ ଗଣମାଧ୍ୟମକୁ କହିଛନ୍ତି, ସବୁ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ଓ ପ୍ରଶାସନ ପକ୍ଷରୁ ଜାରି ଡ୍ରେସ୍ କୋଡ୍ ମାନିବାକୁ ବାଧ୍ୟ। ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରହୁ। ପିଲାଙ୍କୁ କେଉଁମାନେ ଉସୁକାଉଛନ୍ତି ତାହା ଆମକୁ ଦେଖିବାକୁ ପଡ଼ିବ।

## ଆଜି ୟୁପି ଭୋଟ

### ୫୮ ଆସନରେ ୬୨୩ ପ୍ରାର୍ଥୀ

ଲକ୍ଷ୍ନୌ,୯।୨

ଉତ୍ତର ପ୍ରଦେଶର ୪୦୩ ନିର୍ବାଚନମଣ୍ଡଳୀ ମଧ୍ୟରୁ ୫୮ ଆସନରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ପଶ୍ଚିମ ୟୁପିର ୧୧ ଜିଲାରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏହି ଜିଲାଗୁଡ଼ିକ ହେଲା ଶାମ୍‌ଲି, ହାପୁର, ଗୌତମବୁଦ୍ଧନଗର, ମୁଜାଫରନଗର, ମିରଟ, ବାଗପତ, ଗାଜିଆବାଦ, ବୁଲନ୍ଦସହର, ଆଲିଗଡ଼, ମଥୁରା ଓ ଆଗ୍ରା।

ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଥିବାବେଳେ ଗୁରୁବାର ୬୨୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ହାଇପ୍ରୋଫାଇଲ୍ ପ୍ରାର୍ଥୀଙ୍କ ମଧ୍ୟରେ ଯୋଗୀ ସରକାରଙ୍କ କ୍ୟାବିନେଟ୍‌ର ୯ ମନ୍ତ୍ରୀ ଅଛନ୍ତି। ସେମାନେ ହେଲେ ସୁରେଶ ରାଣା, ଅତୁଲ ଗର୍ଗ, ଶ୍ରୀକାନ୍ତ ଶର୍ମା, ସନ୍ଦୀପ ସିଂ, ଅନିଲ ଶର୍ମା, କପିଳ ଦେବ ଅଗ୍ରୱାଲ, ଦୀନେଶ ଖାଟିକ, ଜି.ଏସ୍. ଧର୍ମେଶ ଏବଂ ଚୌଧରୀ ଲକ୍ଷ୍ମୀ ନାରାୟଣ। ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଭାଜପା ଏବଂ ସମାଜବାଦୀ ପାର୍ଟି(ଏସ୍‌ପି)–ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମେଣ୍ଟ ମଧ୍ୟରେ ହେଉଥିଲେ ହେଁ କେତେକ ଆସନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ମଧ୍ୟ ପ୍ରଭାବ ରହିଛି। ୨୦୧୭ ବିଧାସନଭା ନିର୍ବାଚନରେ ୫୮ରୁ ଭାଜପା ୫୩ ଆସନ ଦଖଲ କରିଥିଲା। ଅଖିଳେଶ ଯାଦବଙ୍କ ଏସ୍‌ପି ଏବଂ ମାୟାବତୀଙ୍କ ବିଏସ୍‌ପିକୁ ଦୁଇଟି ଲେଖାଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଜୟନ୍ତ ଚୌଧରୀଙ୍କ ଆର୍‌ଏଲ୍‌ଡିକୁ ମାତ୍ର ଗୋଟିଏ ଆସନରେ ସଫଳତା ମିଳିଥିଲା।



ୟୁପିର ମିରଟରେ ନିର୍ବାଚନ ଅଧିକାରୀମାନେ ଇଭିଏମ୍ ଓ ଅନ୍ୟ ପୋଲିଂ ସାମଗ୍ରୀ ଯାଞ୍ଚ କରୁଛନ୍ତି।

## କଂଗ୍ରେସ ଜିତିଲେ କୃଷିଋଣ ଛାଡ଼

### ଇସ୍ତାହାର ଉନ୍ମୋଚନ କଲେ ପ୍ରିୟଙ୍କା

ଲକ୍ଷ୍ନୌ,୯।୨

ୟୁପି ନିର୍ବାଚନର ଦିନକ ପୂର୍ବରୁ କଂଗ୍ରେସ ଏହାର ଇସ୍ତାହାର ଜାରି କରିଛି। 'ଉନ୍ନତି ବିଧାନ' ଶୀର୍ଷକ ଜନ ଘୋଷଣାନାମାକୁ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ଲକ୍ଷ୍ନୌରେ ଉନ୍ମୋଚନ କରିଛନ୍ତି। କଂଗ୍ରେସ ଜିତିଲେ କୃଷକଙ୍କ ଋଣ ଛାଡ଼, କୋଭିଡ୍ ଯୋଦ୍ଧାଙ୍କୁ ସହାୟତା, ଶିକ୍ଷକ ପଦବୀ ପୂରଣ ସହ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ସୁବିଧା କରାଯିବ ବୋଲି ଏଥିରେ ପ୍ରତିଶ୍ରୁତି ଦିଆଯାଇଛି।

- ➢ କ୍ଷମତାକୁ ଆସିବାର ୧୦ ଦିନ ମଧ୍ୟରେ କୃଷିଋଣ ଛାଡ଼ କରାଯିବ।
- ➢ ବିଦ୍ୟୁତ୍ ବିଲ୍ ଅଧାକୁ ହ୍ରାସ ସହ ମହାମାରୀ ବେଳର ବକେୟା ଛାଡ଼ କରାଯିବ।
- ➢ କୋଭିଡ୍ ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୨୫,୦୦୦ ଟଙ୍କା ଲେଖାଏ ସହାୟତା ଏବଂ କୋଭିଡ୍ ଯୋଦ୍ଧା ପ୍ରାଣ ହରାଇଥିଲେ ସମ୍ପର୍କୀୟଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ।
- ➢ ସରକାରୀ କ୍ଷେତ୍ରରେ ୨୦ ଲକ୍ଷ ନିଯୁକ୍ତି ଦିଆଯିବ। ୧୨ ଲକ୍ଷ ଖାଲି ପଦବୀ ପୂରଣ ସହ ୮ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ।
- ➢ ସମସ୍ତଙ୍କୁ ମାଗଣାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବ।
- ➢ ଛତିଶଗଡ଼ ମଡେଲରେ ଗୋଧନ ନ୍ୟାୟ ଯୋଜନାରେ ୟୁପିର କଂଗ୍ରେସ ସରକାର ଗୋବର କିଲୋ ୨ ଟଙ୍କାରେ କିଣିବେ।
- ➢ ବୁଲା ପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ବାବଦରେ ୩୦୦୦ ଟଙ୍କା ଦିଆଯିବ।
- ➢ ଏସ୍‌ସି/ଏସ୍‌ଟି ବର୍ଗର ପିଲାଙ୍କୁ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା।

## ଧାରଣାରେ ବସିଲା ଭାଜପା

### ପୌର ଭୋଟର ତାଲିକା ସଂଶୋଧନ ସମୟ ବୃଦ୍ଧି ଦାବି



ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଛି।

**ଭୁବନେଶ୍ୱର, ୯।୨(ବ୍ୟୁରୋ):** ରାଜ୍ୟରେ ପୌରାଞ୍ଚଳ ନିର୍ବାଚନ ନେଇ ରାଜ୍ୟ ନିର୍ବାଚନ କମିଶନ ଗତ ୨ ତାରିଖରେ ବିଜ୍ଞପ୍ତି ଜାରି କରିଛନ୍ତି। ଏହା ରାଜ୍ୟ ମ୍ୟୁନିସିପାଲ କର୍ପୋରେଶନ ଆଇନ–୨୦୦୩କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି । ଧାର୍ଯ୍ୟ ଆଇନକୁ ଖିଲାପ କରି ତରବରିଆ ଭାବେ ବିଜ୍ଞପ୍ତି ପ୍ରକାଶ କରିବା ପଛର କାରଣ କ'ଣ ଏବଂ ନିର୍ବାଚନ କମିଶନ ଏଭଳି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିବା ପଛରେ କି ରହସ୍ୟ ରହିଛି ବୋଲି ଭାଜପା ପ୍ରଶ୍ନ କରିଛି। ଏହାକୁ ବିରୋଧକରି ଭାଜପା ନେତା ଓ କର୍ମୀ ବୁଧବାର ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ବାହାରେ ଧାରଣା ଦେଇଥିଲେ।

## ଭୋଟ୍ ଦିଅ, ନୋଟ୍ ଦିଅ

ବରଗଡ଼ ଅଫିସ୍,୯।୨

ନିର୍ବାଚନ ବେଳେ ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ମଦ, ମାଂସ, ଭୋଜିଭାତର ଆସର ଜମିଥାଏ। ସେହିପରି ଟଙ୍କା, ଶାଢ଼ି ଆଦି ବାଣ୍ଟିବା ଭଳି ଘଟଣା ସାଧାରଣରେ ଆଲୋଚିତ ହୋଇଥାଏ। କିନ୍ତୁ ଏଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବରଗଡ଼ ଜିଲା ସୋହେଲା ବ୍ଲକ ସରକଣ୍ଡା ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଜାନକୀ ବିଶି ନିଆରା ଢଙ୍ଗରେ ପ୍ରଚାର କରୁଛନ୍ତି। ଚାଷୀ ସଂଗଠନରେ ସାମିଲ ଥିବା ଏହି ପ୍ରାର୍ଥିନୀଙ୍କ ନାରା ରହିଛି ଭୋଟ୍ ଦିଅ, ନୋଟ୍ ଦିଅ। ସେ ଏହି ନାରାରେ ନିଜ ନିର୍ବାଚନୀ ଖର୍ଚ୍ଚ ପାଇଁ ହାତରେ ଏକ ଦାନବାକ୍ସ ଧରି ପଞ୍ଚାୟତର ପ୍ରତି ୱାର୍ଡ ବୁଲୁଛନ୍ତି। ଆଉ ଲୋକେ ମଧ୍ୟ ଏଭଳି ପ୍ରଚାରକୁ ପସନ୍ଦ କରି ଜାନକୀ ହାତରେ ଧରିଥିବା ଦାନବାକ୍ସରେ କିଛି ଟଙ୍କା ଦେଉଥିବା ପରିଲକ୍ଷିତ ହୋଇଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜଙ୍କ ସମେତ ଅନେକ ଚାଷୀନେତା ତାଙ୍କ ସପକ୍ଷରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି ।

## ସାଇକେଲରେ ମନ୍ତ୍ରୀଙ୍କ ପ୍ରଚାର

ଖଇରା, ୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗଳି କନ୍ଦିରେ ଦଳ ଦଳ ନେତା ଓ ତାଙ୍କର ସମର୍ଥକମାନେ ବୁଲି ବୁଲି ପ୍ରଚାର କରୁଛନ୍ତି। ଅସନ୍ତୁଷ୍ଟଙ୍କୁ ମନାଇବା ଓ ଭୋଟରଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରାର୍ଥୀମାନେ କସରତ ଚଳାଇଛନ୍ତି। ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଭୋଟରଙ୍କୁ ଆକର୍ଷିତ କରିବାକୁ ଅଭିନବ କୌଶଳ ଆପଣେଇଛନ୍ତି। ଖଇରା ଓ ପଳସାରେ ମନ୍ତ୍ରୀ ସାଇକେଲରେ ବୁଲି ବୁଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଭୋଟରଙ୍କ ଭଲମନ୍ଦ ବୁଝିବା ସହ ପୂର୍ବକାମକୁ ମନେ ପକାଇ ବିକାଶ କାର୍ଯ୍ୟକୁ ଆଗେଇ ନେବା ପାଇଁ ସହଯୋଗ କରିବାକୁ ବୁଝାଇଥିଲେ।

ସକାଳେ ପ୍ରଥମେ ଖଇରା ପଞ୍ଚାୟତରେ ଜିଲା ପରିଷଦ ପ୍ରାର୍ଥିନୀ ରଶ୍ମିତା ମହାପାତ୍ର, ସରପଞ୍ଚ ପ୍ରାର୍ଥିନୀ ମାଳତୀ ସେଠୀ ଓ ସମିତିସଭ୍ୟା ପ୍ରାର୍ଥିନୀ ନର୍ମଦା ଦେଓଙ୍କ ସହ ସେ ବିଭିନ୍ନ ୱାର୍ଡ ବୁଲି ଖଇରା ବଜାର ପରିକ୍ରମା କରିଥିଲେ। ପରେ ପଳସା ପଞ୍ଚାୟତର ପଳସା, ନଚ୍ଛିପୁର ଗ୍ରାମର ବିଭିନ୍ନ ୱାର୍ଡ ବୁଲି ଭୋଟରଙ୍କୁ ଭେଟିଥିଲେ। ହେଲେ କେତେକ ଭୋଟର ପୂର୍ବ ଲୋକପ୍ରତିନିଧିଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପରେ ସେ ଏହାପରଠାରୁ ନିଜେ ପଞ୍ଚାୟତ କଥା ବୁଝିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଣୁ ତାଙ୍କୁ ଅଧିକ କ୍ରିୟାଶୀଳ କରିବାକୁ ସରପଞ୍ଚ ପ୍ରାର୍ଥୀ ଅଶୋକ ଦାସମହାପାତ୍ର ଓ ସମିତିସଭ୍ୟ ପ୍ରାର୍ଥୀ ରବୀନ୍ଦ୍ର ବେହେରାଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ବୁଧବାର ସେ ଜିଲା ପରିଷଦ ପ୍ରାର୍ଥୀ ମାନସ ଦାଶ, ବିଶ୍ୱଭୂଷଣ ପ୍ରଧାନ, ରବୀନ୍ଦ୍ର ମହାନ୍ତିଙ୍କ ସହ ସାଇକେଲରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ରୁଡିଙ୍ଗିଆ ଗ୍ରାମକୁ ପ୍ରଚାରରେ ଯାଇ ପଥପ୍ରାନ୍ତ ସଭାରେ ବକ୍ତବ୍ୟ ରଖିଥିଲେ। ତାଙ୍କ ସମ୍ମାନ ପାଇଁ ସରପଞ୍ଚ ପ୍ରାର୍ଥିନୀ ବନିତା ପ୍ରଧାନ ଓ ସମିତିସଭ୍ୟା ପ୍ରାର୍ଥିନୀ ବାସନ୍ତୀ ମହାନ୍ତିଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ। ପ୍ରଦୂଷଣ କମାଇବା ପାଇଁ ସେ ସାଇକେଲରେ ପ୍ରଚାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ।



ସାଇକେଲରେ ପ୍ରଚାର କରୁଛନ୍ତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

## ମେୟର ପଦବୀ: ଅଧିକାରୀଙ୍କ ରିପୋର୍ଟରେ ଟିକେଟ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ରାଜ୍ୟ ରାଜନୀତି ଉଠୁଛି ପଡୁଛି। ପଞ୍ଚାୟତ ଭୋଟ ସରୁସରୁ ପୌର ନିର୍ବାଚନ କରାଇବା ଲାଗି ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋର୍‌ଦାର ହୋଇଛି। ଏପ୍ରିଲ ପ୍ରଥମ ସପ୍ତାହରେ ପୌର ଭୋଟ ହେବା ନେଇ ସମ୍ଭାବନା ଥିବାବେଳେ ଖୁବ୍‌ଶୀଘ୍ର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇପାରେ। ୩ ବର୍ଷ ପରେ ମହାନଗର ନିଗମ ଭୋଟ ହେବାକୁ ଯାଉଥିବାରୁ ଆଶାୟୀଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଏଥର ମେୟର ପଦବୀ ପାଇଁ ପ୍ରତ୍ୟକ୍ଷ ଭୋଟ ହେବାକୁ ଥିବାରୁ ଶାସକ ଦଳ ପକ୍ଷରୁ କାହାକୁ ଏହି ଆସନରେ ବସାଯିବ ସେକଥା ସମସ୍ତଙ୍କ ଆକଳନ ବାହାରେ। କୌଣସି ପୂର୍ବତନ କର୍ପୋରେଟର ହୁଅନ୍ତୁ ବା ବିଧାୟକ, ମେୟର ପଦ କାହାକୁ ମିଳିବ ସେନେଇ ଖବର ମଧ୍ୟ ଠିକ୍ ଭାବେ କାହା ପାଖରେ ନାହିଁ। ଗୋଟିଏ କଥା, ସବୁକିଛି ଉପରେ ସ୍ଥିର ହେବ ବୋଲି ସମସ୍ତଙ୍କ ମୁଖରୁ ବାହାରୁଛି। ତେଣୁ ଦଳର ନିଷ୍ପତ୍ତିରେ କୌଣସି ନେତାଙ୍କ ତିଳେମାତ୍ର ଭୂମିକା ରହୁ ନ ଥିବା ଏଥିରୁ ଜଣାପଡ଼ିଛି। ରାଜ୍ୟର ସବୁ ପ୍ରକାର ନିର୍ବାଚନରେ ବିଜେଡିରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ଶାସକ ଦଳ ସଂରକ୍ଷଣ ନାଁରେ ମହିଳାମାନଙ୍କୁ ଆଗକୁ ଆଣି ଆଶାୟୀଙ୍କ ତାଲିକାରେ ଏକ ପ୍ରକାର ରୋକ ଲଗାଇବାର ନୂଆ ଉଦ୍ୟମ ଆରମ୍ଭ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି।





ପୌର ଭୋଟ ଲାଗି ଗୁରୁବାର ୱାର୍ଡ/ବୁଥ୍ ଅନୁଯାୟୀ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ସେହିଦିନ ନିର୍ବାଚନ କମିଶନଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଛି। ଇତିମଧ୍ୟରେ ଆସନ ସଂରକ୍ଷଣର ଚୂଡ଼ାନ୍ତ ତାଲିକା ମଧ୍ୟ ପ୍ରକାଶ ପାଇସାରିଛି। ପ୍ରଥମରୁ ମେୟର ପଦବୀ ସକାଶେ ବହୁ ପୂର୍ବତନ କର୍ପୋରେଟର ଯଥା ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାରଙ୍କ ନାଁ ଚର୍ଚ୍ଚାରେ ରହିଥିଲା। ହେଲେ ଏହି ଆସନ ମହିଳାଙ୍କ ପାଇଁ ସଂରକ୍ଷଣ ହୋଇଯିବା ପରେ ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଘଟିଛି। କେଉଁ ମହିଳାଙ୍କ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରସା କରିବେ, କେହି ସେକଥାର ଠିକ୍ ଆକଳନ ଏବେଠାରୁ କରାଯାଇ ପାରୁନାହିଁ।

ସଂରକ୍ଷଣ ତାଲିକା ନ ବାହାରିବା ପର୍ଯ୍ୟନ୍ତ ଦୀର୍ଘଦିନ ଧରି ମେୟର ପଦବୀ ଲାଗି ଦାବିଦାର ଥିବା ପୁରୁଷ କର୍ପୋରେଟରମାନଙ୍କ ମଧ୍ୟରୁ କେତେଜଣଙ୍କ ଭରସା ଥିଲା ଯେ, ସେମାନଙ୍କ ମଧ୍ୟରୁ କାହାରିକୁ ଦଳ ପ୍ରାର୍ଥୀ କରିପାରେ। ସେଥିଲାଗି ବିଜେଡିରେ ସାଙ୍ଗଠନିକ କ୍ଷେତ୍ରରେ ସବୁକିଛି ବୁଝାଶୁଝା କରୁଥିବା ନେତାଙ୍କ ଅନୁଗତ ପାଲଟି ବହୁ ପୂର୍ବତନ କର୍ପୋରେଟର ନିଜର ଦାବିକୁ ମଜଭୁତ କରିବାର ପ୍ରୟାସ ଚଳାଇଥିଲେ। ସେହିପରି ବିଏମ୍‌ସି ଅଞ୍ଚଳରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ କେତେକ ଫ୍ଲେକ୍ସ ଲାଗିବା ପରେ ତାଙ୍କ ଉପରେ ଦଳ ମେୟର ପଦ ଲାଗି ଭରସା କରି ଟିକେଟ ଦେଇପାରେ ବୋଲି ଜୋର୍‌ରେ ଆଲୋଚନା ହେଲା। ହେଲେ ଏଠାରେ ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷଣ ହେବାନେଇ ବିଜ୍ଞପ୍ତି ପ୍ରକାଶ ପାଇବା ମାତ୍ରେ ଶ୍ରୀମୟୀଙ୍କ ସହ ଆହୁରି ଅନେକ ମହିଳାଙ୍କ ନାଁ ଏହି ତାଲିକାରେ ଯୋଡ଼ି ହୋଇଯାଇଛି। 'ମୋ ସ୍କୁଲ ଅଭିଯାନ' ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷ ଲୋପାମୁଦ୍ରା ବକ୍ସିପାତ୍ର, ଇତି ସାମନ୍ତଙ୍କ ମଧ୍ୟରୁ କାହାରିକୁ ଏହି ପଦବୀ ଲାଗି ଟିକେଟ ମିଳିପାରେ ବୋଲି ମଧ୍ୟ ରାଜଧାନୀରେ ଆଲୋଚନା ସରଗରମ ହୋଇଛି।





ଅନ୍ୟପକ୍ଷରେ ଭୁବନେଶ୍ୱର ଲୋକ ସଭା ଆସନ ଭାଜପା ହାତରେ ରହିଛି। ଏହା ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ୬ଟି ବିଜେଡି ହାତରେ ରହିଥିବା ବେଳେ ଗୋଟିଏ କଂଗ୍ରେସ ଦଖଲରେ ରହିଛି। ତଥାପି ଏହି ଲୋକ ସଭା ଆସନରେ ଭାଜପା ଟିକେଟରେ ଅପରାଜିତା ଷଡ଼ଙ୍ଗୀ ବିଜୟ ଲାଭ କରିବା ପରେ ତାଙ୍କୁ ସମ୍ମୁଖୀନ ହୋଇପାରିଲା ଭଳି ମହିଳା ପ୍ରାର୍ଥୀ ବିଜେଡି ପକ୍ଷରୁ ଖୋଜାଯାଉଛି। ଏହା ମଧ୍ୟ ଶୁଣିବାକୁ ମିଳୁଛି ଯେ, ରାଜ୍ୟ ସରକାରଙ୍କ ତରଫରୁ ମହିଳାଙ୍କ ପାଇଁ କରାଯାଉଥିବା ଯୋଜନାଗୁଡିକର କାର୍ଯ୍ୟକାରିତା ନେଇ ଦାୟିତ୍ୱରେ ରହିଥିବା ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ମେୟର କରାଯାଇପାରେ। ଯଦିଓ ଏକଥାରେ ସେତେଟା ସତ୍ୟତା ଥିବା ଭଳି ମନେହେଉନାହିଁ ତଥାପି ଏହାକୁ ଏଡାଇ ଦିଆଯାଇ ନ ପାରେ। ତେବେ ଦଳ କାହାକୁ ପ୍ରାର୍ଥୀ କରିବ ବୋଲି ପଚାରିବାରୁ ନିଜ ନାମକୁ ଗୋପନ ରଖି ଜଣେ ବରିଷ୍ଠ ନେତା କହିଛନ୍ତି, ବିଜେଡି କେତେବେଳେ କାହାକୁ କେଉଁଠୁ ପ୍ରାର୍ଥୀ କରେ ସେକଥା କେହି ଜାଣନ୍ତି ନାହିଁ। ଯେଉଁମାନଙ୍କ ନାମ ମେୟର ପଦବୀ ନେଇ ଶୁଣିବାକୁ ମିଳୁଛି ସେମାନଙ୍କ ମଧ୍ୟରୁ କେହି ବି ନ ହୋଇପାରନ୍ତି। କାରଣ ଯେତେବେଳେ କୌଣସି ପ୍ରାର୍ଥିତ୍ୱ ପାଇଁ କାହାରି ନାଁକୁ ନେଇ ଚର୍ଚ୍ଚା ହୁଏ, ତାହା ଅନେକ ସମୟରେ ଭୁଲ୍ ପ୍ରମାଣିତ ହୋଇଆସିଛି। ବିଜେଡିରେ ରାଜନୈତିକ ବ୍ୟକ୍ତିଙ୍କୁ ପଚାରି କିଛି ନିଷ୍ପତ୍ତି ନିଆଯାଇ ନ ଥାଏ। ପ୍ରଶାସନିକ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ ସବୁବେଳେ ଟିକେଟ ଦିଆଯାଇଥାଏ ବୋଲି ଘୋଷା ରହିଆସିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୦,୨୨,୦୮,୫୧୧ | ୫୭,୮୫,୯୨୧ | ୩୨,୮୮,୬୩,୦୩୬ |
| ଭାରତ | ୪,୨୪,୧୦,୯୭୬ | ୫,୦୫,୩୦୮ | ୪,୧୦,୧୨,୮୬୯ |
| ଓଡ଼ିଶା | ୧୨,୭୧,୫୨୩ | ୮୭୯୭(+୫୩) | ୧୨,୪୮,୧୫୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ପୂର୍ବତନ ପ୍ରଶାସକ ମଦନ ମୋହନ ମହାନ୍ତିଙ୍କ ପରଲୋକ

## ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ଥିଲେ

**ଭୁବନେଶ୍ୱର, ୯।୨ (ବ୍ୟୁରୋ)**


ମଦନ ମୋହନ ମହାନ୍ତି

ଅବସରପ୍ରାପ୍ତ ଆଇଏଏସ୍ ଅଫିସର, ଓଡ଼ିଶା ରଣଜୀ ଟ୍ରଫିର ପୂର୍ବତନ ଅଧିନାୟକ ତଥା ବିଶିଷ୍ଟ ନୃତ୍ୟାଙ୍ଗନା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କ ସ୍ୱାମୀ ମଦନ ମୋହନ ମହାନ୍ତିଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ କରୋନା ପରବର୍ତ୍ତୀ ଜଟିଳତା ଲାଗି ଚିକିତ୍ସାଧୀନ ଥିଲେ। ଜାନୁୟାରୀ ୧୭ରୁ କରୋନାରେ ସଂକ୍ରମିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। କରୋନାରୁ ସୁସ୍ଥ ହୋଇଥିଲେ ମଧ୍ୟ ବିଭିନ୍ନ ପ୍ରକାର ଶାରୀରିକ ଅସୁସ୍ଥତା ପାଇଁ ତାଙ୍କର ଚିକିତ୍ସା ଜାରି ରହିଥିଲା। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଯଶୋମାଧବ ମୁଖାଗ୍ନି ଦେଇଥିଲେ।

୧୯୪୫ ମାର୍ଚ୍ଚ ୬ରେ କଟକ ରାଣୀହାଟ ଅଞ୍ଚଳରେ ମଦନମୋହନ ଜନ୍ମ ଗ୍ରହଣ କରିଥିଲେ। ସେ ଜଳ ସମ୍ପଦ, କ୍ରୀଡା ଏବଂ ଯୁବ ବ୍ୟାପାର ଓ ବୟନ ଶିଳ୍ପ ଏବଂ ହସ୍ତତନ୍ତ ଆଦି ବିଭାଗର ବିଭିନ୍ନ ପଦପଦବୀରେ ରହି ଜଣେ ଦକ୍ଷ ପ୍ରଶାସକ ଭାବେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ହସ୍ତତନ୍ତ ବିଭାଗର ପ୍ରମୁଖ ସଚିବ ଭାବେ ଅବସର ନେଇଥିଲେ। ତେବେ ସେ କେବଳ ଜଣେ ପ୍ରଶାସକ ନ ଥିଲେ, ଓଡ଼ିଶା ରଣଜୀ ଟ୍ରଫିରେ ୧୪ବର୍ଷ ଧରି କ୍ୟାପ୍‌ଟେନ ଥିଲେ। ୧୯୫୯-୬୦ରୁ ୧୯୭୮-୭୯ ମଧ୍ୟରେ ରାଜ୍ୟ ପକ୍ଷରୁ ୨୫ଟି ପ୍ରଥମ ଶ୍ରେଣୀ ରଣଜୀ ଟ୍ରଫି ଏବଂ ୪ଟି କୁଚ୍ ବିହାର ଟ୍ରଫି କ୍ରିକେଟ ମ୍ୟାଚ ଖେଳିଥିଲେ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସଚିବ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ୨୦୦୧-୦୨ରେ ପ୍ରଥମଥର ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଆରମ୍ଭ ହୋଇଥିଲା। ସେ ଜଣେ ଡାହାଣହାତୀ ବ୍ୟାଟର ଓ ଅଫ୍-ବ୍ରେକ୍ ବୋଲର ଥିଲେ। ରଣଜୀ ଟ୍ରଫି କ୍ୟାରିୟରରେ ଗୋଟିଏ ଶତକ ଓ ୬ ଅର୍ଦ୍ଧଶତକ ହାସଲ କରିଥିବା ମଦନ ମୋହନ ୯ଟି ମ୍ୟାଚରେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ତାଙ୍କ ସାନପୁଅ ଯଶପାଲ ମହାନ୍ତି ମଧ୍ୟ ଜଣେ ରଣଜୀ ଟ୍ରଫି କ୍ରିକେଟର ଥିଲେ ଓ ୨୦୧୭ରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ବାସଭବନରେ ମଦନମୋହନ ପରିବାର ସହିତ ରହୁଥିଲେ। ପରଲୋକ ଖବର ପାଇ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ସହିତ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ ପାଇଛି।

# ଟ୍ରକ୍ ଧକ୍କାରେ ୨ ମୃତ

**କେନ୍ଦୁଝର/ଚମ୍ପୁଆ,୯।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ରଘୁଆଳ ସାହି ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ୨ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ପିଣ୍ଟୁ ନାୟକ ଓ ବୁଧୁ ମହାରଣା। ସେମାନେ ରିମୁଳିରୁ ବାସୁଦେବ ପୁର ନିକଟ କୋଦଗାଡ଼ିଆ ଗ୍ରାମକୁ ଫେରୁଥିବା ବେଳେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଆହତ ହୋଇଥିବା ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।




# କେନ୍ଦ୍ରମନ୍ତ୍ରୀ ଟୁଡୁଙ୍କୁ ମିଳିଲା ଅନ୍ତରୀଣ ସୁରକ୍ଷା

## ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା ମାମଲା

**କଟକ ଅଫିସ,୯।୨**

ମୟୂରଭଞ୍ଜ ଜିଲା ଯୋଜନା ବିଭାଗର ୨ଜଣ ଅଧିକାରୀଙ୍କୁ ମାଡ଼ମାରିବା ମାମଲାରେ ଫସିଥିବା ଭାଜପା ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ବୁଧବାର ହାଇକୋର୍ଟରୁ ମଧ୍ୟବର୍ତ୍ତିକାଳୀନ ସୁରକ୍ଷା ମିଳିଛି। ମାର୍ଚ୍ଚ ୪ରେ ତଦନ୍ତ ଅଧିକାରୀଙ୍କ ନିକଟରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ପାଇଁ ଟୁଡୁଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୮ରେ ହେବ। ତେଣୁ ସେ ପର୍ଯ୍ୟନ୍ତ ଟୁଡୁଙ୍କୁ ଗିରଫ ନ କରିବାକୁ କୋର୍ଟ କହିଛନ୍ତି। ଗତ ୨୧ତାରିଖରେ କେନ୍ଦ୍ରମନ୍ତ୍ରୀ ଟୁଡୁ ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ମଲ୍ଲିକ ଓ ସହକାରୀ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ରଙ୍କୁ ଏମ୍‌ପି ଲ୍ୟାଡ୍ ସମ୍ପର୍କିତ ଫାଇଲ ନେଇ ଆସିବାକୁ କହିଥିଲେ। ଅଧିକାରୀଦ୍ୱୟ ଆସିବାରେ ବିଳମ୍ବ କରିବାରୁ ମନ୍ତ୍ରୀ ଉତ୍‌କ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ସେମାନଙ୍କ ଉପରକୁ ଚେୟାର ଫିଙ୍ଗିଥିଲେ। ଫଳରେ ଦେବାଶିଷଙ୍କ ହାତ ଭାଙ୍ଗି ଯାଇଥିବାବେଳେ ଅଶ୍ୱିନୀ ମଧ୍ୟ ଆହତ ହୋଇଥିଲେ। ଏନେଇ ଦେବାଶିଷଙ୍କ ଅଭିଯୋଗ କ୍ରମେ ମନ୍ତ୍ରୀ ଟୁଡୁଙ୍କ ବିରୋଧରେ ବାରିପଦା ଟାଉନ ଥାନା ପୋଲିସ ଏକ ମାମଲା(୫୦/୨୨) ରୁଜୁ କରିଥିଲା। ମନ୍ତ୍ରୀ ଅଭିଯୋଗକୁ ଖଣ୍ଡନ କରିବା ସହ ଗିରଫଦାରିକୁ ଏଡ଼ାଇବାକୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନୂଆ ନୂଆ ଦିନାକେତେ ବଡ଼ ଆଦର**
**ନୂଆରୁ ପୁରୁଣା ହେଲେ ତୁଠ ପଥର।**

ନୂଆ ନୂଆ ଦରବ ବା ଜିନିଷ ସଭିଙ୍କ ମନକୁ ଆକୃଷ୍ଟ କରିଥାଏ। ତା' ପ୍ରତି ସମସ୍ତଙ୍କ ମନରେ ଆଦର ଭାବ ରହିଥାଏ। ତେବେ ଏହା ଯେତେବେଳେ ପୁରୁଣା ହୋଇଯାଏ ସେତେବେଳେ ତା'ଠାରୁ ମନ ଛାଡ଼ିଯାଇଥାଏ। ପୁରୁଣା ପ୍ରତି ଆଦର ହ୍ରାସ ହେବା ମଣିଷର ଏକ ସହଜାତ ପ୍ରବୃତ୍ତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନଇ ଅତଡ଼ା ଚାଷ,**
**ଅନ୍ତୁଡ଼ି ପୁଅକୁ ଆଶ;**
**ସଖି ଗୋ ମନ୍ଦ ଏ।**

ନଈପଠାରେ କରାଯାଉଥିବା ଚାଷ ଉପରେ ଭରସା ନ ଥାଏ। ନଈରେ ବଢ଼ି ଆସିଲେ ଅତଡ଼ା ଧସି ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ସେହିପରି ଜନ୍ମିତ ସନ୍ତାନର ଭବିଷ୍ୟତ କ'ଣ ହେବ, କିପରି ହେବ ତାହା ଏବେଠୁ କହି ହେଉ ନ ଥିବା ସ୍ଥଳେ ତା' ଉପରେ ଆସ୍ଥା ପ୍ରକଟ କରି ବସିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**ଆଜିର ମନ୍ତବ୍ୟ**

"ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ନିର୍ଣ୍ଣାୟକ ନେତୃତ୍ୱ ନେଇଥିଲେ ଭାରତର ଅନ୍ୟ ଭାଗଗୁଡ଼ିକ ଭଳି ଗୋଆ ମଧ୍ୟ ୧୯୪୭ରେ ସ୍ୱାଧୀନତା ପାଇଥାଆନ୍ତା।

**-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

# କ୍ଷତିପୂରଣ ବନୀକରଣ: ୨୬୫୦୦ ଏକରର ଲ୍ୟାଣ୍ଡ ବ୍ୟାଙ୍କ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ (ଓଏସ୍ଏଚ୍‌ବି)ର ହାଉସିଂ ଅଞ୍ଚଳରେ ପ୍ରାୟ ୪ ଦଶନ୍ଧି ଧରି ରହିଥିବା ଜଙ୍ଗଲ ସମସ୍ୟା ଦୂରହେବ। ବୁଧବାର ଲୋକସେବା ଭବନରୁ ଭର୍ଚୁଆଲରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ମିଳିଥିବା ସୂଚନା ମୁତାବକ, ୧୯୭୦ରୁ ବରମୁଣ୍ଡା, ପାଇକନଗର, କାନନବିହାର ଏବଂ ଜୟଦେବବିହାର ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ବିଭିନ୍ନ ସମସ୍ୟାକୁ ବିଚାରକରି ମାସକ ମଧ୍ୟରେ ଜଙ୍ଗଲ କିସମ ପରିବର୍ତ୍ତନ ପ୍ରକ୍ରିୟା ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଡିଏକୁ ନିର୍ଦ୍ଦେଶ ଦେଇଛନ୍ତି। କିସମ ପରିବର୍ତ୍ତନ ହେବାକୁ ଥିବା ଜଙ୍ଗଲ ଜମିରେ କ୍ଷତିପୂରଣ ବନୀକରଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପୂର୍ବରୁ ଚିହ୍ନିତ ଜମିରୁ କ୍ଷତିପୂରଣ ବନୀକରଣ ନିମନ୍ତେ ଜମି ଚିହ୍ନଟ କରିବାକୁ କଟକ ଏଡିଏମ୍ ଏବଂ ଆଠଗଡ଼ ଡିଏଫ୍‌ଓଙ୍କୁ କୁହାଯାଇଛି। ଏହି ପଦକ୍ଷେପ ଦ୍ୱାରା ପ୍ରାୟ ୨ ହଜାର ପରିବାର ଉପକାର ପାଇବେ।

ଏହାସହ କ୍ଷତିପୂରଣ ବନୀକରଣ ଲାଗି କୌଣସି ଜଙ୍ଗଲ ଜମି ଆବଣ୍ଟନ ହେବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଛନ୍ତି। ପତିତ ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ କରିବା ସହ କ୍ଷତିପୂରଣ ବନୀକରଣ ନିମନ୍ତେ ଲ୍ୟାଣ୍ଡବ୍ୟାଙ୍କ ଥିବା ଜମିକୁ ଏଥିରେ ସାମିଲ କରିବାକୁ କୁହାଯାଇଛି। ଏହାଫଳରେ ଜଙ୍ଗଲ କିସମ ପରିବର୍ତ୍ତନ ସମସ୍ୟା ଯୋଗୁ କୌଣସି ବିକାଶମୂଳକ ପ୍ରକଳ୍ପ ଅଟକି ରହିବନାହିଁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, କ୍ଷତିପୂରଣ ବନୀକରଣ ଲାଗି ଲ୍ୟାଣ୍ଡବ୍ୟାଙ୍କ ସୃଷ୍ଟି ହୋଇସାରିଛି। ଜାନୁୟାରୀରେ ୧୮ ଜିଲାରେ ପ୍ରାୟ ୨୬,୫୦୦ ଏକର ପତିତ ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ କରାଯାଇଛି। ଏହି ଜିଲାଗୁଡ଼ିକ ହେଉଛି କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, ଯାଜପୁର, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ଅନୁଗୋଳ, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା, ସୋନପୁର ଏବଂ ନୟାଗଡ଼। ମାସକରେ କେନ୍ଦୁଝର ଜିଲାରେ ପ୍ରାୟ ୧୦,୮୦୦ ଏକର ଜମି ଚିହ୍ନଟ ହୋଇଛି। ସେ ଆହୁରି କହିଛନ୍ତି, ମାର୍ଚ୍ଚ ୨୦୨୨ ସୁଦ୍ଧା ଲ୍ୟାଣ୍ଡବ୍ୟାଙ୍କର ୫୦ ହଜାର ଏକରକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହାସହ ବର୍ଷକ ମଧ୍ୟରେ କ୍ଷତିପୂରଣ ବନୀକରଣ ନିମନ୍ତେ ପାଖାପାଖି ୧ ଲକ୍ଷ ହେକ୍ଟର ଜମିକୁ ଲ୍ୟାଣ୍ଡବ୍ୟାଙ୍କ ଫୋଲ୍ଡକୁ ଆଣିବା ପାଇଁ ଲକ୍ଷ୍ୟ ରହିଛି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ,



ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବସିଥିବା ଭର୍ଚୁଆଲ ବୈଠକ।

- **ଉପକୃତ ହେବେ ୨ ହଜାର ପରିବାର**
- **କ୍ଷତିପୂରଣ ବନୀକରଣ ଲାଗି ସୃଷ୍ଟି ହୋଇଛି ଲ୍ୟାଣ୍ଡବ୍ୟାଙ୍କ**

କ୍ଷତିପୂରଣ ବନୀକରଣ ପାଇଁ ଜମି ଆବଣ୍ଟନ ସକାଶେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ନୋଡାଲ ଅଧିକାରୀ ରହିବେ। ଉନ୍ନୟନମୂଳକ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକ ଲ୍ୟାଣ୍ଡବ୍ୟାଙ୍କରୁ କ୍ଷତିପୂରଣ ବନୀକରଣ ଜମି ସକାଶେ ସମ୍ପୃକ୍ତ ଜିଲାର ଏଡିଏମ୍ (ରାଜସ୍ୱ)ଙ୍କୁ ଜଣାଇବେ। ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥାନନ୍, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶିଶିର କୁମାର ରଥୋ, ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂଙ୍କ ସମେତ ବିଭାଗଗୁଡ଼ିକର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଣଦେଖା: ବିଜେଡି

ନୂଆଦିଲ୍ଲୀ,୯।୨

୨୦୨୨-୨୩ ଆର୍ଥିକ ବର୍ଷର ବଜେଟରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଣଦେଖା କରିଥିବା ବୁଧବାର ବିଜେଡି ଅଭିଯୋଗ ଆଣିଛି। ରାଜ୍ୟ ସଭାରେ ବଜେଟ ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ଅମର ପଟ୍ଟନାୟକ କହିଥିଲେ, ସ୍ୱାସ୍ଥ୍ୟ କ୍ଷେତ୍ରକୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ମାତ୍ର ୦.୩୩% ଆବଣ୍ଟନ କରାଯାଇଛି, ଯାହାକି ପୂର୍ବ ଆର୍ଥିକ ବର୍ଷ ତୁଳନାରେ କମ୍। ଦେଶରେ ବର୍ତ୍ତମାନ ପ୍ରତି ୧୦୦୦ ଲୋକଙ୍କ ପାଇଁ ଗୋଟିଏ ବେଡ୍ ଥିବାବେଳେ ବିଶ୍ୱରେ ଏହି ଅନୁପାତ ୨.୯ ରହିଛି। ସେହିପରି ଆମ ଦେଶରେ ପ୍ରତି ୧,୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ଆବଶ୍ୟକ ଥିବାବେଳେ ପ୍ରତି ୧,୫୦୦ ରୋଗୀଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ୩୦୦ ଜଣଙ୍କୁ ଜଣେ ନର୍ସ ଆବଶ୍ୟକ ବୋଲି ପଞ୍ଚଦଶ ଅର୍ଥ କମିଶନ ରିପୋର୍ଟ ଦେଇଥିବାବେଳେ ୬୭୦ ଜଣଙ୍କ ପାଇଁ ଜଣେ ନର୍ସ ଅଛନ୍ତି। ତେଣୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ନିବେଶ ଲୋଡ଼ା ବୋଲି ଅମର କହିଛନ୍ତି। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ଅମର ଆହୁରି କହିଛନ୍ତି, ବଜେଟରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ କରିବା ନେଇ କିଛି ଉଲ୍ଲେଖ କରାଯାଇ ନାହିଁ। ସ୍ୱାମୀନାଥନ୍ କମିଟିର ସୁପାରିସକୁ କାର୍ଯ୍ୟକାରୀ କରା ନ ଯିବା ପର୍ଯ୍ୟନ୍ତ ଚାଷୀଙ୍କ ଆୟ ଦ୍ୱିଗୁଣିତ ହୋଇପାରିବ ନାହିଁ ବୋଲି ସେ ସମାଲୋଚନା କରିଛନ୍ତି।

# ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲକୁ କାରଣ ଦର୍ଶାଅ ନୋଟିସ

- **ଅଫ୍‌ଲାଇନ୍ ପରୀକ୍ଷା ବାଧ୍ୟତାମୂଳକ ଘଟଣା**

ଭୁବନେଶ୍ୱର, ୯।୨(ବ୍ୟୁରୋ)

ଛାତ୍ରୀଛାତ୍ରଙ୍କୁ ଅଫ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେବାକୁ ବାଧ୍ୟ କରାଯାଉଥିବାରୁ ରାଜ୍ୟ ସରକାର ବୁଧବାର ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ ଅଧ୍ୟକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁଙ୍କ ଦ୍ୱାରା ହୋଇଥିବା ଉକ୍ତ ନୋଟିସରେ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରି ନ ଥିବାରୁ କାହିଁକି ଉକ୍ତ ଅନୁଷ୍ଠାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତାହାର ଉତ୍ତର ୧୦ ତାରିଖ ସୁଦ୍ଧା ରଖିବାକୁ କୁହାଯାଇଛି। ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ସରକାର ସତର୍କ କରାଇଛନ୍ତି।

# ଓଡ଼ିଶାରେ ହେଲିକପ୍ଟର ସେବା କେବେ: ଉତ୍ତର ଦେଲାନି କେନ୍ଦ୍ର

ନୂଆଦିଲ୍ଲୀ,୯।୨

ଓଡ଼ିଶାର ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଆହତଙ୍କୁ ଏୟାରଲିଫ୍ଟିଂ ପାଇଁ ନିରବଚ୍ଛିନ୍ନ ହେଲିକପ୍ଟର ସେବାକୁ ନେଇ ବିଜେଡି ପକ୍ଷରୁ କରାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେବାକୁ ଆବଶ୍ୟକ ମଣିନାହିଁ କେନ୍ଦ୍ର। ରାଜ୍ୟ ସଭାରେ ବିଜେଡି ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପ୍ରଶ୍ନକୁ ବୁଧବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଏଡ଼ାଇଦେଇଛନ୍ତି। ଶୂନ୍ୟକାଳରେ ଏମ୍‌ପି ପ୍ରଶାନ୍ତ କହିଥିଲେ, କୋରାପୁଟକୁ ତୁରନ୍ତ ହେଲିକପ୍ଟର ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଛି। ହେଲିକପ୍ଟର ଦିଆଗଲେ ଏହା ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଭଳି ସର୍ବାଧିକ ମାଓବାଦୀ ପ୍ରଭାବିତ ଜିଲାରେ ଅପରେଶନ ବେଳେ ବିଶେଷ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗତ ସେପ୍ଟେମ୍ବରରେ ଆୟୋଜିତ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଆଗରେ ଏହି ପ୍ରସଙ୍ଗ ଉଠାଇସାରିଛନ୍ତି। କେନ୍ଦ୍ର ଏହା ଉପରେ କି ପଦକ୍ଷେପ ନେଇଛି ବୋଲି ପ୍ରଶାନ୍ତ ପ୍ରଶ୍ନ କରିଥିଲେ। କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ କହିଥିଲେ, ସରକାର ଏଭଳି ଆବଶ୍ୟକତା ଥିବା ରାଜ୍ୟଗୁଡ଼ିକୁ ହେଲିକପ୍ଟର ଯୋଗାଇଦେଉଛନ୍ତି। ତେବେ ଓଡ଼ିଶାକୁ କେବେ ଦେବେ ସେନେଇ କେନ୍ଦ୍ରମନ୍ତ୍ରୀ କିଛି କହିଲେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ବେରୋଜଗାରୀ, ଋଣ ବୋଝରେ ...

ହାରିଥିଲେ। ଏହି ସମସ୍ୟା ଦୂର କରିବା ଲାଗି ସରକାର ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ମନ୍ତ୍ରୀ କହିଛନ୍ତି। ମାନସିକ ସମସ୍ୟାର ଚାପ କମାଇବା ପାଇଁ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଏନ୍‌ଏମ୍‌ଏଚ୍‌ପି) କାର୍ଯ୍ୟକାରୀ ହେଉଛି। ଏହା ଅଧୀନରେ ଦେଶର ୬୯୨ ଜିଲାରେ ଜିଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ। ଏହା ବ୍ୟତୀତ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ମିଶନ, ସ୍ମାର୍ଟ ସିଟି ମିଶନ, ଅଟଳ ମିଶନ ଫର୍ ରିଜୁଭେନେଶନ ଆଣ୍ଡ୍ ଅର୍ବାନ ଟ୍ରାନ୍ସଫର୍ମେଶନ, ସମସ୍ତଙ୍କ ପାଇଁ ଘର, ଭିତ୍ତିଭୂମି ବିକାଶ ଓ ଶିଳ୍ପ କରିଡର ଆଦି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

### ଋଣଗ୍ରସ୍ତ ବ୍ୟବସାୟୀ ଦମ୍ପତିଙ୍କ ...

ଖବର ଅନୁଯାୟୀ, ରାଜୀବ ଋଣ କରି ଜୋତା ଦୋକାନ କରିଥିଲେ। ୨୦୨୦ ଲକ୍‌ଡାଉନ ଯୋଗୁ ତାଙ୍କ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିଲା। ଦୀର୍ଘଦିନ ଦୋକାନ ବନ୍ଦ ରହିବାରୁ ବହୁ ଜୋତା ନଷ୍ଟ ହୋଇଯାଇଥିଲା। ଫଳରେ ସେ ଋଣ ଶୁଝିବାକୁ ସକ୍ଷମ ହୋଇ ନ ଥିଲେ। ଋଣଭାରରେ ଭାଙ୍ଗିପଡ଼ିଥିବା ରାଜୀବ ମଙ୍ଗଳବାର ବିଷ ପିଇବାବେଳେ ଏହାର ଫେସ୍‌ବୁକ୍ ଲାଇଭ୍ କରିଥିଲେ। ସ୍ୱାମୀଙ୍କୁ ଅଟକାଇବାରେ ବିଫଳ ହେବାରୁ ସ୍ତ୍ରୀ ପୁନମ୍ ମଧ୍ୟ ବିଷ ପିଇଦେଇଥିଲେ। ଉଭୟଙ୍କୁ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲେ ହେଁ ସେଠାରେ ପୁନମ୍‌ଙ୍କର ମୃତ୍ୟୁ ହୋଇଯାଇଛି। ଭିଡିଓରେ ରାଜୀବ ତାଙ୍କର ଆର୍ଥିକ ସଙ୍କଟ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରିଛନ୍ତି। ମୋଦି କ୍ଷୁଦ୍ର ବ୍ୟବସାୟୀ ଓ ଚାଷୀଙ୍କର ହିତୈଷୀ ନୁହନ୍ତି ବୋଲି ସେ ଲାଇଭ୍ ଭିଡିଓରେ କହିଛନ୍ତି। ପୁନମ୍ ତାଙ୍କୁ ଆତ୍ମହତ୍ୟା ଉଦ୍ୟମରୁ ରୋକିବାକୁ ଚେଷ୍ଟା କଲାବେଳେ ରାଜୀବ କହିଥିଲେ, ସରକାର ତ ଶୁଣୁନାହାନ୍ତି, ଅନ୍ତତଃ ତୁମେ ଶୁଣିନିଅ।

ଋଣଭାରରେ ଅତିଷ୍ଠ ବ୍ୟବସାୟୀ ଦମ୍ପତି ବିଷ ପିଇବା ଓ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଶୋକବ୍ୟକ୍ତ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ସେ ଟୁଇଟ୍ କରିବା ସହ ରାଜୀବଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଲକ୍ଷ୍ନୌଠାରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ପ୍ରିୟଙ୍କା କହିଛନ୍ତି, ବାଗପତ୍ ଘଟଣା ଅତ୍ୟନ୍ତ ଦୁଃଖଦାୟକ। ବିମୁଦ୍ରୀକରଣ, ଜିଏସ୍‌ଟି, ଲକ୍‌ଡାଉନ୍ କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ ଗୁରୁତର ପ୍ରଭାବିତ କରିଛି। ସେମାନଙ୍କୁ ସରକାର ସହାୟତାର ହାତ ନ ବଢ଼ାଇବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ନେତ୍ରୀ କହିଛନ୍ତି।

### ଅଫ୍‌ଲାଇନ୍‌ରେ ହେବ ...

ଟଏସ୍ ପ୍ରଶ୍ନର ଉତ୍ତର ଦେଇଥିଲେ। କିନ୍ତୁ ଟର୍ମ-୨ରେ ପିଲାମାନେ ଉଭୟ ଅବ୍‌ଜେକ୍ଟିଭ୍ ଓ ସବ୍‌ଜେକ୍ଟିଭ୍ ପ୍ରଶ୍ନର ଉତ୍ତର ଦେବେ। ପ୍ରଶ୍ନପତ୍ରର ନମୁନା ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି।

ସୂଚନାଯୋଗ୍ୟ, କରୋନା ପାଇଁ ପ୍ରଥମଥର ୨୦୨୧-୨୨ ଶିକ୍ଷାବର୍ଷ ନିମନ୍ତେ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଦୁଇଟି ଲେଖାଏ ବୋର୍ଡ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଥିଲା। ଟର୍ମ-୧ ବୋର୍ଡ ପରୀକ୍ଷା ନଭେମ୍ବର-ଡିସେମ୍ବରରେ ହୋଇଥିଲା। ଏ ପର୍ଯ୍ୟନ୍ତ ତା'ର ଫଳାଫଳ ପ୍ରକାଶ ପାଇନାହିଁ। ଟର୍ମ-୨ର ଥିଓରୀ ପରୀକ୍ଷା ଏପ୍ରିଲ ୨୬ ତାରିଖରୁ ଆରମ୍ଭ ହେବ।

### ଓଡ଼ିଶା ହାଇକୋର୍ଟର ...

'Odisha' କରିବାକୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ଶେଷରେ ୨୦୧୧ରେ ସମ୍ବିଧାନର ୧୧୧ତମ ସଂଶୋଧନରେ ଏକ ବିଲ୍ ପାରିତ କରି OrissaରୁOdisha କରାଯାଇଥିଲା। ଏହାପରେ ସରକାରୀ ଓ ବେସରକାରୀ ଫାଇଲରେ ନାଁ ବଦଳିସାରିଛି। ହେଲେ ଏଯାବତ୍ ହାଇକୋର୍ଟର ଇଂଲିଶ ବନାନ ପରିବର୍ତ୍ତନ ହୋଇପାରିନାହିଁ। ତେଣୁ ଏହି ପରିବର୍ତ୍ତନ ପାଇଁ ନିରନ୍ତର ଦାବି ହୋଇଆସୁଛି। ତେଣୁ ଆଇନ ମନ୍ତ୍ରୀ ଏସମ୍ପର୍କିତ ଏକ ବିଲ୍ ଆଣିବାକୁ ପ୍ରସନ୍ନ କହିଛନ୍ତି। ଏଥିସହିତ ସେ ବମ୍ବେ, କଲିକତା, ମାଡ୍ରାସ ଏବଂ ଆଲ୍ଲାହାବାଦ୍ ହାଇକୋର୍ଟ ନାମ ପରିବର୍ତ୍ତନ କରିବାକୁ ମଧ୍ୟ ଗୃହରେ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ରାହୁଯୁକ୍ତ ଚନ୍ଦ୍ର ହେତୁ ଟେନସନ୍ ଆଜି କିଛି ମାତ୍ରାରେ ବଢ଼ିଯିବ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। କୃତ୍ତିକା ନକ୍ଷତ୍ର ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଓ ଏକ ପ୍ରକାର ମନୋବଳ ବୃଦ୍ଧି ପାଇବ। ଘରେ ସ୍ତ୍ରୀଙ୍କ ଚିଡ଼ିଚିଡ଼ା ସ୍ୱଭାବ ଏବଂ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ।

**ବୃଷ**

ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। କର୍ମକ୍ଷେତ୍ରରେ ବିଭିନ୍ନ ଅଭିଯୋଗର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବା ପାଇଁ ବାଧ୍ୟ ହେବେ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ**

ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କ୍ଷେତ୍ରରେ ପରିସ୍ଥିତି ଏପରି ହେବ ଯେ, ବାଧ୍ୟ ହୋଇ ଯେସାକୁ ତେସା ନୀତିରେ କାମ କରିବେ। ପାରିବାରିକ କ୍ଷେତ୍ର ଭଲ ରହିବ। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ପ୍ରତିଟି କ୍ଷେତ୍ରରେ ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ। ଅଫିସରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବେ।

**କର୍କଟ**

ଯେତିକି ପାଇବେ ଅଧିକ ଖର୍ଚ୍ଚ କରିବା ହେତୁ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟାଇବେ। କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ବନ୍ଧୁଙ୍କ ଆଲୋଚନା ସମୟରେ ସାଧାରଣ କଥାରେ ଯୁକ୍ତତର୍କ ଘଟିପାରେ। ପୁନର୍ବସୁ ନକ୍ଷତ୍ରର ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**

ଦ୍ୱନ୍ଦ୍ୱରେ ପଡ଼ି କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବାଣିଜ୍ୟ ବ୍ୟବସାୟ କ୍ଷେତ୍ର ମଧ୍ୟ ଚିନ୍ତାଜନକ ସ୍ଥିତିରେ ପହଞ୍ଚିବ। ମଘା ନକ୍ଷତ୍ରର ଆର୍ଥିକ ସ୍ୱଚ୍ଛଳତା କାରଣରୁ ମାନସିକ ସ୍ଥିରତା ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ, ଅନ୍ୟଥା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କନ୍ୟା**

ଖର୍ଚ୍ଚାନ୍ତ ହୋଇ ପ୍ରତ୍ୟେକ କାମ କରିବେ। ମାନସିକ ସ୍ଥିରତା ରକ୍ଷା କରିବା କଷ୍ଟ ହେବ। ସମସ୍ୟା ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ ପାରିବାରିକ କାରଣରୁ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବ। ଆଇନ ଅଦାଲତରୁ ସୁଫଳ ସାଙ୍ଗକୁ ଦୀର୍ଘଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା**

ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ମାତ୍ର ବିଶେଷ କିଛି ଅସୁବିଧା ହେବ ନାହିଁ। ସ୍ୱାତୀ ନକ୍ଷତ୍ର ସଭାସମିତିରେ ଯୋଗ ଦେଲେ କିମ୍ବା ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିବେ। ଆଜି ବାଧ୍ୟତାବଶତଃ ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟରେ ଉନ୍ନତି ଘଟିବ।

**ବିଛା**

ଯେତେ ପ୍ରକାର ସୁବିଧା ପାଇଲେ ମଧ୍ୟ ମନରେ ଶାନ୍ତି କିମ୍ବା ସନ୍ତୋଷ ଆସିବ ନାହିଁ। ବ୍ୟବସାୟରେ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର ନିଜ ପରିସରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ**

ଆଜି ସ୍ଥଗିତ କାର୍ଯ୍ୟକୁ ତ୍ୱରାନିତ କରିପାରିବେ ନାହିଁ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ ଏବଂ ଆପଣଙ୍କ ଚେଷ୍ଟା ମଧ୍ୟ ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ ଏବଂ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**

ପ୍ରତ୍ୟେକ କ୍ଷେତ୍ରରେ ଅପ୍ରତ୍ୟାଶିତ ଭାବରେ ସାହାଯ୍ୟର ସୁଅ ଛୁଟିବ। ଧନିଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ**

ଶାରୀରିକ ସୁସ୍ଥତା ଓ ଦୃଢ଼ ମନୋବଳ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବ। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ମାତ୍ର ଶତଭିଷା ନକ୍ଷତ୍ର ଅତିରିକ୍ତ ଭ୍ରମଣ ହେତୁ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ**

କାର୍ଯ୍ୟଦକ୍ଷତାକୁ ନେଇ ଅନେକ ପ୍ରଶଂସା ପାଇ ମନ ଖୁସି ହୋଇଯିବ। କିନ୍ତୁ ଉତ୍ତର ଭାଦ୍ରପଦ ନକ୍ଷତ୍ର ସକାଶେ ଅଫିସ କାମରେ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କିମ୍ବା ପ୍ରତିଯୋଗିତାରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଖଳ ଲୋକଙ୍କ କଥା ଶୁଣିଲେ ଦାମ୍ପତ୍ୟ ଜୀବନରେ ଝଡ଼ ଆସିପାରେ।


## classifieds Everyday 0674-2580101, 2549302




### SALE

ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/ simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603. D-71787

Puri Jagannath Temple 1/2 BHK Flat RERA, PKDA approval buy a dream home book @2 lakhs, 9078263828. D-23081

ଜଟଣୀ ଗେଟ୍ ପାଖରେ NHକୁ ଲାଗି 67,000 Sqft. Plot ବିକ୍ରି ହେବ। Contact: 9778928492. D-70262

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 19,50,000/- କିଣି ଆଜି ଘର କରନ୍ତୁ - 9938016295. D-71791

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/- ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602. D-71788

### AFFIDAVIT

ମୁଁ ଆର୍ଯ୍ୟନ ସାଏ ନିଜ ନାମ 'ସାଇ ସୃଷ୍ଟି'ରୁ ଆର୍ଯ୍ୟନକୁ ପରିବର୍ତ୍ତନ କରିଛି। ଏହା ପାସ୍‌ପୋର୍ଟ, ଆଧାରରେ ଉଲ୍ଲେଖ ଅଛି। ଭବିଷ୍ୟତରେ ମୁଁ ଆର୍ଯ୍ୟନ ସାଏ ବୋଲି ପରିଗଣିତ ହେବି। ଆର୍ଯ୍ୟନ ସାଏ, ପିତା- ବ୍ରଜରାଜ ସାଏ, ଡୁମୁଡୁମା, ଭୁବନେଶ୍ୱର। ଧ-୨୩୦୯୩

### GENERAL SALE

ୱାର୍ଲଡ ଭିଜନ ଇଣ୍ଡିଆ, ଏଡିପି-ସମ୍ବଲପୁର ଅଫିସ ଦ୍ୱାରା ପୁରୁଣା ଓ ବ୍ୟବହାର୍ଯ୍ୟ Bolero Jeep ଏବଂ ଅଫିସ୍‌ର ଆସବାବପତ୍ର କମ୍ପ୍ୟୁଟର ଟେବୁଲ ବିକ୍ରି କରାଯିବ। ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୨୫।୦୨।୨୦୨୨ ତାରିଖ ସୁଦ୍ଧା ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। World Vision India, ADP-Sambalpur, Plot No.-3087, Chaitanya Nagar, Nr. St. John School Chowk, Sambalpur-768001, Phone- 0663-2548530. D-23104




Newly opening SPA positively health benefits with expert therapist. 8917332216. D-71941

Newly open full body massage ladies and gents. 8327740003. D-71859

Refreshing your mind and body with the best therapy, 7873794731. D-23024

Relax, Refresh your body, Mind at SAIKRUPA Spa with best therapies. 8984068077. D-23068

Newly open SPA positively health benefit with Expert. Contact: 7749976301. D-71939

Full body massage in homely atmosphere all therapy. Contact: 8114881641. D-60895

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହର୍ପିସ ପରୀକ୍ଷାରୁ ହାତୀଛୁଆ ମାମା ମୁକ୍ତ

**ବାରଙ୍ଗ,୯।୨(ଡି.ଏନ୍.ଏ.)**

ନନ୍ଦନକାନନର ମୁଖ୍ୟ ଆକର୍ଷଣ ଥିବା ହାତୀଛୁଆ ମାମାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ରହିଛି। ପରୀକ୍ଷାନିରୀକ୍ଷା ପରେ ଭାଇରସ ହର୍ପିସର ଲକ୍ଷଣ ତା’ଦେହରେ ନ ଥିବାର ଜଣାପଡିଛି। ଗତ ୨ତାରିଖରେ ହର୍ପିସର ସାମାନ୍ୟତମ ଲକ୍ଷଣ ଦେଖାଦେଇଥିଲା। ଚିକିତ୍ସା କରାଯିବା ସହ ୪ ଓ ୮ତାରିଖରେ ପୁଣି ତା’ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ବୁଧବାର ରିପୋର୍ଟରେ ହର୍ପିସର କୌଣସି ଲକ୍ଷଣ ଦେଖା ନ ଯିବା ସହ ମାମା ସୁସ୍ଥ ରହିଛି। କେବଳ ସାମାନ୍ୟ ଥଣ୍ଡା ରହିଥିବା ବେଳେ ବିପଦମୁକ୍ତ ସହ ଭଲଭାବରେ ବିଚରଣ କରିବା ଓ ଖାଦ୍ୟ ଠିକ୍ ଭାବେ ଗ୍ରହଣ କରୁଛି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# ବର୍ଦ୍ଧମାନ ରାଜକୁମାରଙ୍କ ହାତ ଧରିଲେ ପୁରୀ ରାଜକୁମାରୀ

**ଭୁବନେଶ୍ୱର(ବ୍ୟୁରୋ)/ ପୁରୀ ଅଫିସ, ୯।୨**

ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ କନିଷ୍ଠା କନ୍ୟା ଦେବେଶୀ ଦେବୀଙ୍କ ବୁଧବାର ଭୁବନେଶ୍ୱରସ୍ଥିତ ଏକ ତାରକା ହୋଟେଲରେ ରାଜକୀୟ ପରମ୍ପରାରେ ବିବାହ ଅନୁଷ୍ଠିତ ହୋଇଯାଇଛି। ହରିୟାଣା ଗୁରୁଗ୍ରାମର ରାଜୀବ କେହେରଙ୍କ ପୁଅ ତଥା ବର୍ଦ୍ଧମାନ ରାଜକୁମାର ଆଦିତ୍ୟ କେହେରଙ୍କୁ ଜୀବନସାଥୀ ଭାବେ ଦେବେଶୀ ଗ୍ରହଣ କରିଛନ୍ତି। ଯୋଡ଼ି ଶଙ୍ଖ, ମହୁରୀ, ପୁରୀ ନାଗା, ମେଢ, ସିଂହବାଦ୍ୟର ତାଳେ ତାଳେ ରୋଶଣି କରି ବର ବେଶରେ ଆସିଥିଲେ ରାଜକୁମାର ଆଦିତ୍ୟ। ରାଜକୀୟ ପରମ୍ପରାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କୋଭିଡ୍ କଟକଣା ପାଇଁ ବିଶେଷ ଧୁମ୍‌ଧାମରେ ବିବାହ ହୋଇ ପାରି ନ ଥିଲା। ତେଣୁ ସ୍ୱଳ୍ପ ସଂଖ୍ୟକ ଅତିଥିଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଉକ୍ତ ବିବାହରେ ଦେଶର ବିଭିନ୍ନ ରାଜ୍ୟର ରାଜପରିବାରର ସଦସ୍ୟ ସାମିଲ ହୋଇଥିଲେ। ବିବାହ ପୂର୍ବରୁ ଶ୍ରୀନଅରରେ ପାଟ ମୁଦି, ତିଳକ, ମଙ୍ଗଳକୃତ୍ୟ ଆଦି ରୀତି ସମ୍ପନ୍ନ ହୋଇଥିଲା। ଗଜପତି ମହାରାଜା ଭୁବନେଶ୍ୱରର ତାରକା ହୋଟେଲରେ ବିବାହ ଭୋଜି ଆୟୋଜନ କରିଥିଲେ। ହୋଟେଲରେ ଅତିଥି ଏବଂ ବରପକ୍ଷଙ୍କ ପାଇଁ ପ୍ରାୟ ଶହେ ପ୍ରକାର ଓଡ଼ିଆ ପାରମ୍ପରିକ ଖାଦ୍ୟ ସହ ଚାଇନିଜ୍, କଣ୍ଟିନେଣ୍ଟାଲ ଖାଦ୍ୟ ପରଷା ଯାଇଥିଲା। ସେହିପରି ଶ୍ରୀନଅରରେ ମଧ ମହାପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ରାଜନଅରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅଧିକାରୀ, ମନ୍ଦିର ପରିଚାଳନା କମିଟି, ବରିଷ୍ଠ ସେବାୟତ ପ୍ରମୁଖଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସୂଚନାଯୋଗ୍ୟ, ବର୍ଦ୍ଧମାନ ରାଜ ପରିବାର ସହ ବିଭିନ୍ନ ରାଜ୍ୟର ରାଜ ପରିବାର ସଦସ୍ୟମାନେ ମଙ୍ଗଳବାର ପୁରୀରେ ପହଞ୍ଚିଥିଲେ। ସନ୍ଧ୍ୟାରେ କୋଭିଡ କଟକଣା ସହ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ। ନୀଳଗିରି ରାଜ ପରିବାର ସଦସ୍ୟ ଜୋସ୍ନୋ ଦେବୀ ମର୍ଦ୍ଦରାଜ ଯୋଗ ଦେଇଛନ୍ତି। ସହରରେ ରାଜାଘର ବିବାହ ଶୋଭାଯାତ୍ରା ଦେଖିବା ପାଇଁ ପ୍ରବଳ ଗହଳି ହୋଇଥିଲା।



ବରବେଶରେ ଯାଉଛନ୍ତି ବର୍ଦ୍ଧମାନ ରାଜକୁମାର ଆଦିତ୍ୟ କେହେର।

# ଟିଟିଲାଗଡ଼ କୋର୍ଟରେ ଗୋବିନ୍ଦ

## ମମିତା ମେହେର ହତ୍ୟା ମାମଲା



ଅଭିଯୁକ୍ତ ଗୋବିନ୍ଦ ସାହୁ

**ଟିଟିଲାଗଡ଼, ୯।୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ଗିରଫ ସମ୍ପୃକ୍ତ ସ୍କୁଲ ମାଲିକ ଗୋବିନ୍ଦ ସାହୁଙ୍କୁ ପୋଲିସ ବୁଧବାର ଟିଟିଲାଗଡ଼ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରିଥିଲା। ଉକ୍ତ କୋର୍ଟରେ ଅଭିଯୁକ୍ତ ସାହୁଙ୍କର କେହି ଓକିଲ ନ ଥିବାରୁ ଜେଏମ୍‌ଏଫ୍‌ସିଙ୍କ ଆଦେଶକ୍ରମେ ଆଇନଜୀବୀ ସୁରେନ୍ଦ୍ର ପଣ୍ଡା ଅଭିଯୁକ୍ତଙ୍କ ପକ୍ଷ ରଖିଥିଲେ। କୋର୍ଟରେ ହାଜର ପରେ ଗୋବିନ୍ଦଙ୍କୁ କଣ୍ଟାବାଞ୍ଜି ଉପକାରାଗାରକୁ ପଠାଇ ଦିଆଯାଇଥିବା ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ କହିଛନ୍ତି। ଟିଟିଲାଗଡ଼ ପୋଲିସ ବାରାକ୍‌ରୁ ଗୋବିନ୍ଦ ଫେରାର ହେବା ଘଟଣାରେ ଟିଟିଲାଗଡ଼ ଥାନାରେ ଆଇପିସି ୨୨୪ ଦଫାରେ ଏକ ମାମଲା (୪୩୧/୨୧) ରୁଜୁ ହୋଇଥିବା ନେଇ ତାଙ୍କୁ ହାଜର କରାଯାଇଥିଲା।

ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ଗତବର୍ଷ ଅକ୍ଟୋବର ୮ରୁ ଘରୁ ନିଖୋଜ ହେବା ନେଇ ସିନ୍ଧେକେଲା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଖୋଳତାଡ଼ ପରେ ଗୋବିନ୍ଦଙ୍କୁ ପୋଲିସ ବାରାକ୍‌ରେ ଅଟକ ରଖାଯାଇଥିଲା। ଗୋବିନ୍ଦ ଅକ୍ଟୋବର ୧୭ରେ ଚକ୍‌ମା ଦେଇ ଫେରାର ହୋଇଯାଇଥିଲେ। ଅକ୍ଟୋବର ୧୯ ପୂର୍ବାହ୍ନରେ ମହାଲିଙ୍ଗ ସରକାରୀ ହାଇସ୍କୁଲ ପଡ଼ିଆରୁ ପ୍ରାୟ ୧୦ଫୁଟ୍ ମାଟିତଳୁ ପୋଲିସ ମମିତାଙ୍କ ମୃତଦେହର ପୋଡ଼ାଅଂଶ ଜବତ କରିଥିଲା। ସେହିଦିନ ସନ୍ଧ୍ୟାରେ ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ବୁଢ଼ିପଦର ଗାଁର ଏକ ଆମ୍ବ କିଆରିରୁ ଗୋବିନ୍ଦଙ୍କୁ ଗିରଫ କରାଯାଇଥିଲା।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଅଶୋକ ଲେଲାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD05AF3754
ନିର୍ମାଣ ବର୍ଷ - 2017
ସଂରକ୍ଷିତ ମୂଲ୍ୟ - 1811000.00

2) ମଡେଲ ନଂ. ଅଶୋକ ଲେଲାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD23H7407
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 2140000.00

3) ମଡେଲ ନଂ. ଟାଟା ଏଲ୍‌ପିକେ 2518 ଟିପ୍ପର୍
ଗାଡ଼ି ନଂ.- OD09C9788
ନିର୍ମାଣ ବର୍ଷ - 2017
ସଂରକ୍ଷିତ ମୂଲ୍ୟ - 1268000.00

4) ମଡେଲ ନଂ. ଏଏଲ୍ 3118 ସିଏବି ଚେସିସ୍ ଗୁଡ୍‌ସ
ଗାଡ଼ି ନଂ.- OD35A8307
ନିର୍ମାଣ ବର୍ଷ - 2017
ସଂରକ୍ଷିତ ମୂଲ୍ୟ - 1617000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ‘‘ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ’’ ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:**
**ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**

# ମଠରେ କବାଡ଼ିଆଙ୍କୁ ହତ୍ୟା

- ଘଟଣାରେ ମହନ୍ତଙ୍କ ସମ୍ପୃକ୍ତି ଅଭିଯୋଗ
- ତୀବ୍ର ଉତ୍ତେଜନା, ରାସ୍ତାରୋକୋ

**ଢେଙ୍କାନାଳ ଅଫିସ, ୯।୨**

ଢେଙ୍କାନାଳ ଜିଲା ଗଁଦିଆ ଥାନା ପୋଲିସ ମନ୍ଦାର ନିକଟ ଶ୍ରୀଚୈତନ୍ୟ ଗୋସାଇଁଙ୍କ ମଠ ପରିସରରୁ ବୁଧବାର ଜଣେ କବାଡ଼ିଆ ବ୍ୟବସାୟୀଙ୍କ କ୍ଷତବିକ୍ଷତ ମୃତଦେହ ଜବତ କରିଛି। ମୃତକ ହେଲେ ଭୁବନ ଏନ୍‌ଏସି ୧୪ନଂ. ୱାର୍ଡର ଉଦ୍ଧବ ପାତ୍ର (୩୨)। ଏହି ହତ୍ୟାକାଣ୍ଡ ପଛରେ ମଠ ମହନ୍ତ ଦାଶରଥି ବେହେରାଙ୍କ ପ୍ରଚ୍ଛନ୍ନ ହାତ ଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମହନ୍ତଙ୍କ ପ୍ରକୋଷ୍ଠରୁ ଟାଙ୍ଗିଆ, ନୂଆ ଲୁଗା, ପୂଜା ସାମଗ୍ରୀ ମିଳିଥିବାରୁ ଏହା ନରବଳି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଉତ୍ତ୍ୟକ୍ତ ଲୋକେ ଷଡ଼ଙ୍ଗୀ-ଭୁବନ ରାସ୍ତା ଅବରୋଧ କରିଥିଲେ। ତେବେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶରୁ ବର୍ତ୍ତିବା ଲାଗି ଜୀବନ ବିକଳରେ ମଠର ଏକ ପ୍ରକୋଷ୍ଠରେ ଲୁଚିଥିବା ଅଭିଯୁକ୍ତ ମହନ୍ତଙ୍କୁ ପୋଲିସ କବାଟ ଭାଙ୍ଗି ଉଦ୍ଧାର କରିବା ପରେ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

ସୂଚନା ଅନୁଯାୟୀ, ଉଦ୍ଧବ ଜଣେ କବାଡ଼ିଆ ବ୍ୟବସାୟୀ। ସେ ଗାଁ ଗାଁ ବୁଲି ଲୁହାଟିଣ ସଂଗ୍ରହ କରି ବିକ୍ରି କରିଥାଆନ୍ତି। ମନ୍ଦାର ନିକଟ ରାସ୍ତାକଡ଼ରେ ଥିବା ଶ୍ରୀ ଚୈତନ୍ୟଙ୍କ ମଠରେ ୩ବର୍ଷ ହେଲା ରହି ଆସୁଥିବା ମହନ୍ତ ଦାଶରଥିଙ୍କ ପାଖକୁ ସେ ଯିବାଆସିବା କରୁଥିଲେ। ତେବେ ମହନ୍ତଙ୍କୁ ଚିଡ଼ାଇବା ଉଦ୍ଦେଶ୍ୟରେ ସେ ଆଶ୍ରମକୁ ଲାଗି ଏକ ଗଛମୂଳରେ ଠାକୁରାଣୀଙ୍କ ପୂଜା ସ୍ଥାନକୁ ଚପଲ ପିନ୍ଧି ଯାଉଥିଲେ। ଏହାକୁ ନେଇ ମହନ୍ତ ଦାଶରଥି ତାଙ୍କୁ ଗାଳିଗୁଲଜ କରୁଥିଲେ। ସେହିପରି ମହନ୍ତ ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ବୋଲି କହି ଲୋକଙ୍କୁ ପ୍ରଲୋଭିତ ମଧ୍ୟ କରୁଥିଲେ। ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ମା’ ଦମୟନ୍ତୀଙ୍କ ବାରଣ ସତ୍ତ୍ୱେ ଉଦ୍ଧବ ମୋପେଡ୍ (ନଂ. ଓଡି ୦୬ ଏଫ୍ ୫୬୭୬)ରେ ମଠକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମଠ ପରିସରରେ ପଡ଼ିଥିବା ଅଞ୍ଚଳବାସୀ ଦେଖିବାକୁ ପାଇଥିଲେ। ଏହାକୁ ନେଇ ମହନ୍ତ ସନ୍ଦେହ ବଳୟକୁ ଆସିଥିବାବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ପାଇ ଏସ୍‌ଡିପିଓ ବିକାଶ ବେଉରା, ଥାନାଧିକାରୀ ବିଷ୍ଣୁ ଚରଣ ବାରିକ, ଅତିରିକ୍ତ ତହସିଲଦାର ଗୀତୁ ବେହେରା ସାଇଣ୍ଟିଫିକ୍ ଦଳ ସହ ପହଞ୍ଚି ତଦନ୍ତ କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯିବା ପରେ ଅପରାହ୍ନ ସାଢ଼େ ୨ଟାରେ ରାସ୍ତାରୋକୋ ହଟିଥିଲା। ଏ ସଂକ୍ରାନ୍ତରେ ଗଦିଆଁ ଥାନାରେ ନଂ. ୪୦/୨୨ରେ ମାମଲା ରୁଜୁ କରାଯାଇଛି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଗୁଣିଗାରେଡ଼ିରୁ ଏହା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୃତକଙ୍କ ମା’ ଦମୟନ୍ତୀ କହିଛନ୍ତି, ଉଦ୍ଧବ ତାଙ୍କର ସମସ୍ତ ରୋଜଗାର ମହନ୍ତଙ୍କୁ ଦେଉଥିଲେ।



ମଠ ପରିସରରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ମୃତଦେହ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୧.୨୬କୋଟି ଦେଲା ପାନୀୟ ନିଗମ

**ଭୁବନେଶ୍ୱର, ୯।୨(ବ୍ୟୁରୋ):** ଓଡ଼ିଶା ରାଜ୍ୟ ପାନୀୟ ନିଗମ ତରଫରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କାର ଏକ ଚେକ୍ ପ୍ରଦାନ କରାଯାଇଛି। ଏଥିସହିତ ୨୦୨୦-୨୧ ଆର୍ଥିକ ବର୍ଷର ଡିଭିଡେଣ୍ଡ ବାବଦରେ ୬ କୋଟି ୨୬ ଲକ୍ଷ ୩୨୦ ହଜାର ୮୮ ଟଙ୍କାର ଆଉ ଏକ ଚେକ୍ ମଧ ଲୋହାନି ମୁଖ୍ୟ ଶାସନ ସଚିବଙ୍କ ମାଧ୍ୟମରେ ସରକାରଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟ ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏହି ରାଶିର ଚେକ୍ ନିଗମ ଅଧ୍ୟକ୍ଷ ସୁଶୀଲ କୁମାର ଲୋହାନିଙ୍କ ଠାରୁ ଗ୍ରହଣ କରିଛନ୍ତି। ଚେକ୍ ପ୍ରଦାନ କରି ଲୋହାନି କହିଛନ୍ତି, ଚଳିତ ୨୦୨୧-୨୨ ଆର୍ଥିକ ବର୍ଷ ଜୁନ୍‌ରେ ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ବର୍ତ୍ତମାନର ରାଶିକୁ ମିଶାଇ ଚଳିତ ଆର୍ଥିକ ବର୍ଷରେ ସମୁଦାୟ ୧୦ କୋଟି ଟଙ୍କା ନିଗମ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରାଯାଇଛି। ଚେକ୍ ଗ୍ରହଣକରି ମୁଖ୍ୟ ଶାସନ ସଚିବ ଲାଭଜନକ ପରିଚାଳନା ନିମନ୍ତେ ନିଗମର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

ଅର୍ଶଲା ଗ୍ରାମପଞ୍ଚାୟତର
ବିକାଶ ପାଇଁ ସୁଖ ଦୁଃଖର ସାଥୀ
ସରପଞ୍ଚ ପ୍ରାର୍ଥିନୀ
ହେମଲତା ନାଏକଙ୍କୁ





ନିଶୁଣୀ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାନ୍ତୁ

COMMISSIONERATE OF CT AND GST ODISHA (AT CUTTACK)
(FINANCE DEPARTMENT, GOVERNMENT OF ODISHA)

**No.S-47:** Sealed tenders are invited from reputed Agency / Service Providers to provide Security Guards (Six Numbers), Sweeping and Cleaning Personnel (Nine Numbers including one Supervisor) and Housekeeping Personnel (Twenty Numbers) to the Office of the Commissioner of CT & GST, Odisha, Cuttack for a period of three years w.e.f. 01.04.2022 to 31.03.2025

**Details can be seen in our website www.odishatax.gov.in**

**Sd/-Commissioner of CT & GST, Odisha (at Cuttack)**

**OIPR-05006/11/0009/2122**

CUTTACK MUNICIPAL CORPORATION
Choudhury Bazar, Cuttack-753001
Phone No.0671-2308424,Email ID:mccmc@nic.in
No.1865 Date:08.02.2022

**Request for Proposal (RFP)**

**For Appointment of Social Media Management Agency for Cuttack Municipal Corporation, Cuttack**

Proposals are invited from interested firms for Appointment of Social Media Management Agency for Cuttack Municipal Corporation, Cuttack by Dt.08/02/2022. The detailed document is available in the website of CMC i.e. **http://cmccuttack.gov.in.**

The selection shall be based on the capability and experience of the applicants for any assistance in this regard or for any clarification w.r.t. this tender document, the prospective firm may contact Mrs. Latashree Bag, OAS (SB), Mobile No.9556256600.

**Sd/- Commissioner**
**Cuttack Municipal Corporation**
**Choudhury Bazar, Cuttack-753001**
**Phone No- 0671-2308424, Email ID- mccmc@nic.in**

CMC, Cuttack reserves right to accept or reject any application and to annul the selection process at any time, without incurring any liability and without assigning any reason thereof.

## ମାଓବାଦୀ-ପୋଲିସ ଗୁଳି ବିନିମୟ ମାମଲା

# ସବ୍ୟସାଚୀ ନିର୍ଦ୍ଦୋଷରେ ଖଲାସ

**ଗୁଣପୁର,୯।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡ଼ାରି ଥାନା ଅଧୀନ କଚାଗୁଡ଼ା ଅଞ୍ଚଳରେ ୨୦୦୮ରେ ମାଓବାଦୀ ଏବଂ ପୋଲିସ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ସମେତ ୬ ଜଣ ଗିରଫ ହୋଇଥିଲେ। ସେମାନଙ୍କ ନିକଟରୁ ବିପୁଳ ପରିମାଣରେ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ଏହି ମାମଲାର ବୁଧବାର ବିଚାର ହୋଇଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ପାଇଛି। ସମସ୍ତ ୧୫ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ସବ୍‌ଜଜ୍ ସଙ୍ଗୀତା ମଲ୍ଲିକ ସବ୍ୟସାଚୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ବୁଧବାର ଏଡିଜେଙ୍କ କୋର୍ଟରେ ୬ ମାମଲା ବିଚାର ପାଇଁ ରହିଥିଲା। କୌଣସି ସାକ୍ଷୀ ଉପସ୍ଥିତ ନ ଥିବାରୁ ବିଚାର ହୋଇପାରି ନ ଥିଲା। ଏଡିଜେ କୋର୍ଟରେ ମାର୍ଚ୍ଚ ୪ ଏବଂ ୫ରେ ପୁଣି ଶୁଣାଣି ହେବ। ସେହିପରି ସବ୍‌ଜଜ୍‌ଙ୍କ କୋର୍ଟରେ ଆସନ୍ତା ୨୧, ୨୨ରେ ସବ୍ୟସାଚୀଙ୍କୁ ହାଜର କରିବା ପାଇଁ କୋର୍ଟ ପକ୍ଷରୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ମାମଲାରେ ରାୟ ପ୍ରକାଶ ପାଇବା ପରେ ସବ୍‌ଜଜ୍‌ଙ୍କ କୋର୍ଟରେ ୪ ଏବଂ ଏଡିଜେଙ୍କ କୋର୍ଟରେ ୧୨ଟି ସମୁଦାୟ ୧୬ ମାମଲା ସବ୍ୟସାଚୀଙ୍କ ନାମରେ ରହିଥିବା ଜଣାପଡ଼ିଛି।



ଓକିଲଙ୍କ ସହ ସବ୍ୟସାଚୀ।

ବାଲିବନ୍ଧ ଗ୍ରାମପଞ୍ଚାୟତର
ସର୍ବାଙ୍ଗୀନ ଉନ୍ନତି ପାଇଁ ସୁଖ ଦୁଃଖର ସାଥୀ
ସମିତି ସଭ୍ୟ ପ୍ରାର୍ଥୀ
ମହେନ୍ଦ୍ର ପଟ୍ଟନାୟକ (ଲୁଲୁ)ଙ୍କୁ





ଷ୍ଟୁଲ ଚିହ୍ନରେ ମୋହର ମାରି ଜୟଯୁକ୍ତ କରାନ୍ତୁ

# ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯୁବକଙ୍କ ମୃତ୍ୟୁ

- ଠିକାସଂସ୍ଥା ଜେସିବି, ପୋକ୍‌ଲିନ୍ ପୋଡ଼ିଥିଲେ ମାଓବାଦୀ

**ଫୁଲବାଣୀ ଅଫିସ/ ବାଲିଗୁଡ଼ା(ଡି.ଏନ୍.ଏ.),୯।୨**

ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଭିନ୍ନ ଉପାୟରେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି। ସେମାନେ ନିର୍ବାଚନକୁ ବିରୋଧ କରି ପୋଷ୍ଟର, ବ୍ୟାନର ଲଗାଇବା ସହ ଲ୍ୟାଣ୍ଡମାଇନ୍ ବିଛାଉଥିବା ଦେଖାଯାଉଛି। ମାତ୍ର ୫ ଦିନ ମଧ୍ୟରେ କଳାହାଣ୍ଡି ଓ କନ୍ଧମାଳ ଜିଲାରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟଣାରୁ ସେମାନେ ନିଜ ରଣକୌଶଳ ପରିବର୍ତ୍ତନ କରୁଥିବା ଆଶଙ୍କା କରାଯାଉଛି। ଗତ ଶନିବାର ପୂର୍ବାହ୍ନରେ କଳାହାଣ୍ଡି ଜିଲା ମ.ରାମପୁର ବ୍ଲକରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ‘ଧରିତ୍ରୀ’ର ମୋହନଗିରି ଖବରଦାତା ରୋହିତ ବିଶ୍ୱାଳ ପ୍ରାଣ ହରାଇଥିଲେ। ମୋହନଗିରି ରାସ୍ତାରେ ମରାଯାଇଥିବା ମାଓବାଦୀ ବ୍ୟାନର, ପୋଷ୍ଟରରେ କ’ଣ ଲେଖାଯାଇଛି ରୋହିତ ତାହା ଜାଣିବା ପାଇଁ ଯାଇଥିବା ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା। ଏହି ଘଟଣାର ସପ୍ତାହେ ନ ହେଉଣୁ ବୁଧବାର କନ୍ଧମାଳ ଜିଲାରେ ଅନୁରୂପ ଭାବେ ଜଣେ ୨୨ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫିରିଙ୍ଗିଆ ଥାନା ସାଡ଼ୀଙ୍ଗିଆ ପଞ୍ଚାୟତ କିଆମୁଣ୍ଡା ଗାଁର ପିଙ୍କୁ କହଁର। ପିଙ୍କୁ ଗାଈ ଚରାଇବାକୁ ଯାଇଥିବା ବେଳେ ଲ୍ୟାଣ୍ଡମାଇନ୍ ସଂସ୍ପର୍ଶରେ ଆସି ଯାଇଥିଲେ। ହଠାତ୍ ସେଠାରେ ବିସ୍ଫୋରଣ ହେବାରୁ ତାଙ୍କର ଜୀବନ ଯାଇଛି।

କିଆମୁଣ୍ଡା ଗାଁ ନିକଟରେ ଏକ ରାସ୍ତା କାମ ଚାଲିଛି। ଏହାକୁ ବିରୋଧ କରି ସୋମବାର ରାତିରେ ମାଓବାଦୀମାନେ ଉକ୍ତ ରାସ୍ତା କାମ କରୁଥିବା ଠିକାସଂସ୍ଥାର ଗୋଟିଏ ଜେସିବି ଓ ଗୋଟିଏ ପୋକ୍‌ଲିନ୍ ମେସିନକୁ ପୋଡ଼ି ଦେଇଥିଲେ। ପରେ ସେଠାରେ ବ୍ୟାନର ଓ ପୋଷ୍ଟର ଲଗାଇବା ସହ ଲ୍ୟାଣ୍ଡମାଇନ୍ ମଧ୍ୟ ଖଞ୍ଜିଥିଲେ। ମଙ୍ଗଳବାର ଅପରାହ୍ନରେ ପୋଲିସ ସହ ସନ୍ଧାନୀ କୁକୁର ଘଟଣାସ୍ଥଳକୁ ଯାଇଥିଲେ। ଉକ୍ତ ଅଞ୍ଚଳରୁ ଗୋଟିଏ ବୋମାକୁ ଫୁଟାଯାଇଥିବା ବେଳେ ଅନ୍ୟ ଗୋଟିଏ ନିଷ୍କ୍ରିୟ କରାଯାଇଥିଲା। ବୁଧବାର ବିସ୍ଫୋରଣରେ ମୃତ୍ୟୁ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ପୋଲିସ ଉପରେ ପ୍ରତିଶୋଧ ପରାୟଣ ହୋଇ ମାଓବାଦୀମାନେ ସାଧାରଣ ଲୋକଙ୍କ ଜୀବନ ନେଉଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି। ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ଅପରାହ୍ନରେ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ପୋଲିସ ସମସ୍ତ ମାଓବାଦୀ ବ୍ୟାନର ହଟାଇଛି। ସିଆରପିଏଫ, ଡିଭିଏଫ୍ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ସର୍ଚ୍ଚ ଅପରେଶନ ଜାରି ରହିଛି। ପିଙ୍କୁଙ୍କ ପରିବାରକୁ ସରକାର ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ବାଲିଗୁଡ଼ା ଏନ୍‌ଏସିର ସୁନାପାଙ୍ଗା, ପଣସପଡ଼ି, ନୂଆସାହି ଆଦି ସ୍ଥାନରେ ମଧ୍ୟ ମାଓବାଦୀ ପୋଷ୍ଟର ଲାଗିଥିବା ଦେଖାଯାଇଥିଲା। ପୋଲିସ ସେ ସବୁକୁ ଜବତ କରିଛି।



ମାଓବାଦୀ ପୋଷ୍ଟର।

**APPENDIX A TO SCHEDULE III**
**ଅନୁଗୋଳ ପୌର ପରିଷଦ**
**ପ୍ରେସ ବିଜ୍ଞପ୍ତି**

ଅନୁଗୋଳ ପୌର ପରିଷଦ ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା ଅନୁଗୋଳ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା ଅନୁଗୋଳ ପୌର ପରିଷଦ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୫.୦୨.୨୦୨୨ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ । ଭୋଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତାଙ୍କର ନାମ ସଂପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରୀ ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ.III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ ସେମାନେ ମଧ ସଂଶୋଧନ ପାଇଁ ଫାରମ ନଂ. IV ରେ ଦରଖାସ୍ତ ତାରିଖ ୧୧.୦୨.୨୦୨୨ରୁ ତାରିଖ ୧୬.୦୨.୨୦୨୨ ମଧ୍ୟରେ ଦାଖଲ କରିପାରିବେ । ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସଂପର୍କରେ ଆପତ୍ତି ଫାରମ ନଂ. IV ରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ । ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛାପା ଫାରମ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

**ସ୍ୱା./-ନିର୍ବାଚନ ଅଧିକାରୀ, ଅନୁଗୋଳ ପୌର ପରିଷଦ**

**APPENDIX A TO SCHEDULE III**
**ବ୍ୟାସନଗର ପୌର ପରିଷଦ**
**ପ୍ରେସ୍ ବିଜ୍ଞପ୍ତି**

No.C-1869:- ବ୍ୟାସନଗର ପୌର ପରିଷଦର ନିର୍ବାଚନ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଜାନୁୟାରୀ ୨୦୨୨ରେ ପ୍ରକାଶିତ ବିଧାନସଭା ଭୋଟର ତାଲିକାକୁ ଭିତ୍ତିକରି ପ୍ରାଥମିକ ଭୋଟର ତାଲିକା **ତା୧୦।୦୨।୨୦୨୨ରିଖ** ପୌର ପରିଷଦର କାର୍ଯ୍ୟାଳୟରେ ପ୍ରକାଶନ କରାଯାଇଛି ଏବଂ ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଉକ୍ତ ଭୋଟର ତାଲିକା **ବ୍ୟାସନଗର ପୌରପାଳିକା** କାର୍ଯ୍ୟାଳୟରେ **ତା୧୧।୦୨।୨୦୨୨ରିଖରୁ ତା୧୫।୦୨।୨୦୨୨ରିଖ** ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ। ଭୋଟରମାନଙ୍କୁ ଜଣାଇ ଦିଆଯାଇଛି ଯେ, ତାଙ୍କର ନାମ ସମ୍ପୃକ୍ତ ୱାର୍ଡରେ ଠିକ୍ ଭାବେ ଭୋଟର ତାଲିକାଭୁକ୍ତ ହୋଇଛି କି ନାହିଁ ତନଖି କରିନିଅନ୍ତୁ । ଯଦି କୌଣସି ଭୋଟରଙ୍କ ନାମ ବିଧାନସଭା ଭୋଟର ତାଲିକାଭୁକ୍ତ ଥାଇ ୱାର୍ଡୱାରି ପ୍ରସ୍ତୁତ ହୋଇଥିବା ପୌର ପରିଷଦ ଭୋଟର ତାଲିକାରେ ସ୍ଥାନ ପାଇ ନ ଥାଏ ତେବେ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ସଂଶୋଧନ କରିବା ପାଇଁ ଫାରମ ନଂ. III ରେ ଦରଖାସ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ **ତା୧୧।୦୨।୨୦୨୨**ରିଖରୁ **ତା୧୬।୦୨।୨୦୨୨ରିଖ** ମଧ୍ୟରେ ଦାଖଲ କରିପାରିବେ ଏବଂ ଯେଉଁମାନଙ୍କର ନାମ ଭୁଲ୍ ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବ, ସେମାନେ ମଧ ସଂଶୋଧନ ପାଇଁ ଫାରମ ନଂ. IVରେ ଦରଖାସ୍ତ **ତା୧୧।୦୨।୨୦୨୨ରୁ ତା୧୬।୦୨।୨୦୨୨** ମଧ୍ୟରେ ଦାଖଲ କରିପାରିବେ। ପ୍ରାଥମିକ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ଭୋଟରଙ୍କର ନାମ ସମ୍ପର୍କରେ ଆପତ୍ତି ଫାରମ ନଂ. IVରେ ଉପରୋକ୍ତ ତାରିଖ ମଧ୍ୟରେ ଦାଖଲ କରିପାରିବେ। ଫାରମ ନଂ. III ଓ ଫାରମ ନଂ. IV ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିନା ମୂଲ୍ୟରେ ମିଳିପାରିବ । ଯଦି ନିର୍ଦ୍ଧାରିତ ଛପା ଫାରମ୍ ନ ମିଳେ, ତେବେ ତାହାର ଅବିକଳ ନକଲ ହାତରେ ଲେଖି ଅଥବା ଟାଇପ୍, ଫଟୋକପି କିମ୍ବା ସାଇକ୍ଲୋଷ୍ଟାଇଲ୍ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ ।

**ସ୍ୱା./- ନିର୍ବାଚନ ଅଧିକାରୀ**
**ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର**
**ଯାଜପୁର**

OIPR-13092/11/0022/2122

> ବିଶ୍ୱସୃଷ୍ଟି ଆରମ୍ଭରେ ଥିଲା ପ୍ରେମ ଏବଂ ପ୍ରେମ ହିଁ ଭଗବାନ। ... ପ୍ରେମ ହିଁ କେବଳ ପୃଥିବୀର ଦୁଃଖ ଯନ୍ତ୍ରଣା ଉପଶମ କରିବା ପାଇଁ ସମର୍ଥ। .. ଏ ବିଶ୍ୱରେ ଯେତେ ପ୍ରକାର ଶକ୍ତି କାର୍ଯ୍ୟ କରୁଛନ୍ତି- ସେମାନଙ୍କ ଭିତରେ ପ୍ରେମ ହିଁ ସବୁଠାରୁ ଅପ୍ରତିରୋଧ ଓ ସବୁଠାରୁ କ୍ଷମତାଶାଳୀ। -ଶ୍ରୀମା



# ଡିଜିଟାଲ ଅଧିକାର



ମାଗ୍ରେଥ ଭେଷ୍ଟାଗର୍

ବ୍ୟବସାୟ, ପଢ଼ା, କିଣାବିକା, ସମ୍ପର୍କ ରକ୍ଷା କରିବା, ସାଥୀ ପାଇବା କିମ୍ବା ପରିବାର ଓ ବନ୍ଧୁଙ୍କ ସାହାଯ୍ୟ ଯୋଗାଇବା କ୍ଷେତ୍ରରେ ଇଣ୍ଟରନେଟର ଗୁରୁତ୍ୱ ଦର୍ଶାଇବାକୁ ମହାମାରୀର ଆବଶ୍ୟକତା ନ ଥିଲା। ମହାମାରୀ ପୂର୍ବରୁ ଇଣ୍ଟରନେଟ ସହ ଆମେ ଅଭ୍ୟସ୍ତ ଥିଲୁ। କିନ୍ତୁ ମହାମାରୀ ଆମକୁ କେବଳ ଏତିକି ସ୍ମରଣ କରିଦେଲା ଯେ, ଅନ୍‌ଲାଇନ ବ୍ୟବହାରରେ ବିକାଶ ପାଇଁ ଆମେ କାମ କରିବା ଦରକାର। ଏଣୁ ଏହାର ଗୁରୁତ୍ୱ ବୁଝି ଏହା ଉପରେ କାମ କରିବାକୁ ହେବ। ଆମେ ଡିଜିଟାଲ ବିଶ୍ୱର ପରିଚାଳନା କିପରି କରିବା ତାହା ଗୁରୁତ୍ୱପୂର୍ଣ୍ଣ। ଯେଉଁମାନେ ପ୍ରଥମ କରି ଡିଜିଟାଲ ବିଶ୍ୱ ମୁହାଁ ହେଉଛନ୍ତି ସେମାନେ ଜାଣିବା ଦରକାର ଡିଜିଟାଲ ବିଶ୍ୱରୁ ଆମେ କ'ଣ ହାସଲ କରିବାକୁ ଚାହୁଁ। ଏହା ଜାଣିଲେ ଡିଜିଟାଲ ବିଶ୍ୱ ପରିଚାଳନାରେ ସହାୟକ ହୋଇପାରିବ। ଦୃଷ୍ଟାନ୍ତସ୍ୱରୂପ, ଆମେ ଚାହୁଁ ଲୋକମାନେ କେମିତି ଶସ୍ତାରେ ନେଟ୍‌ୱର୍କ ଓ ପ୍ରଯୁକ୍ତି ଉପଯୋଗର କୌଶଳ ପାଆନ୍ତୁ। କେଉଁ ଡାଟା କେତେବେଳେ କାହା ସହ ସେୟାର କରାଯିବ ତାହା ଚୟନ କରିବା ଏବଂ ଆମ ଟାବଲେଟ ଓ ଭିଡିଓ ପ୍ରବାହର କାର୍ବନ ନିର୍ଗମନ ସମ୍ପର୍କରେ ଜଣାଇବାକୁ ଚାହୁଁ। ଅଫ୍‌ଲାଇନରେ ଯେଭଳି ସୁରକ୍ଷିତ ରହିବୁ ଅନ୍‌ଲାଇନରେ ତା'ଠାରୁ ବେଶି ସୁରକ୍ଷିତ ରହିବାକୁ ଚାହୁଁ।

ୟୁରୋପ ଏବଂ ଅବଶିଷ୍ଟ ବିଶ୍ୱର ସମସ୍ତେ ଏସବୁ ମୌଳିକ ସିଦ୍ଧାନ୍ତ ଉପରେ ଭରସା କରିବା ଉଚିତ। ପ୍ରତ୍ୟେକ ଜାଣିବା ଆବଶ୍ୟକ ଯେ, ଏହି ଅଧିକାରଗୁଡ଼ିକ ରହିଛି ଏବଂ ଏହା ବଳରେ ଡିଜିଟାଲ କ୍ଷତିରୁ ସୁରକ୍ଷିତ ରହିହେବ। ୟୁରୋପିଆନ କମିଶନ ଡିଜିଟାଲ ଅଧିକାର ଏବଂ ସିଦ୍ଧାନ୍ତ ଗୁଡ଼ିକର ଏକ ସାଧାରଣ ଢାଞ୍ଚା ସ୍ଥିର କରି ଏହାକୁ ପ୍ରୋତ୍ସାହିତ କରୁ ବୋଲି ୟୁରୋପୀୟ ସରକାରଗୁଡ଼ିକ ଏବଂ ୟୁରୋପିଆନ ପାର୍ଲାମେଣ୍ଟ ସଦସ୍ୟମାନଙ୍କ ସମେତ ୟୁରୋପୀୟ ସଂଘ(ଇୟୁ) ଅନ୍ତର୍ଗତ ସମସ୍ତ ୨୭ଟି ଦେଶର ୮୨ ପ୍ରତିଶତ ଲୋକ ଚାହାନ୍ତି। ଗତ ମାସରେ କମିଶନଙ୍କ ଡିଜିଟାଲ ଅଧିକାର ଏବଂ ସିଦ୍ଧାନ୍ତଗୁଡ଼ିକର ପ୍ରସ୍ତାବିତ ଘୋଷଣାପତ୍ର ପ୍ରକାଶ ପାଇଥିଲା। ଏହା ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଛି। ଡିଜିଟାଲ ସିଦ୍ଧାନ୍ତଗୁଡ଼ିକ ମାନବ କେନ୍ଦ୍ରିକ ହେବା ଉଚିତ ଏବଂ କେହି ଯେମିତି ପଛରେ ରହି ନ ଯାଆନ୍ତି ତାହାକୁ ଲକ୍ଷ୍ୟ କରି ଏହାକୁ ଡିଜାଇନ କରାଯାଇଛି। ଯେଉଁ ସମୟରେ ଡିଜିଟାଲ ପ୍ରଯୁକ୍ତି ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ସେ ସମୟରେ ଆମେ ସୁରକ୍ଷିତ ଉପକରଣ ଚାହୁଁ, ଯାହା ସମସ୍ତଙ୍କ ପାଇଁ କାମ କରିବ ଓ ଆମ ଅଧିକାରକୁ ଗୁରୁତ୍ୱ ଦେବ।

ଏହାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଅଧିକାର ଓ ସିଦ୍ଧାନ୍ତଗୁଡ଼ିକୁ ୬ଟି ଅଧ୍ୟାୟ ବା ଭାଗରେ ବର୍ଗୀକୃତ କରାଯାଇଛି। ପ୍ରଥମରେ, ଡିଜିଟାଲ ପରିବର୍ତ୍ତନ ଧାରାରେ ଲୋକମାନଙ୍କ ସେବା କରିବା ପ୍ରଯୁକ୍ତିର ମହତ ଲକ୍ଷ୍ୟ ହେବା ଉଚିତ। ଆମେ ସୁରକ୍ଷିତ ଏବଂ ଆମ ମୌଳିକ ଅଧିକାରଗୁଡ଼ିକର ସମ୍ମାନ ରହିବ ବୋଲି ଜାଣିବା ପରେ ହିଁ ଆମ ଆକାଂକ୍ଷାକୁ ଆଗକୁ ବଢ଼ାଇବା ପାଇଁ ସକ୍ଷମ ହୋଇପାରିବା। ଦ୍ୱିତୀୟତଃ,ସାମାଜିକ ଏକତା। ଡିଜିଟାଲ ବିଶ୍ୱରୁ ଲାଭ ପାଇପାରିବେ ବୋଲି ସମସ୍ତେ ଅନୁଭବ କରିବା ଦରକାର। ସେଥିପାଇଁ ଆମ ପ୍ରସ୍ତାବିତ ଢାଞ୍ଚା ଡିଜିଟାଲ ଶିକ୍ଷା, ଯୋଗାଯୋଗ ଏବଂ ଡିଜିଟାଲ ପବ୍ଲିକ୍ ସର୍ଭିସ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛି। ୟୁରୋପୀୟ ସଂଘର ସମସ୍ତ ଦେଶର ସହଜ ଓ ଶସ୍ତାରେ ଡିଜିଟାଲ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ମଧ୍ୟ ଏହା ମଧ୍ୟରେ ଅନ୍ତର୍ଭୁକ୍ତ। ତୃତୀୟ ଭାଗରେ ଚୟନର ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଇଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତା ପ୍ରଯୁକ୍ତିଗୁଡ଼ିକ ଲୋକଙ୍କ ନିଷ୍ପତ୍ତିର ପୂର୍ବ ନିର୍ଦ୍ଧାରଣ କରିବା ଉଚିତ ନୁହେଁ ବୋଲି ଏଥିରେ ଦର୍ଶାଯାଇଛି। ସମସ୍ୟା ସମାଧାନ କରିବାର ନିୟମଗୁଡ଼ିକ ସ୍ୱଚ୍ଛ ହେବା ଦରକାର ଏବଂ ଡାଟା ସାମ୍ପଲ ଯଥା ସମ୍ଭବ ନିଷ୍ପକ୍ଷ ହେବା ଉଚିତ। କେବଳ ଆମ ଅଧିକାର ଓ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷିତ ରଖିବାକୁ ଏହିସବୁ ସିଦ୍ଧାନ୍ତ ଦରକାର ତାହା ନୁହେଁ, ବରଂ ଆମ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ମଧ୍ୟ ଏହା ଆବଶ୍ୟକ।

ଚତୁର୍ଥରେ, ଡିଜିଟାଲ ସାର୍ବଜନୀନ କ୍ଷେତ୍ରରେ ଆମକୁ ବ୍ୟାପକ ଭାଗୀଦାରି ନିଶ୍ଚିତ କରିବାକୁ ହେବ। ବାକ୍ ସ୍ୱାଧୀନତାର ସୁରକ୍ଷା ହେଉ ଅବା ଅବୈଧ ବିଷୟ କିମ୍ବା ଭୁଲ୍‌ତଥ୍ୟ ରୋକିବାକୁ ପଦକ୍ଷେପ ନେଲେ ଗଣତନ୍ତ୍ର ସୁରକ୍ଷିତ ରହିବ ବୋଲି ଦର୍ଶାଯାଇଛି। ଗଣତାନ୍ତ୍ରିକ ବିତର୍କକୁ ପ୍ରୋତ୍ସାହିତ କରିବା ଲାଗି ସମସ୍ତଙ୍କ ପାଇଁ ଉପଯୋଗୀ ଅନ୍‌ଲାଇନ ପରିବେଶ ଦରକାର। ବିଭାଜନ ଏବଂ ଧ୍ରୁବୀକରଣକୁ ପ୍ରୋତ୍ସାହିତ କରି ଏହା ହାସଲ କରିବାକୁ ଚାହୁଁନାହୁଁ ବୋଲି ଉଲ୍ଲେଖ କରାଯାଇଛି। ଏହା ସହ ଲୋକମାନେ ଜାଣିଥିବା ଭାଷାରେ ତଥ୍ୟର ବିଭିନ୍ନ ଉତ୍ସ ପାଇବା ଉଚିତ। ପଞ୍ଚମରେ ସୁରକ୍ଷା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ବ୍ୟକ୍ତି ସାଇବର ଆଟାକ୍‌ରୁ ସୁରକ୍ଷିତ ରହିବା ଲାଗି ଡିଜିଟାଲ ପ୍ରଯୁକ୍ତି, ଉତ୍ପାଦ ଏବଂ ସେବା ପାଇବା ଆବଶ୍ୟକ। ୟୁଜର୍‌ଙ୍କ ଗୋପନୀୟତା ରକ୍ଷା ପାଇଁ ଏଗୁଡ଼ିକର ଡିଜାଇନ ହେବା ଆବଶ୍ୟକ। ବିଶେଷକରି ଇଣ୍ଟର୍‌ନେଟ ଦ୍ୱାରା ହେଉଥିବା ଅପରାଧରୁ ପିଲାମାନଙ୍କୁ ରକ୍ଷା କରିବା ଦରକାର। ଶେଷ ତଥା ଷଷ୍ଠ ଅଧ୍ୟାୟ ପରିବେଶଗତ ସମନ୍ୱୟ ରକ୍ଷା କରିବା ଲାଗି ପ୍ରାକୃତିକ ସଂସାଧନର କ୍ଷୟ ରୋକିବା ଉପରେ ପ୍ରାଥମିକତା ଦିଆଯାଇଛି। ପ୍ରଯୁକ୍ତିର କ'ଣ ପରିବେଶଗତ ପ୍ରଭାବ ରହିଛି ସେ ସମ୍ପର୍କିତ ତଥ୍ୟ ୟୁଜରମାନେ ପାଇବା ଦରକାର। ଜଳବାୟୁ ଲକ୍ଷ୍ୟ ହାସଲ କରିବା ଭଳି ପ୍ରଯୁକ୍ତି ବିକାଶ କରିବା ସହ ତାହାକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଭାଗ୍ୟବଶତଃ, କାର୍ବନ ନିର୍ଗମନ ହ୍ରାସ ପାଇଁ ଡିଜିଟାଲ ପ୍ରଯୁକ୍ତିଗୁଡ଼ିକର ଯଥେଷ୍ଟ କ୍ଷମତା ରହିଛି ଏବଂ ଏହା ଆମକୁ ସାହାଯ୍ୟ କରିବ। ନୂତନ ବିଜ୍‌ନେସ ମଡେଲ, ଅଧିକ ପ୍ରଭାବୀ ସେବା ,ଉତ୍ତମ ପରିଚାଳନା ଦ୍ୱାରା ଏହା ସମ୍ଭବ ହୋଇପାରିବ।

ସଂକ୍ଷେପରେ କହିବାକୁ ଗଲେ ୟୁରୋପୀୟଙ୍କ ଦୈନନ୍ଦିନ ଜୀବନରେ ଡିଜିଟାଲ ପ୍ରଯୁକ୍ତିର ଗୁରୁତ୍ୱକୁ ପ୍ରସ୍ତାବିତ ଘୋଷଣାପତ୍ର ଉପସ୍ଥାପନ କରିଛି। ସଶକ୍ତୀକରଣ, ଭାଗୀଦାରି, ତଥ୍ୟ ଉପଲବ୍ଧତା, ସଂସାଧନର ଉପଯୋଗ ଏବଂ ସୁରକ୍ଷା ଦିଗରେ ଏହାର ମହତ୍ତ୍ୱ ରହିଛି। ଲୋକଙ୍କୁ ବିଭାଜିତ କରିବା ପରିବର୍ତ୍ତେ ଯୋଡ଼ିବା ଭଳି ପ୍ରଯୁକ୍ତିର ଉପଯୋଗରେ ଏହା ସମ୍ଭବ ହେବ ବୋଲି ପ୍ରକାଶ କରିଛି। ଏସବୁ ଅଧିକାର ଓ ସିଦ୍ଧାନ୍ତର ସଙ୍କଳନ କରି ଡିଜିଟାଲ ପରିବର୍ତ୍ତନ ପାଇଁ ଏକ ସ୍ପଷ୍ଟ ନିର୍ଦ୍ଦେଶ ଏବଂ ନକ୍ସା ଉପସ୍ଥାପନ କରାଯାଇଛି। ନୂଆ ପ୍ରଯୁକ୍ତିରେ କାମ କରୁଥିବା ବିଜ୍‌ନେସ୍ ଏବଂ ନୂଆ ଯୋଜନା ବିକାଶ କରୁଥିବା ନୀତିନିର୍ଦ୍ଧାରକଙ୍କ ପାଇଁ ଏହା ହିଁ ପ୍ରଥମ ସୋପାନ। ଡିଜିଟାଲ ସିଦ୍ଧାନ୍ତଗୁଡ଼ିକ ସହ ଆମେ ମଧ୍ୟ ଏକ ୟୁରୋପୀୟ ମାନକ ସ୍ଥିର କରିଛୁ। ଡାଟା ସୁରକ୍ଷା ଓ ଉପଭୋକ୍ତା ଅଧିକାର କ୍ଷେତ୍ରରେ ଆମେ ଯାହା କରିଥିଲୁ ସେଭଳି ସମାନ ଦୃଷ୍ଟିକୋଣକୁ ଉକ୍ତ ମାନକ ସାରା ବିଶ୍ୱରେ ପ୍ରଚାର କରିବ ବୋଲି ଆଶାକରୁଛୁ।

ୟୁରୋପୀୟ ପାର୍ଲାମେଣ୍ଟର ପ୍ରେସିଡେଣ୍ଟମାନେ, ୟୁରୋପିଆନ କାଉନ୍‌ସିଲ ଏବଂ ୟୁରୋପିଆନ କମିଶନଙ୍କ ଦ୍ୱାରା ଉକ୍ତ ଘୋଷଣାପତ୍ର ସ୍ୱାକ୍ଷରିତ ହେବ ବୋଲି ଆମେ ଆଶାକରୁ। ଇୟୁର ୨୦୩୦ ଡିଜିଟାଲ ଲକ୍ଷ୍ୟର ଅଗ୍ରଗତିକୁ ନେଇ ଆୟୋଜିତ ବାର୍ଷିକ ସମୀକ୍ଷାରେ ଏହାକୁ ସାମିଲ କରିବା ସକାଶେ ବିଚାର କରାଯାଉଛି। ଏହା ସହ ଆମେ ପ୍ରତିବର୍ଷ ଡିଜିଟାଲ ପ୍ରଯୁକ୍ତିକୁ ନେଇ ୟୁରୋପୀୟମାନଙ୍କର ରହିଥିବା ସମସ୍ୟା ଉପରେ ସେମାନଙ୍କ ସହ ପରାମର୍ଶ କରିବୁ। ତେବେ କିଛି ମାସ ପୂର୍ବରୁ ୟୁରୋପୀୟଙ୍କ ଉପରେ ଏକ ସର୍ଭେ କରାଯାଇଥିଲା। ପ୍ରତି ୧୦ଜଣରେ ୮ ଜଣ କହିଥିଲେ ଯେ, ଡିଜିଟାଲ ଉପକରଣ ଯେତିକି ଉପକାର କରିବ ସେତିକି କ୍ଷତି ପହଞ୍ଚାଇବ। ଏଥିରେ ଭାଗ ନେଇଥିବା ଲୋକଙ୍କ ମଧ୍ୟରୁ ୪୦ ପ୍ରତିଶତ ସେମାନଙ୍କ ମୌଳିକ ଅଧିକାରଗୁଡ଼ିକ ସମ୍ପର୍କରେ ସଚେତନ ନ ଥିଲେ। ଲୋକଙ୍କ ସହ ପରାମର୍ଶ କରିବା ପରେ ଆମେ ଚିନ୍ତାରେ ପଡ଼ିଯାଇଛୁ। ସମାଜକୁ ଅଧିକ ଡିଜିଟାଇଜେଶନ କରିବାକୁ ହେଲେ ଆମକୁ ସଚେତନତା ବଢ଼ାଇବାକୁ ପଡ଼ିବ ଏବଂ ଅନ୍‌ଲାଇନ ଅଧିକାରଗୁଡ଼ିକୁ ନିଶ୍ଚିତ କରିବାକୁ ହେବ।

**ଏକ୍‌ଜିକ୍ୟୁଟିଭ୍ ଭାଇସ ପ୍ରେସିଡେଣ୍ଟ, ୟୁରୋପିଆନ କମିଶନ**

# ଚାଲ ସ୍କୁଲ ଯିବା



ଘାସିରାମ ପଣ୍ଡା

ଉଚ୍ଚନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ବିଦ୍ୟାଳୟ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମାଧ୍ୟମିକ ଓ ତଦୂର୍ଦ୍ଧ୍ୱ ଶ୍ରେଣୀଗୁଡ଼ିକ ୭ ଫେବୃଆରୀରୁ ଖୋଲିଛି। ସେହିପରି ପ୍ରାଥମିକ ଶ୍ରେଣୀଗୁଡ଼ିକ ୧୪ ଫେବୃଆରୀରୁ ଖୋଲିବ। ଯେଉଁ ଛାତ୍ରୀଛାତ୍ର ବିଦ୍ୟାଳୟ ଯାଉଛନ୍ତି ସେମାନଙ୍କ ମଧ୍ୟରେ ଉତ୍ସାହ ଅଛି। ବିଦ୍ୟାଳୟରେ ପାଠପଢ଼ା ବ୍ୟତୀତ ସାଙ୍ଗସାଥୀଙ୍କ ସହ ଖେଳିବା, ପାଠ ଓ ଶାଠର ଆଲୋଚନା କରିବା ସେମାନଙ୍କ ଉତ୍ସୁକତାକୁ ବଢ଼ାଉଛି। ଏହାବ୍ୟତୀତ ଶିକ୍ଷକଙ୍କ ନଜରରେ ରହିବା ଦ୍ୱାରା ପିଲାର ଭଲମନ୍ଦ ଜାଣିବାର ଅବକାଶ ରହିବ। ଏହା ସେମାନଙ୍କୁ ମାନସିକ ସ୍ତରରେ ସୁସ୍ଥ ରହିବା ସହ ସୁରକ୍ଷିତ ରହିବାରେ ସହାୟକ ହେବ। ଅପରପକ୍ଷରେ ସବୁ ପିଲା ଯେ ସ୍କୁଲ ଆସିବେ ଏହାକୁ ନେଇ ଆଶଙ୍କା ରହିଛି। ଦୁଇବର୍ଷରୁ ଅଧିକ ହେଲା ପିଲାମାନେ ବିଦ୍ୟାଳୟ ଓ ପାଠପଢ଼ାଠାରୁ ଦୂରେଇ ଗଲେଣି। ଏଣୁ ପାଠକୁ ନେଇ ଭୟ ହେବାର ସମ୍ଭାବନା ସ୍ୱାଭାବିକ। ନିରନ୍ତରତାରେ ବ୍ୟାହତ ଘଟିଥିବାରୁ ଆଗ୍ରହ ମଧ୍ୟ କମିଛି। କୋଭିଡ୍ ସମୟରେ ଏହା ପୂର୍ବରୁ ଯେବେ ବି ବିଦ୍ୟାଳୟ ଖୋଲାଯାଇଛି, ଉପସ୍ଥାନରେ ଆଶାନୁରୂପକ ସଫଳତା ଦେଖାଯାଇ ନାହିଁ। ବିଶେଷ କରି ଗ୍ରାମାଞ୍ଚଳରେ ଏହି ସ୍ଥିତି ଆହୁରି ଗମ୍ଭୀର। ଏବେ ତ ଏ ପରିସ୍ଥିତି ଆହୁରି ଦୟନୀୟ ହୋଇପାରେ। ଉଚ୍ଚନ୍ୟାୟାଳୟଙ୍କ ଚାପରେ ସରକାର ସିନା ବିଦ୍ୟାଳୟ ଖୋଲିଦେଲେ ହେଲେ ସେହି ସମୟରେ ଶିକ୍ଷକଙ୍କୁ ନିର୍ବାଚନ ଦାୟିତ୍ୱରେ ବି ବିଦାକରିବାର ବନ୍ଦୋବସ୍ତ କରିଦେଲେ।

ପ୍ରତ୍ୟେକ ବିଦ୍ୟାଳୟରେ ଭୋଟ ପାଇଁ ବୁଥ୍ ହେବ ଓ ସେହି କାରଣରୁ ବିଦ୍ୟାଳୟ ବନ୍ଦ ରହିବ। ନିର୍ବାଚନ ଘୋଷଣା ଓ ବିଦ୍ୟାଳୟ ଖୋଲିବା ନିଷ୍ପତ୍ତିରେ ତାଳମେଳର ଅଭାବ ପିଲାଙ୍କ ଆଗ୍ରହ ଉପରେ ଭଙ୍ଗା ପକାଇବ। ଏଣୁ ବିଦ୍ୟାଳୟ ଖୋଲା ହେବା ସହ ପିଲାଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପଦକ୍ଷେପ ନେବା ଆବଶ୍ୟକ। ପିଲାମାନେ ଆସିବା ପୂର୍ବରୁ ବିଦ୍ୟାଳୟକୁ ପ୍ରସ୍ତୁତ କରିବା ଦରକାର। ବହୁତ ଦିନ ହେଲା ଅନେକ ଶ୍ରେଣୀକକ୍ଷ, ବିଦ୍ୟାଳୟ ପରିସର ଅବ୍ୟବହୃତ ହୋଇ ପଡିରହିଛି। ହୁଏତ ପାଇଖାନା, ପାଣି ବ୍ୟବସ୍ଥା ବି ଅଚଳ ହୋଇଯାଇଥିବ। ଏସବୁକୁ ସଫା କରିବା, ସଜାଡିବା ଓ ବିଦ୍ୟାଳୟକୁ ସୁନ୍ଦର, ସୁସଜ୍ଜିତ କରାଗଲେ ଅଭିଭାବକ, ପିଲାଙ୍କ ମନରେ ଆଗ୍ରହ ଜାତ ହେବ। ଏଥିପାଇଁ ପ୍ରଶାସନିକ ସ୍ତରରେ ଉପଜିଲାପାଳ ବା ଉଚ୍ଚ ଅଧିକାରୀଙ୍କୁ ବିଦ୍ୟାଳୟ ପରିଭ୍ରମଣ ପୂର୍ବକ ସ୍ଥିତି ପରଖିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ହେବା ଦରକାର। ଆବଶ୍ୟକ ମୁତାବକ ଏଥିପାଇଁ ବିଦ୍ୟାଳୟକୁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇବା ଦରକାର। ଏପରିକି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଓ ସହରାଞ୍ଚଳ କର୍ମ ନିଯୁକ୍ତି ଯୋଜନାର ପାଣ୍ଠିକୁ ଏଥିପାଇଁ ବିନିଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇ ପାରେ। ବିଦ୍ୟାଳୟ ଖୋଲିବା ମାତ୍ରେ ଏହାର ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ଡକାଯିବା ଦରକାର। ଏଥିରେ ସାମ୍ପ୍ରତିକ ସ୍ଥିତି ଆଧାରରେ ବିଦ୍ୟାଳୟ ପରିଚାଳନା ଯୋଜନାରେ ଆବଶ୍ୟକ ପରିବର୍ତ୍ତନ ଉପରେ ଆଲୋଚନା କରାଯିବା ସହ ପିଲାଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ଉପରେ ନିଷ୍ପତ୍ତି ନିଆଗଲେ ବିଦ୍ୟାଳୟ ଖୋଲାଯିବାର ସୁଫଳ ମିଳିବ। କିଛିଦିନ ହେଲା ଶିକ୍ଷକମାନେ ବିକଳ୍ପ ଭାବରେ ଅନେକ ପଦକ୍ଷେପ ନେଇ ପାଠ ପଢ଼ାର ପ୍ରୟାସ କରିଛନ୍ତି। ଘରକୁ ଘର ବୁଲି ପିଲାଙ୍କ ସହ ସମ୍ପର୍କ ରଖାଯିବାର ପ୍ରୟାସ ମଧ୍ୟ ହୋଇଛି। ଏବେ ଗୋଷ୍ଠୀ ସ୍ତରରେ ସଚେତନ କରାଯିବା ସହ ଗୃହ ପରିଦର୍ଶନ ମାଧ୍ୟମରେ ଅଭିଭାବକଙ୍କ ସହ ସମ୍ପର୍କ ସ୍ଥାପନକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ ହୋଇପାରେ। ଏହା ପିଲାଙ୍କୁ ବିଦ୍ୟାଳୟକୁ ଅଭିପ୍ରେରିତ କରିବାରେ ସଫଳ ସାବ୍ୟସ୍ତ ହେବ। ପାଠ ପ୍ରତି ଭୟ ଓ ବିଦ୍ୟାଳୟ ପ୍ରତି ଅନାସକ୍ତ ଭାବକୁ ଦୂର କରିବା ପାଇଁ କେତେ କ୍ଷତି ହୋଇଛି ଓ ତାକୁ କେତେ ଶୀଘ୍ର ଭରଣା କରିପାରିବା ଭାବି କେବଳ ପାଠ ସାରିବାକୁ ଗୁରୁତ୍ୱ ନ ଦେଇ ପ୍ରାରମ୍ଭରେ ସମ୍ପର୍କ ସ୍ଥାପନ ଓ ଭରସା ତିଆରି ପାଇଁ ଉପାୟ ବାହାର କରିବାକୁ ହେବ। ଆବଶ୍ୟକତା ଆଧାରରେ ପାଠ୍ୟ ଖସଡ଼ାକୁ ସଂକ୍ଷିପ୍ତ କରାଯାଇ ଧୀରେ ଧୀରେ ଓ କ୍ରମାଗତଭାବେ ହୋଇଥିବା କ୍ଷତିର ଭରଣା ପାଇଁ ଯୋଜନା ପ୍ରସ୍ତୁତ କରାଯାଇ ପାରେ। ବର୍ତ୍ତମାନ ସମୟରେ ନିର୍ବାଚନ ଯୋଗୁ ହେବାକୁ ଥିବା କ୍ଷତିକୁ ରୋକିବା ପାଇଁ କମ୍‌ରୁ କମ୍ ସଂଖ୍ୟକ ଶିକ୍ଷକଙ୍କୁ ନିର୍ବାଚନ କାର୍ଯ୍ୟରେ ବ୍ୟାବହାର ପାଇଁ ପ୍ରଶାସନ ନିଷ୍ପତ୍ତି ନେବା ଜରୁରୀ। ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷାକୁ ଅତ୍ୟନ୍ତ ଆବଶ୍ୟକ ସେବା ଭାବେ ଗଣନା କରାଯାଇ ଶିକ୍ଷକଙ୍କୁ ଏଥିରୁ ନିବୃତ୍ତ କରାଗଲେ ଘରେ ପଶୁ ପଶୁ ଚାଳ ବାଜିବାରୁ ତ୍ରାହି ମିଳନ୍ତା।

**ସୁବର୍ଣ୍ଣପୁର, ମୋ: ୯୪୩୮୩୪୧୭୯୪**

## ଏଇ ଭାରତରେ

ପେସାରେ ଜଣେ ଡାକ୍ତର, କିନ୍ତୁ ପରିବେଶ ସୁରକ୍ଷା ପାଇଁ ସଦା ବ୍ୟସ୍ତ ଡା.ପରମେଶ୍ୱର ମୁଣ୍ଡେ। ସେ ମହାରାଷ୍ଟ୍ରରେ ପର୍ଯ୍ୟଟନଭିତ୍ତିକ ପାହାଡ଼ଗୁଡ଼ିକୁ ପ୍ଲାଷ୍ଟିକ ବର୍ଜ୍ୟମୁକ୍ତ କରିବା ଲାଗି ଅଭିଯାନ ଚଳାଇଛନ୍ତି। କେବଳ ଏତିକି ନୁହେଁ, ସେ କୋଭିଡ୍-୧୯ ମହାମାରୀ ଲକ୍‌ଡାଉନ ସମୟରେ ମୁମ୍ବାଇରେ ତାଙ୍କ ଘର ପାଖରେ ଏକ କ୍ଲିନିକ୍ ଖୋଲି ଚିକିତ୍ସା ପାଇଁ ମାତ୍ର ୧ ଟଙ୍କା ନେଉଛନ୍ତି। ତାଙ୍କୁ ଲୋକେ ଡା. ଦେବ ଭାବେ ବି ଜାଣନ୍ତି। ସେ ସେଠ୍ ଜି.ଏସ୍. ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ଛାତ୍ର ଥିବାବେଳେ କଲେଜ ଦ୍ୱାରା ଆୟୋଜିତ ହାଇକିଂ ଏବଂ ମାଉଣ୍ଟେନରିଂରେ ଯୋଗ ଦେଇଥିଲେ ଓ ତାହା ତାଙ୍କ ହବି ପାଲଟି ଯାଇଥିଲା। ପରେ ସେ ବିଭିନ୍ନ ପାହାଡ଼ ଚଢ଼ିବା ସମୟରେ ସେଠାରୁ ବର୍ଜ୍ୟ ମୁଖ୍ୟତଃ ପ୍ଲାଷ୍ଟିକ୍ ବୋତଲ, କ୍ୟାନ୍ ଗୋଟାଇବା ଆରମ୍ଭ କରିଥିଲେ। ଡା. ମୁଣ୍ଡେ ପାହାଡ଼ିଆ ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରିବା ସହ ଏକ ପରିବେଶ ଉପଯୋଗୀ ପର୍ଯ୍ୟଟନର ବାର୍ତ୍ତା ଦେଉଛନ୍ତି। ଏହି ଅଭିଯାନରେ ସେ ୪୮ ଜଣ ବୃତ୍ତିଗତ ଚଢ଼ାଳିଙ୍କୁ ମଧ୍ୟ ତାଙ୍କ ଟିମ୍‌ରେ ସାମିଲ କରିଛନ୍ତି। ଏହା ବ୍ୟତୀତ ସେ ଓ ତାଙ୍କ ମେଡିକାଲ ଟିମ୍ ପାହାଡ଼ିଆ ଅଞ୍ଚଳରେ ବାସ କରୁଥିବା ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ଡାକ୍ତରୀ ଶିକ୍ଷାରେ ଡିଗ୍ରୀ ହାସଲ ପରଠାରୁ ସେ ଚଳାଇ ଆସୁଥିବା ଏହି ଅଭିଯାନ ପାଇଁ ବହୁ ଘାତପ୍ରତିଘାତର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶେଷରେ ସଫଳ ହୋଇଛନ୍ତି। ସେ ଓ ତାଙ୍କ ଟିମ୍ କଲେଜ ପିଲାମାନଙ୍କୁ ଉକ୍ତ କାର୍ଯ୍ୟ ଲାଗି ପ୍ରେରିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୦ ଫେବୃୟାରୀ ୧୯୯୭**

- ନରୱେର ଉପକୂଳ ଷ୍ଟାଭଞ୍ଜେରଠାରୁ ୩୦ ନଟିକାଲ ମାଇଲ ଦୂର ସମୁଦ୍ରରେ ଗ୍ରୀସ୍‌ର ଏକ ମାଲବାହୀ ଜାହାଜ ବୁଡ଼ିଯିବା ଫଳରେ ୨୦ ଜଣଙ୍କ ପ୍ରାଣହାନି।
- ଉପରାଷ୍ଟ୍ରପତି ଖେସାଲିଆ ଆର୍ଟେଗାଙ୍କୁ ଇକ୍ୱେଡରର ନୂଆ ରାଷ୍ଟ୍ରପତି ଭାବେ ଅବସ୍ଥାପିତ କରାଯାଇଛି।
- ଲକ୍ଷ୍ନୌଠାରେ ଏକ ଟ୍ରକ୍ ସହ ଜିପ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ଜିପ୍‌ରେ ଥିବା ୧୧ ଜଣଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | 2 | | | | 9 |
| | | | | | | 7 | | 1 |
| | | | | 6 | 3 | | 4 | |
| | 8 | | | | | | 3 | 4 |
| | | 9 | | 5 | | | | |
| 7 | | | 8 | | | | | |
| | | 3 | | 7 | | | 8 | |
| 5 | 9 | 2 | | 3 | | | | |
| | | | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 4 | 6 | 7 | 2 | 8 | 1 |
| 4 | 6 | 8 | 9 | 1 | 2 | 3 | 7 | 5 |
| 2 | 7 | 1 | 8 | 3 | 5 | 4 | 9 | 6 |
| 8 | 2 | 7 | 5 | 4 | 6 | 1 | 3 | 9 |
| 1 | 4 | 6 | 3 | 8 | 9 | 7 | 5 | 2 |
| 9 | 3 | 5 | 2 | 7 | 1 | 6 | 4 | 8 |
| 6 | 1 | 4 | 7 | 9 | 8 | 5 | 2 | 3 |
| 7 | 9 | 2 | 6 | 5 | 3 | 8 | 1 | 4 |
| 5 | 8 | 3 | 1 | 2 | 4 | 9 | 6 | 7 |

ଗତକାଲିର ଉତ୍ତର

# ଆଦର୍ଶ ପଞ୍ଚାୟତର ରୂପରେଖ



ରାଜୀବ କର୍ମୀ

ବର୍ତ୍ତମାନ ରାଜ୍ୟରେ ପଞ୍ଚାୟତ ନିର୍ବାଚନର ଉଷ୍ମତା ଜମି ଆସୁଛି। ଫେବୃୟାରୀ ମାସ ଶେଷ ସୁଦ୍ଧା ଓଡ଼ିଶାରେ ୬୨୩୪ ଗ୍ରାମପଞ୍ଚାୟତ ନିଜର ନୂଆ ସରପଞ୍ଚଙ୍କୁ ଦେଖିବ। ଯଦି ଆମେ ଅତିଶୟ ଆଶାବାଦୀ ହେବା ତେବେ ନିଶ୍ଚିତ ଭାବରେ ଆଗାମୀ ପାଞ୍ଚ ବର୍ଷରେ ଅନେକ କିଛି ପରିବର୍ତ୍ତନ ଘଟିବ। ଅନେକ ଉଚ୍ଚ ଶିକ୍ଷିତ ପ୍ରାର୍ଥୀ ଏଥର ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେଉଥିବାର ଖବର ଆସୁଛି। ସାମ୍ପ୍ରତିକ ରାଜନୀତିରେ ନିଶ୍ଚିତ ଭାବରେ ଏହା ଏକ ସକାରାତ୍ମକ ସଂକେତ। ପରିତାପର ବିଷୟ ଯେ ଅନେକ ନିର୍ବାଚିତ ପ୍ରତିନିଧି କ୍ଷମତା ହାସଲ ପରେ ନିଜର ଢାଞ୍ଚା ବଦଳାଇଥାନ୍ତି। ଭୋଟର ବିଚରା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପାଟି ଖୋଲିପାରେ ନାହିଁ। ଥରୁଟିଏ ଯାଇ ପଞ୍ଚାୟତରେ ପଚାରି ପାରେ ନାହିଁ ଯେ, ସେ ପାଇଥିବା ପ୍ରତିଶ୍ରୁତି କେବେ ପୂରଣ ହେବ? ଜନସାଧାରଣଙ୍କ ନୀରବତା ନେତାଙ୍କୁ ସୁହାଇଥାଏ, କଙ୍କଡ଼ାକୁ ଗୋଳି ପାଣି ସୁହାଇଲା ଭଳି। ସେମାନେ ଆରାମରେ ନିଜ ଇଚ୍ଛା ଅନୁସାରେ କାମ କରି ଚାଲନ୍ତି। ଆଶ୍ଚର୍ଯ୍ୟର ବିଷୟ ସରକାରୀ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ହୋଇଯାଆନ୍ତି।

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ଅନୁଯାୟୀ ଆମ ରାଜ୍ୟରେ ପଞ୍ଚାୟତ ବ୍ୟବସ୍ଥା ଚାଲିଛି। ବିଧାନପାଳିକାରେ ସବୁଠାରୁ ନିମ୍ନ ସ୍ତରର ସରକାର ହେଉଛି ଗ୍ରାମପଞ୍ଚାୟତ। ତେଣୁ ଅନେକ ସମୟରେ ସରପଞ୍ଚଙ୍କୁ ଗାଁର ମୁଖ୍ୟମନ୍ତ୍ରୀ ବୋଲି କୁହାଯାଇଥାଏ। ୭୩ତମ ସମ୍ବିଧାନ ସଂଶୋଧନ ଅନୁସାରେ ପଞ୍ଚାୟତକୁ ଅସୀମ କ୍ଷମତା ଦିଆଯାଇଛି। ଗ୍ରାମପଞ୍ଚାୟତ ଚାହିଁଲେ ପଞ୍ଚାୟତର ରୂପରେଖ ବଦଳାଇ ଦେଇପାରିବ। କିନ୍ତୁ ଏହାର ୧୦ ଭାଗ ବି କାମରେ ଆସୁ ନାହିଁ। ପଞ୍ଚାୟତକୁ ଦିଆଯାଇଥିବା ଦାୟିତ୍ୱର ଯଦି ୫୦ ଭାଗ ବି ସୂଚାରୁ ରୂପେ କାର୍ଯ୍ୟକାରୀ କରା ଯାଆନ୍ତା ତେବେ ସବୁ ପଞ୍ଚାୟତ ସୁନା ପାଲଟି ଯାଆନ୍ତା। ପଞ୍ଚାୟତିରାଜ ବ୍ୟବସ୍ଥା ବିଫଳ ହେବାର ଅନେକ କରଣ ମଧ୍ୟରୁ ପ୍ରମୁଖ କାରଣ ହେଉଛି ଜନ ସଚେତନତାର ଅଭାବ, ଅନୁପଯୁକ୍ତ ପ୍ରତିନିଧିତ୍ୱ, ରାଜନୈତିକ ଦଳଗୁଡ଼ିକର ଅଯଥା ହସ୍ତକ୍ଷେପ ଏବଂ କାର୍ଯ୍ୟପାଳିକାର ସ୍ଥାଣୁତା।

ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନର ପ୍ରତିନିଧି ଏବଂ ଜନସାଧାରଣ କେତୋଟି ବିଷୟ ପ୍ରତି ସତର୍କ ରହିଲେ ଆମେ ଆମ ଗ୍ରାମପଞ୍ଚାୟତକୁ ବଞ୍ଚେଇପାରିବା। ସାମ୍ପ୍ରତିକ ରାଜନୈତିକ ବାତାବରଣକୁ ବିଚାରକୁ ନେଲେ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ଏବଂ ନିର୍ବାଚନ ପରବର୍ତ୍ତୀ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ନିର୍ବାଚନ ପ୍ରଚାର ସମୟରେ କେତୋଟି ଦିଗକୁ ଧ୍ୟାନ ଦିଆଯାଇ ପାରିବ। ମୁଖ୍ୟତଃ ଜନସାଧାରଣ ଏକ ଭଲ ସରପଞ୍ଚ ପ୍ରତି ଆଶାବାଦୀ ଥାଆନ୍ତି, ଯିଏ କି ନିଜର ଦୁଃଖ ସୁଖରେ ସାଥୀ ହୋଇପାରିବ। ସରକାରୀ ସୁବିଧାଟିଏ ତା' ପାଖକୁ ପହଞ୍ଚାଇ ପାରିବ। ତା'ର ସର୍ବାଙ୍ଗୀନ ବିକାଶରେ ସହାୟତା କରିପାରିବ। କିନ୍ତୁ ଥରେ କ୍ଷମତା ହାସଲ ପରେ ତାହା ପାଣିର ଗାର ହୋଇଯାଏ। ଯେତେ କାକୁତି ମିନତି ହେଲେ ମଧ୍ୟ ନିଜର ହକ୍ ତ ଦୂରର କଥା ସାଧାରଣ ଆବଶ୍ୟକତା ବି ପୂରଣ ହୋଇପାରେ ନାହିଁ। ଏ ପରିସ୍ଥିତିରେ ଭୋଟରଟି କ'ଣ ଚିନ୍ତା କରିବ? ଏଭଳି ସ୍ଥିତି ନିର୍ବାଚନରେ ଅର୍ଥ କାରବାରର ବାଟ ଫିଟାଏ। ପାଞ୍ଚ ବର୍ଷରେ ଯାହା ସେ ପଞ୍ଚାୟତରୁ ହାସଲ କରିଥାଏ ସେଥିରେ ଭୋଟ୍ କିଣାଯାଏ। ବିଚରା ଭୋଟରଟି ଆଉ କରିବ କ'ଣ ବାଧ୍ୟ ହୋଇ ନିଜକୁ ବିକ୍ରି କରି ପାଞ୍ଚ ବର୍ଷ ପୁଣି ଗୋଲାମ ସାଜେ। ବର୍ଷ ବର୍ଷ ଧରି ଏହାର ପୁନରାବୃତ୍ତି ଘଟିଚାଲେ।

ଏପରି ସ୍ଥିତିରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କେବଳ ନିର୍ବାଚନ ସମୟରେ ନୁହେଁ, ଅନେକ ପୂର୍ବରୁ ଲୋକଙ୍କ ସହିତ ରହିବା। ସବୁ ସମୟରେ ଜନସାଧାରଣଙ୍କ ଅଂଶବିଶେଷ ହେବା ଦରକାର। ଅନେକ ସମୟରେ କିଛି କୁଜିନେତା ଅନ୍ୟମାନଙ୍କୁ ହାତବାରିସି କରି ନିର୍ବାଚନ ମଇଦାନକୁ ପଠାଇଥାନ୍ତି; ଯଦ୍ୱାରା ସେହି ନିର୍ବାଚିତ ପ୍ରତିନିଧିମାନେ ନିଜ ଅନୁସାରେ କାମ କରିପାରନ୍ତି ନାହିଁ। ସେ ସମୟରେ ନିଜେ ନିଜର ଚେଷ୍ଟାରେ ସ୍ୱତନ୍ତ୍ର ପରିଚୟଟିଏ ସୃଷ୍ଟି କରିବା ବିଧେୟ। ନିର୍ବାଚନ ପ୍ରଚାର ବେଳେ ଲୋକଙ୍କର ପ୍ରକୃତ ସମସ୍ୟା ସହିତ ଅବଗତ ହେବା, ସେହି ସମସ୍ୟାର ସମାଧାନ ପନ୍ଥା ବାହାର କରିବା, ଯୁବକମାନଙ୍କୁ ଅଗ୍ରାଧିକାର, ଲୋକଙ୍କ ଆବେଗ ପ୍ରତି ଜଡ଼ିତ ବିଷୟ ପ୍ରତି ଗୁରୁତ୍ୱ, ଲୋକଙ୍କର ଦୀର୍ଘ ମିଆଦୀ ବିକାଶକୁ ଅଗ୍ରାଧିକାର ଇତ୍ୟାଦି କେତୋଟି ପ୍ରସଙ୍ଗ ବିଚାର ଯୋଗ୍ୟ।

କ୍ଷମତା ହାସଲ ପରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରିବା ଅନେକ ସମୟରେ କଠିନ ହୋଇଯାଏ। ତେଣୁ ଏ ବିଷୟରେ ମଧ୍ୟ ଉପଯୁକ୍ତ ରଣ କୌଶଳର ଆବଶ୍ୟକତା ରହିଛି। ଜଣେ ସରପଞ୍ଚଙ୍କୁ ଗ୍ରାମପଞ୍ଚାୟତ ଆଇନ୍ ଏବଂ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମକୁ ହୃଦୟଙ୍ଗମ କରିବା ଆବଶ୍ୟକ। ଏହା ସହିତ ନିଜ ଗ୍ରାମପଞ୍ଚାୟତର ସାମାଜିକ ଏବଂ ଅର୍ଥନୈତିକ ପୃଷ୍ଠଭୂମିକୁ ସମୀକ୍ଷା କରିବା ବାଞ୍ଛନୀୟ। କେତେକ ସ୍ୱତନ୍ତ୍ର କାମକୁ ବାଦ୍ ଦେଲେ ଏମିତି କୌଣସି କାମ ନାହିଁ, ଯାହା ଗ୍ରାମପଞ୍ଚାୟତ କରିପାରିବ ନାହିଁ। ଅର୍ଥାତ୍ ଗ୍ରାମପଞ୍ଚାୟତ ଚାହିଁଲେ ନିଜେ ନିଜର ଶାସନ ସ୍ୱାଧୀନ ଭାବରେ କରିପାରିବ। ଗ୍ରାମପଞ୍ଚାୟତରେ ନିଜସ୍ୱ ପାଣ୍ଠି ଅଛି, ନିଜସ୍ୱ ବ୍ୟୟ ଅଟକଳ ବି ଅଛି। ଏପରି କି କିଛି ଭାଗ ଅର୍ଥ ବିନା ଅନ୍ୟର ଅନୁମୋଦନରେ ନିଜେ ଖର୍ଚ୍ଚ ମଧ୍ୟ କରିପାରିବାର କ୍ଷମତା ରହିଛି। ପଞ୍ଚାୟତ ଯାହା ଯୋଜନା କରିଥାଏ ତାହାକୁ ନାକଚ କରିବାର କାହାର କ୍ଷମତା ନାହିଁ। କେବଳ ଏହା ଲୋକମତରେ ଗ୍ରାମସଭାରେ ଗୃହୀତ ହେବା ଉଚିତ। ହୁଏତ ଏଥିପାଇଁ ବିଳମ୍ବ ହୋଇପାରେ। ଅନେକ ସମୟରେ ବିକାଶକୁ ପଞ୍ଚାୟତଗୁଡ଼ିକ କେବଳ ରାସ୍ତାଘାଟ, ବନ୍ଧ ନିର୍ମାଣ ଭିତରେ ସୀମିତ କରି ଦିଅନ୍ତି। ତେଣୁ କେବଳ ସେ ଅନ୍ତର୍ଗତ ଆର୍ଥିକ ସହାୟତା ପଞ୍ଚାୟତକୁ ମିଳିଥାଏ। ଏହାଦ୍ୱାରା ବିକାଶର ଏକ ଅଂଶକୁ ଆମେ ହରେଇ ଦେଉ। ଏଥିରେ କେବଳ ପଞ୍ଚାୟତର ଦୋଷ ନୁହେଁ। ସରକାର ମଧ୍ୟ ଏହା ଚାହାନ୍ତି। ଆଉ ଜନସାଧାରଣଙ୍କ ଅଜ୍ଞତା ସମସ୍ତଙ୍କୁ ସୁହାଏ। ପଞ୍ଚାୟତ ନିଜସ୍ୱ ବୁଦ୍ଧି ଲଗେଇ କିଛି କରିବାକୁ ଚେଷ୍ଟା କରେ ନାହିଁ, ଯାହା ଉପର ସ୍ତରରୁ ନିର୍ଦ୍ଦେଶ ଆସେ ତାକୁ କେବଳ ଅନୁସରଣ କରେ। ଏଥିରେ ଜନ ସାଧାରଣଙ୍କର ବିକାଶ ହେବ କେମିତି? ଏଥିପାଇଁ ପ୍ରତି ୱାର୍ଡ଼ର ସଭ୍ୟମାନେ ଦାୟିତ୍ୱ ନେବାର ପ୍ରଥମ ମାସ ହିଁ ଗାଁରେ ବସି ନିର୍ବାଚନ ସମୟର ପ୍ରତିଶ୍ରୁତି ସମୀକ୍ଷା, ଗାଁର ପ୍ରକୃତ ସମସ୍ୟା ଯେପରି କି ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା ଇତ୍ୟାଦିର ଚିହ୍ନଟୀକରଣ, ଗାଁ ସମ୍ବଳ ଚିହ୍ନଟ, ଗାଁର ସମସ୍ତ ହିତାଧିକାରୀ ଏବଂ ସେବା ଯୋଗାଉ ଥିବା କର୍ମଚାରୀଙ୍କ ସହିତ ପାଞ୍ଚବର୍ଷ ଏବଂ ବାର୍ଷିକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ, ଏଥିପାଇଁ ପଞ୍ଚାୟତକୁ ଅନୁରୋଧ ଏବଂ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ ସଂସ୍ଥାର ସହାୟତା ନେବା ଦରକାର। ଏସବୁ ବିଷୟ ଗ୍ରାମପଞ୍ଚାୟତ ମାନୁଆଲରେ ବିଧିବଦ୍ଧ ଭାବରେ ଲେଖା ହୋଇଛି।

ଗାଁ ସ୍ତରରୁ ପଞ୍ଚାୟତକୁ ଆସୁଥିବା ସମସ୍ତ ଯୋଜନାକୁ ଗ୍ରାମ ସଭାରେ ଅନୁମୋଦନ କରି ବିନା ବାଛ ବିଚାରରେ ପଞ୍ଚାୟତ ଉପର ସ୍ତରକୁ ପଠାଇ ଯୋଜନାଗୁଡ଼ିକ କିପରି ସୁଚାରୁ ରୂପେ ମଞ୍ଜୁର ହେବ ସେଥିପ୍ରତି ଚାପ ସୃଷ୍ଟି କରିବା ଉଚିତ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଯେ ଅଧିକାଂଶ ସରପଞ୍ଚ ପଞ୍ଚାୟତର ସମସ୍ତ ଦାୟିତ୍ୱ ବିଷୟରେ ଜାଣି ନ ଥିବେ। କେବଳ ହାତଗଣତି କେତୋଟି ଦାୟିତ୍ୱ ସାରି ଦେଇ ପଞ୍ଚାୟତର ବିକାଶ ହୋଇପାରିବ ନାହିଁ। ସରକାର ୨୯ଟି ବିଭାଗକୁ ପଞ୍ଚାୟତକୁ ହସ୍ତାନ୍ତର କରିଛନ୍ତି। ଚିରାଚରିତ ଦାୟିତ୍ୱକୁ ଛାଡ଼ି ଅନ୍ୟ ଦାୟିତ୍ୱକୁ ମଧ୍ୟ ବୁଝିବା ଜରୁରୀ। ଯେପରି କି ପଶୁପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ, ସାମାଜିକ ବନ ପ୍ରକଳ୍ପ, କୁଟିର ଶିଳ୍ପର ବିକାଶ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଅଣ ପାରମ୍ପରିକ ଶକ୍ତିର ବିକାଶ, ଜୀବନ ଜୀବିକାର ତାଲିମ, ପାଠାଗାର ସ୍ଥାପନ, ସାଂସ୍କୃତିକ କାର୍ଯ୍ୟକ୍ରମ, ହାଟ ବଜାରର ବିକାଶ, ଭିନ୍ନକ୍ଷମଙ୍କ ବିକାଶ ଇତ୍ୟାଦି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଚିରାଚରିତ ତଥା ପାରମ୍ପରିକ ସମସ୍ୟା ସହିତ ଉପରୋକ୍ତ ବିଷୟ ମଧ୍ୟ ଆୟୁଧ କଲେ ଆମେ ଏକ ପୂର୍ଣ୍ଣାଙ୍ଗ ବିକାଶ ଆଡ଼କୁ ଅଗ୍ରସର ହେବା।

**ଶଗଡ଼ା, ବୌଦ୍ଧ**

**ମୋ-୮୩୨୮୮୪୮୧୪୫**

## ଚିରନ୍ତନୀ

ନାହିଁ ତ କଳନା କେତେ ଶତ ପଥ
ଆସିଲି ଚଳି
ଯାପିଥିଲି କେତେ ଯାମିନୀ ନିବିଡ଼
ସୁଖର ମୋହେ।
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ
ଅତୀତ କାଳ
ତୋତେ ଦେଖି ଆଜି ପାସୋରି ଦେଲିରେ
ଶିମୁଳିପାଳ!
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ଥୋପ

ମହାଶୟ,

ଆମ ଦେଶର ଉତ୍ତର ଭାରତରେ ଇଲେକ୍ଟ୍ରି ବିଲ୍ ଛାଡ଼ ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ଆମ୍ ଆଦ୍‌ମୀ ଦଳ ପ୍ରଥମେ ଏହି ଶଙ୍ଖ ଦିଲ୍ଲୀରେ ଫୁଙ୍କିଥିବାବେଳେ ଏହାର ସ୍ୱର ପଲ୍ଲୀ ପର୍ଯ୍ୟନ୍ତ ଶୁଭାଗଲାଣି। ପଞ୍ଜାବ ନିର୍ବାଚନକୁ ଆଖିଆଗରେ ରଖି ଆମ୍ ଆଦ୍‌ମୀ ଦଳର ମାଗଣା ଇଲେକ୍ଟ୍ରି ଘୋଷଣା ପରେ ଚନ୍ନି ସରକାର ଛାନିଆ ହୋଇ ଏକ ସମାନ୍ତରାଳ ମାଗଣା ଇଲେକ୍ଟ୍ରି ପ୍ୟାକେଜ ଘୋଷଣା କରିଛନ୍ତି। ଯୋଗୀ ସରକାର ମଧ୍ୟ ଅକଳରେ ପଡ଼ି ୟୁପିବାସୀଙ୍କ ପାଇଁ କିଛି ରିହାତି ଘୋଷଣା କରିଛନ୍ତି। ଆଗାମୀ ଦିନରେ ଅନ୍ୟ ରାଜ୍ୟର ବାସିନ୍ଦା ମଧ୍ୟ ଏଭଳି ସୁବିଧା ଆଗେ ଖୋଜିବେ ଓ ପରେ ଭୋଟ କଥା ବୁଝିବେ। ଏହି ପରିସ୍ଥିତିରେ ଦେଶର ସମସ୍ତ ରାଜ୍ୟ ସରକାର କେଜରିୱାଲ୍ ବିଦ୍ୟୁତ୍ ମଡେଲ ଅନୁକରଣ କରିବା ଦରକାର। ସମ୍ପ୍ରତି ଦୁର୍ଭାଗ୍ୟର ବିଷୟ ବିଧାନସଭା ନିର୍ବାଚନ ହେବାକୁ ଥିବା ପାଞ୍ଚଟି ରାଜ୍ୟରେ ଏ ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ହ୍ରାସ କରିବା ଦିଗରେ ନିର୍ବାଚନ ଇସ୍ତାହାରରେ ଠୋସ୍ କଥା କିଛି ରଖିନାହାନ୍ତି। ଦଳୀୟ ଟିକେଟ ନ ପାଇ କ୍ୟାମେରା ଆଗରେ କାନ୍ଦିବା ଫ୍ୟାଶନରେ ପରିଣତ ହୋଇଛି। ଟିଭି ଚ୍ୟାନେଲ ମାଲିକ ସମର୍ଥନ କରୁଥିବା ରାଜନୈତିକ ଦଳ ସପକ୍ଷରେ ପ୍ରଚାର କରୁଛନ୍ତି ଓ ଆଞ୍ଚଳିକ ଦଳଗୁଡ଼ିକ ପଛରେ ପଡ଼ିଯାଇଛନ୍ତି।

**-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମାଙ୍କଡ଼ ଆକ୍ରମଣରେ ୭ ଆହତ

ସଜନାଗଡ଼, (ଡି.ଏନ.ଏ.): ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତର କଳାକାଦ ଗ୍ରାମରେ ବୁଧବାର ମାଙ୍କଡ଼ ଆକ୍ରମଣରେ ୭ଜଣ ଆହତ ହୋଇଛନ୍ତି। ନିକଟସ୍ଥ ଜଙ୍ଗଲରୁ ୧୦/୧୫ଟି ମାଙ୍କଡ଼ ପ୍ରଥମେ ଗ୍ରାମରେ ପଶି ରମେଶ ନାୟକ, ପରୀ ବେହେରା, ଭଗବାନ ସିଂ, ଶାନ୍ତିଲତା ଜେନା, କଳାକାଦ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ରଘୁନାଥ ମହାନ୍ତି ଏବଂ ତାଙ୍କ ପୁଅ ମାନା ମାହାନ୍ତିଙ୍କୁ ଆକ୍ରମଣ କରିଥିଲେ। ସମସ୍ତଙ୍କୁ କଳାକାଦ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବନବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସଂକ୍ଷେପରେ

### ବେଆଇନ ବାଲି ଡିପୋରୁ ଜରିମାନା ଆଦାୟ

ପାଟଣା,୯।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ରାଜନଗର ରାଜସ୍ୱ ସର୍କଲ ଅନ୍ତର୍ଗତ କିଆପଡ଼ା ଗ୍ରାମରେ ବେଆଇନ ଭାବେ ଉତ୍ତୋଳିତ ହୋଇ ମହଜୁଦ ଥିବା ଏକ ବାଲି ଡିପୋ ଉପରେ ବୁଧବାର ପାଟଣା ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ବାଲି ଗଚ୍ଛିତ ରଖିଥିବା ସେହି ଗ୍ରାମର ଧନୁର୍ଜୟ ପୋହିଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ରାଜନଗର ଆରଆଇ ଶିବ ପ୍ରସାଦ ମହାନ୍ତ,ଟାଙ୍ଗପଡ଼ା ଆରଆଇ ସାର୍ଥକ ସାରଥୀ ବାରିକ ଓ କ୍ଷୀରେଇ ଟାଙ୍ଗିରି ଆରଆଇ ଭବାନୀ ଶଙ୍କର ରାଉତ ରାୟ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଯୋଡ଼ା,୯।୨(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ଜୁରୁଡ଼ି ବଜାର ରାସ୍ତା କଡ଼ରେ ପଡ଼ିଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଯୋଡ଼ା ସହରସ୍ଥିତ ଶହୀଦନଗର ଗଳି ହଟିଙ୍ଗର ବିକ୍ରମ ମହାକୁଡ଼। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ତାଙ୍କ ମୁହଁରେ କ୍ଷତ ଚିହ୍ନ ଥିବାରୁ ଏହା ଦୁର୍ଘଟଣା ଜନିତ କିମ୍ବା ଅନ୍ୟ କୌଣସି କାରଣରୁ ହୋଇଥାଇ ପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଅପମୃତ୍ୟୁ ମାମଲା(ନଂ.୫/୨୨) ରୁଜୁ କରି ତଦନ୍ତ ଜାରି ରହିଥିବା ଆଇଆଇସି ମନୋରଞ୍ଜନ ବିଶି ସୂଚନା ଦେଇଛନ୍ତି।

### ଧରାପଡ଼ିଲେ ୨ ଲୁଟେରା

ରାଇରଙ୍ଗପୁର,୯।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଲକ୍ଷ୍ମୀପୋଷି ଗ୍ରାମ ନିକଟସ୍ଥ ରାସ୍ତାରେ ଗତ ୨ ତାରିଖରେ ଏକ ଅର୍ଥ ଲଗାଣକାରୀ ସଂସ୍ଥାର ମ୍ୟାନେଜରଙ୍କଠାରୁ ଲୁଟ ଘଟଣାରେ ପୋଲିସ ଦୁଇ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ମଝିଗାଁ ଗ୍ରାମର ମହମ୍ମଦ ମୁବାରକ ଏବଂ ଅବଦୁଲ କୟମ। ମଙ୍ଗଳବାର ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ମନୋରଞ୍ଜନ ବିଶ୍ୱାଳ ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ସେମାନଙ୍କଠାରୁ ଏକ ବାଇକ୍ ସହ ୨ଟି ମୋବାଇଲ ଏବଂ ୪ହଜାର ୫୮୦ ଟଙ୍କା ଜବତ ହୋଇଛି। ସୂଚନା ଅନୁଯାୟୀ, ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ମ୍ୟାନେଜର ନିଶାକର ମଲ୍ଲିକ୍ ଯାମଦା ଅଞ୍ଚଳରୁ ଋଣ ଟଙ୍କା ବାବଦରେ ୧୪ ହଜାର ୮ଶହ ଟଙ୍କା ଆଦାୟ କରି ଏକ ବ୍ୟାଗ୍‌ରେ ନେଇ ବାଇକ୍ ଯୋଗେ ରାଇରଙ୍ଗପୁର ଆସୁଥିଲେ। ଯାମଦା-ରାଇରଙ୍ଗପୁର ରାସ୍ତାରେ ନିର୍ଜନ ସ୍ଥାନରେ ୩ ଲୁଟେରା ତାଙ୍କୁ ଭୟଭୀତ କରି ଟଙ୍କା ବ୍ୟାଗଟିକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ରାଇରଙ୍ଗପୁର-ହାଟବାଦଡ଼ା ରାସ୍ତାରେ ସୋମବାର ସନ୍ଧ୍ୟାରେ ପୋଲିସ ୨ ଲୁଟେରାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

### ଶାନ୍ତିପୂର୍ଣ୍ଣ ମତଦାନ ଲାଗି ଫ୍ଲାଗ୍‌ମାର୍ଚ୍ଚ

କୁଆମରା/ବାଙ୍ଗିରିପୋଷି, ୯।୨ (ଡି.ଏନ.ଏ.): ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ବୁଧବାର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୋପବନ୍ଧୁନଗର ବ୍ଲକର ଅଧିକ ଉତ୍ତେଜନା ପ୍ରବଣ ଅଞ୍ଚଳ କୁହାଯାଉଥିବା ପଶୁଦା ଓ ବେଲାକୁଟି ଗ୍ରାମର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ ଆରମ୍ଭ ହୋଇଛି। ପୋଲିସ ଉପଖଣ୍ଡ ଅଧିକାରୀ ସାର୍ଥକ ରାୟଙ୍କ ନେତୃତ୍ୱରେ ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଏଏସ୍‌ଆଇ ପ୍ରଦୀପ ବେହେରା, ଅଶ୍ୱିନୀ ଗିରି, ସସ୍ମିତା ମୁର୍ମୁ ପ୍ରମୁଖଙ୍କ ସହ କର୍ମଚାରୀମାନେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ସେହିପରି ବାଙ୍ଗିରିପୋଷି ଥାନାଧିକାରୀ ସଞ୍ଜୟ କୁମାର ପରିଡ଼ାଙ୍କ ନେତୃତ୍ୱରେ ଅନ୍ୟ ପୋଲିସ ଅଧିକାରୀ, କର୍ମଚାରୀ, ଏପିଆର୍ ବାହିନୀ ଏବଂ ଗୃହରକ୍ଷୀମାନେ ବ୍ଲକର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି।

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୯।୨ (ଡି.ଏନ.ଏ.): କେନ୍ଦୁଝର ଜିଲା ପଇଦାପାଟଣା ପଞ୍ଚାୟତ ନୁସୁରୀପଶି ଗ୍ରାମ ନିକଟରେ ଦୁଇ ବାଇକ୍ ମଧ୍ୟରେ ଧକ୍କାରେ ଗୁରୁତର ଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ସାନ୍ତରାପୁର ଗ୍ରାମର ସେକ୍ ଫଜଲୁ। ପ୍ରକାଶ ଯେ, ଗତ ଶନିବାର ପୂର୍ବାହ୍ନରେ ସେ ବାରହାଟିପୁରାକୁ ଯାଉଥିବା ବେଳେ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଭୁବନେଶ୍ୱର ସ୍ଥିତ ଆମ୍ରି ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ସୋମବାର ମୃତ୍ୟୁ ଘଟିଛି।

# ସପ୍ତାହେ ମଧ୍ୟରେ ଚାଲିବ ବିଦ୍ୟୁତ୍ ଟ୍ରେନ୍

ବାରିପଦା ଅଫିସ,୯।୨

ମୟୂରଭଞ୍ଜ ଜିଲା ବାରିପଦା ଭଞ୍ଜପୁରଠାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ବିଦ୍ୟୁତ୍ ଚାଳିତ ଟ୍ରେନ୍ ଚଳାଚଳ କରିବ। ଏନେଇ ବୁଧବାର ବିଭାଗୀୟ କର୍ତ୍ତୃପକ୍ଷ ନିରୀକ୍ଷଣ କରି ଫେରିଛନ୍ତି। ସପ୍ତାହକ ମଧ୍ୟରେ ବିଦ୍ୟୁତ୍ ଚାଳିତ ଟ୍ରେନ୍ ଚଳାଚଳ କରିବ ବୋଲି ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି।

ଦୀର୍ଘଦିନର ଦାବି ପରେ ଉକ୍ତ ରେଳପଥର ବିଦ୍ୟୁତୀକରଣ କାର୍ଯ୍ୟ ଶେଷ ହୋଇଛି। ରେଳ ବିଭାଗର ନିରାପତ୍ତା କମିଶନର ଶୁଭମୟ ମିଶ୍ର ଉକ୍ତ ରେଳପଥକୁ ନିରୀକ୍ଷଣ କରିବା ପରେ ବିଦ୍ୟୁତ୍ ଚାଳିତ ଟ୍ରେନ୍ ଚଳାଚଳ କରିପାରିବ ବୋଲି ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ପୂର୍ବରୁ ଭଞ୍ଜପୁରଠାରୁ ରୂପ୍‌ସା ପର୍ଯ୍ୟନ୍ତ ବିଦ୍ୟୁତ୍ ଟ୍ରେନ୍ ଚଳାଚଳ କରୁଥିବା ବେଳେ ଭଞ୍ଜପୁରଠାରୁ ବାଙ୍ଗିରିପୋଷି ପର୍ଯ୍ୟନ୍ତ ରେଳପଥର ବିଦ୍ୟୁତୀକରଣ କାର୍ଯ୍ୟକ୍ଷମ ହୋଇଛି। ଉକ୍ତ ରେଳପଥରେ ଭଞ୍ଜପୁର-ସାଲିମାର, ଭଞ୍ଜପୁର-ପୁରୀ ବିଦ୍ୟୁତ୍ ଟ୍ରେନ୍ ଚଳାଚଳ କରୁଛି। ବିଦ୍ୟୁତୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବାଙ୍ଗିରିପୋଷି-ଭୁବନେଶ୍ୱର ଟ୍ରେନ୍ ବିଦ୍ୟୁତ୍ ଇଞ୍ଜିନ ମାଧ୍ୟମରେ ଚଳାଚଳ କରିପାରିବ। ଡିଜେଲ ଚାଳିତ ଇଞ୍ଜିନଠାରୁ ବିଦ୍ୟୁତ୍ ଇଞ୍ଜିନର ଗତି ଦ୍ରୁତ ହେବ ବୋଲି କୁହାଯାଇଛି।

## ଡିଏମ୍ୟୁ ଟ୍ରେନ୍ ବାତିଲ: ଯାତ୍ରୀ ନିରାଶ

ବୈଶିଙ୍ଗା, ୯।୨ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ଓ ଯୁଗୁପୁରା ରେଳ ଷ୍ଟେଶନଠାରେ ବୁଧବାର ସକାଳେ ବହୁ ଯାତ୍ରୀ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଥିଲେ ହେଁ ଡିଏମ୍ୟୁ ଟ୍ରେନ୍ ଆସି ନ ଥିଲା। ଫଳରେ ରୂପ୍‌ସା ଓ ବାଲେଶ୍ୱର ଯିବା ପାଇଁ ଅପେକ୍ଷା କରିଥିବା ବହୁ ଯାତ୍ରୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ପରେ ଖଡ଼ଗପୁର ରେଳ ଡିଭିଜନର ଡିଆର୍‌ଏମ୍ ଓ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବିଦ୍ୟୁତୀକରଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଆସିଥିବାରୁ ସକାଳ ସମୟର ଡିଏମ୍ୟୁ ଟ୍ରେନ୍‌କୁ ବାତିଲ କରାଯାଇଥିବା ଜଣାପଡ଼ିଥିଲା। ତେବେ ଏ ସମ୍ପର୍କରେ କୌଣସି ପୂର୍ବ ସୂଚନା ରେଳ ବିଭାଗ ପକ୍ଷରୁ ଦିଆଯାଇ ନ ଥିବା ଯୋଗୁ ଯାତ୍ରୀମାନଙ୍କୁ ହଇରାଣ ହେବାକୁ ପଡ଼ିଥିଲା। ଭବିଷ୍ୟତରେ ଆଗୁଆ ସୂଚନା ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ବିଜୟ ରାଉତ, ଅଶ୍ୱିନୀ ମହାରଣା, ଅଜୟ ପ୍ରଧାନ, ଦେବାଶିଷ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

## ବିଜେଡି ପ୍ରାର୍ଥୀଙ୍କ ପ୍ରଚାର



ବିଜେଡି ପ୍ରାର୍ଥୀ ବିଦ୍ୟାଧରଙ୍କ ସହ ଏଲିନା ଦାସ ପ୍ରଚାର କରୁଛନ୍ତି।

ହାଟଡିହୀ,୯।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ୩୭ନଂ. ଜୋନ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ବିଦ୍ୟାଧର ବିଶ୍ୱାଳ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ବୁଧବାର ରାଜ୍ୟ ବିଜୁ ଯୁବ ଜନତା ଦଳର ମହା ସଚିବ ଏଲିନା ଦାସ ତାଙ୍କ ସହ ପ୍ରଚାରରେ ସାମିଲ ହୋଇଥିଲେ। ବିଧାୟକ ଭାଗିରଥୀ ସେଠୀ, ଅମରେନ୍ଦ୍ର ଧଳ, ବୀରେନ୍ଦ୍ର ବିଶ୍ୱାଳ, ଶିଶିର ବେହେରା, ଅନାଥ ନାୟକ, ନିର୍ମଳ ସେଠୀ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ନେତା ଓ କର୍ମୀ ଉପସ୍ଥିତ ଥିଲେ। ତେବେ କରୋନା କଟକଣା ବଳବତ୍ତର ଥିବା ବେଳେ କର୍ମୀ ଓ ନେତାଙ୍କ ମୁହଁରେ ମାସ୍କ ନ ଥିବା ଦେଖିବାକୁ ମିଳିଥିଲା।

# ପ୍ରାର୍ଥୀଙ୍କ ସହ ଘର ବୁଲିଲେ ବିଧାୟକ

ବାଲେଶ୍ୱର ଅଫିସ, ୯।୨

ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ୨୫ ନଂ. ଜୋନର ଗୋପୀନାଥପୁର ଏବଂ ସିନ୍ଧିଆ ପଞ୍ଚାୟତରେ ପ୍ରଚାରର ମଙ୍ଗ ଧରି ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବାକୁ ମଇଦାନକୁ ଓହ୍ଲାଇଛନ୍ତି ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ। ବୁଧବାର ଗୋପୀନାଥପୁର ପଞ୍ଚାୟତରେ ସମସ୍ତ ୱାର୍ଡ଼ର ଘରକୁ ଘର ବୁଲିବା ସହ ୨୫ ନଂ. ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ନାରାୟଣ ପ୍ରଧାନ, ଗୋପୀନାଥପୁର ସରପଞ୍ଚ ପ୍ରାର୍ଥୀ କମଳଲୋଚନ ପରିଡ଼ା, ସମିତିସଭ୍ୟ ପ୍ରାର୍ଥୀ ଲମ୍ବୋଧର ପ୍ରଧାନ ଏବଂ ସମସ୍ତ ୱାର୍ଡ଼ମେମ୍ବର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ବିଧାୟକ। ସେହିପରି ମଧ୍ୟାହ୍ନରେ ସିନ୍ଧିଆ ପଞ୍ଚାୟତର କେଶରପୁରଠାରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଦାସ ଯୋଗଦେଇ ଜିଲା ପରିଷଦ ସଭ୍ୟ ସଞ୍ଜୟ ଦାସ, ସରପଞ୍ଚ ପ୍ରାର୍ଥିନୀ ସୁଜାତା ଜେନା, ସମିତିସଭ୍ୟ ପ୍ରାର୍ଥୀ ସଂଗ୍ରାମ ପ୍ରଧାନ ଏବଂ ସମସ୍ତ ୱାର୍ଡ଼ମେମ୍ବରଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ମଦନମୋହନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ବାଚନୀ ସଭାରେ ପ୍ରାର୍ଥୀମାନଙ୍କ ସହ ବିଧାୟକ ସ୍ୱରୂପ କୁମାର ଦାସ।

# ସିଆର୍‌ପିଙ୍କୁ ସ୍ୱତନ୍ତ୍ର ସୁବିଧା ଦାବି

ଭଦ୍ରକ ଅଫିସ, ୯।୨

ଭଦ୍ରକ ପୌରପାଳିକା ଅଞ୍ଚଳରେ ଥିବା ସମସ୍ତ ୱାର୍ଡରେ ସ୍ୱୟଂସେବିକା ସଂଘର ସିଆର୍‌ପି (ଗୋଷ୍ଠୀ ସହାୟିକା) ଭାବେ କାର୍ଯ୍ୟରତ ସଦସ୍ୟାମାନେ ନିଜର ଅଧିକାର ପାଇଁ ଦାବି କରିଛନ୍ତି। ୫ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ନାହିଁ। ଏହି ପରିପ୍ରେକ୍ଷୀରେ ୧୨ ନଂ. ୱାର୍ଡର ହଜାରୀ ବଙ୍କ ଏଏଲ୍‌ଏଫ୍ ଅଫିସ ପରିସରରେ ପୂର୍ବତନ ପୌରପାଳ ମାନସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ୱାର୍ଡର ସିଆର୍‌ପି ମହାସଂଘର ସଦସ୍ୟା ନିଜର ଦାବି ଉପସ୍ଥାପନ କରିଥିଲେ। ବାସୁଦେବପୁର ଏନ୍‌ଏସିରେ କାର୍ଯ୍ୟରତ ସିଆର୍‌ପିମାନଙ୍କୁ ପ୍ରମାଣପତ୍ର ମିଳିବା ସହ ସରକାରଙ୍କ ପକ୍ଷରୁ ଘୋଷିତ ଦରମା ଓ ଅନ୍ୟାନ୍ୟ ସୁବିଧା ପାଇବାକୁ ନିର୍ଦ୍ଦେଶ ଆସିଛି। କିନ୍ତୁ ଭଦ୍ରକ ପୌରପାଳିକା ଅଧୀନରେ କାର୍ଯ୍ୟରତ ସିଆର୍‌ପିମାନଙ୍କ ପାଇଁ ସେଭଳି କିଛି ବ୍ୟବସ୍ଥା ହୋଇ ନ ଥିବା ସଂଘ ପକ୍ଷରୁ ବୈଠକରେ ଅଭିଯୋଗ କରାଯାଇଛି। ଏନେଇ ଜିଲାପାଳ, ଭଦ୍ରକ ବିଧାୟକ ଏବଂ ଉଚ୍ଚ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ସ୍ଥିର ହୋଇଛି।

## ବିଦ୍ୟୁତ୍ ସବ୍‌ଷ୍ଟେଶନ ପାଇଁ କ୍ଷେତ୍ର ପରିଦର୍ଶନ କଲେ ଅଧିକାରୀ

ଭଣ୍ଡାରିପୋଖରୀ, ୯।୨(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଧାମନଗର ଛକଠାରେ ଇଡ୍‌କୋ ପକ୍ଷରୁ ଅଧିଗୃହୀତ ଜମିରେ ଇଣ୍ଡିଆନ ଅଏଲ୍ ପକ୍ଷରୁ ଶିଳ୍ପଭିତ୍ତିକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନେଇ ଜଣାଯାଇଛି। ପ୍ରଥମେ ପ୍ରକଳ୍ପକୁ ବିଦ୍ୟୁତ୍ ଯୋଗାଣ ପାଇଁ ଗୁରୁତ୍ୱ ରହିଥିବାରୁ ଏଠାରେ ଏକ ପାୱାର ଗ୍ରୀଡ୍ ନିର୍ମାଣର ଆବଶ୍ୟକତା ରହିଛି। ବୁଧବାର ଟାଟା ପାୱାର ଅଧିକାରୀଙ୍କ ସମେତ ଇଡ୍‌କୋ ଏବଂ ଓପିଟିସିଏଲ୍ ଅଧିକାରୀ ପ୍ରକଳ୍ପ ଅଧିକୃତ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଟାଟା ପାୱାର ନେସ୍କୋ ନିର୍ବାହୀ ଯନ୍ତ୍ରୀ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ଅଧିକୃତ ଜମିରେ ଦମକଳ କେନ୍ଦ୍ର ନିକଟରେ ୨୨୦ କେଭି ଶକ୍ତି ବିଶିଷ୍ଟ ଗ୍ରୀଡ୍ ସବ୍‌ଷ୍ଟେସନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛନ୍ତି। ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ଦିଲୀପ କୁମାର ଜେନା, ସହକାରୀ ଯନ୍ତ୍ରୀ ହିମାଂଶୁ ଶେଖର ପାତ୍ର, ଓପିଟିସିଏଲ୍‌ର ସାଧାରଣ ପରିଚାଳକ ଦୁର୍ଗା ପ୍ରସାଦ ଜେନା, ଇଡ୍‌କୋ ମ୍ୟାନେଜର ସାଗର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କ ପାଇଁ ବିଧାୟକଙ୍କ ପ୍ରଚାର

ପଦ୍ମପୁର, ୯।୨ (ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଙ୍ଗ ଧରିଛନ୍ତି। ବିଭିନ୍ନ ପଞ୍ଚାୟତର ସାହି ଏବଂ ୱାର୍ଡ ବୁଲି ଲୋକଙ୍କ ମୌଳିକ ସମସ୍ୟାକୁ ବୁଝି ତାହାର ସମାଧାନ କରୁଥିବା ବେଳେ ଆଗାମୀ ନିର୍ବାଚନରେ ଦଳ ସମର୍ଥିତ ପ୍ରାର୍ଥୀମାନଙ୍କୁ ଭୋଟ୍ ଦେଲେ ବାକି ରହିଥିବା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରତିଶ୍ରୁତି ଦେଉଛନ୍ତି। ଏହି ନିର୍ବାଚନ ପ୍ରତିଶ୍ରୁତି କଥାରେ ନୁହେଁ କାମରେ ଦେଖାଇବେ ବୋଲି ବିଧାୟକ ରାଉତରାୟ କହିଛନ୍ତି। ବାଲିମୁଣ୍ଡା, ଜଗନ୍ନାଥପ୍ରସାଦ, ସୁଗୋ ପଞ୍ଚାୟତର ବିଭିନ୍ନ ସାହିରେ ବୁଲିବା ସହ ସୁଗୋ ଗ୍ରାମରେ ରୋଡ୍‌ଶୋ' କରିଛନ୍ତି। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ଛାତ୍ର ସଭାପତି କାଳନ୍ଦୀ ସାହୁ, ଇଂ. ସମ୍ବିତ ନାୟକ, ସରପଞ୍ଚ ପ୍ରଫୁଲ୍ଲ କୁମାର ପଳିତା, ୧୮ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଜୟକୃଷ୍ଣ ନାୟକ, ୨୧ ନଂ. ଜିଲା ପରିଷଦ ପ୍ରାର୍ଥୀ ଦିବ୍ୟଲକ୍ଷ୍ମୀ ବାରିକ, ସରପଞ୍ଚ ପ୍ରାର୍ଥୀ ବାସୁଦେବ କାଣ୍ଡି, ଚିନ୍ତାମଣି ନାୟକ, ନମିତା ଦାସ, ସମିତିସଭ୍ୟ ପ୍ରାର୍ଥୀ ଶାନ୍ତିଲତା ଦାସ, ଯୋଗେନ୍ଦ୍ର ନାୟକ, ଛବିରାଣୀ ମାଇତିଙ୍କ ସହ ଦଳୀୟ କର୍ମୀ ସନାତନ ଦାସ, ଅକ୍ଷୟ କୁମାର ବେହେରା, ଅଭିମନ୍ୟୁ ଦାସ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।



ପ୍ରାର୍ଥୀମାନଙ୍କ ସହ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଚାର କରୁଛନ୍ତି।

# ବଢ଼ିଲା ହାତୀ ସୁରକ୍ଷା ଚିନ୍ତା

କେନ୍ଦୁଝର,୯।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ରେଳ ଦୁର୍ଘଟଣାରେ ହାତୀ ମୃତାହତ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବନ ବିଭାଗ ଓ ରେଲୱେ ମଧ୍ୟରେ ସମନ୍ୱୟ ରକ୍ଷା କରି ଦୁର୍ଘଟଣା ରୋକିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ପୂର୍ବତଟ ରେଲୱେ ଖୋର୍ଦ୍ଧାର ଡିଆର୍‌ଏମ୍ ରିଙ୍କେଶ ରୟ ମଙ୍ଗଳବାର କେନ୍ଦୁଝରର ଗସ୍ତରେ ଆସି ବାଂଶପାଣି- ଯଖପୁରା ରେଳ ଲାଇନ ନୀରିକ୍ଷଣ କରିବା ସହ ବନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରଛନ୍ତି। ସୁରକ୍ଷିତ ହାତୀ ଯାତାୟତ ପାଇଁ ଅନୁଧ୍ୟାନ କରି ଫେରିଛନ୍ତି।

ବନ ବିଭାଗ ପକ୍ଷରୁ ରେଳପଥ ଯାଇଥିବା ଜିଲାର ବିଭିନ୍ନ ସମ୍ବେଦନଶୀଳ ପଥକୁ ଚିହ୍ନଟ କରାଯାଇଛି। କେନ୍ଦୁଝରର ଡିଭିଜନର କେନ୍ଦୁଝର, ଘଟଗାଁ, ଚମ୍ପୁଆ, ବଡବିଲ ରେଞ୍ଜ ଅଞ୍ଚଳର ଏଭଳି ୩୦ଟି ସ୍ଥାନ ଚିହ୍ନଟ ହୋଇଛି। ଯଖପୁରା-ବାଂଶପାଣି ରେଳ ଲାଇନ କେନ୍ଦୁଝର ଜିଲାର ଘଞ୍ଚ ଜଙ୍ଗଲାଞ୍ଚଳ ମଧ୍ୟ ଦେଇ ଯାଇଛି। ଏହି ଲାଇନରେ ବହୁ ସଂଖ୍ୟାରେ ମାଲବାହୀ ଟ୍ରେନ ଚଳାଚଳ କରିଥାଏ। ଜଙ୍ଗଲାଞ୍ଚଳ ହୋଇଥିବାରୁ ହାତୀ ପଲ ରେଳ ଲାଇନ ପାର ହୋଇ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯାଇ ବିଚରଣ କରିଥାନ୍ତି। ସେମାନଙ୍କ ଗତିପଥକୁ ବନ ବିଭାଗ ପକ୍ଷରୁ ନିୟମିତ ନୀରିକ୍ଷଣ କରାଯାଇଥାଏ। ସେହିପରି ହାତୀ ଚଳପ୍ରଚଳ ଚିହ୍ନିତ ଅଞ୍ଚଳରେ ରେଳ ଚଳାଚଳ ବେଳେ ବେଗକୁ ନିୟନ୍ତ୍ରଣ କରିବା ସହ ହର୍ଣ୍ଣ ବଜାଇ ଚଲାଇବା ପାଇଁ ଚାଳକଙ୍କୁ ନିର୍ଦ୍ଦେଶ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ରେଳପଥର ହରିଚନ୍ଦନପୁର ବ୍ଲକ ଅଧୀନ ଶଗଡ଼ପଟା ନିକଟରେ ୨୦୨୧ରେ ଟ୍ରେନ ଧକ୍କାରେ ଏକ ହାତୀର ମୃତ୍ୟୁ ହୋଇଥିଲା। ସେହିପରି ୨୦୧୮ରେ ସଦର ବ୍ଲକ ରାମଚନ୍ଦ୍ରପୁର ନିକଟରେ ଏକ ହାତୀ ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଥିବା ବେଳେ ୨୦୧୩ରେ ଯୋଡା ବ୍ଲକ ଅଞ୍ଚଳରେ ୩ଟି ହାତୀଙ୍କ ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଥିଲା।

## ଆମ୍ବଲିଅଠାରେ ଭଗବତୀ ପୂଜା

ଜଳେଶ୍ୱର, ୯।୨(ଡି.ଏନ୍.ଏ.)

ସବୁବର୍ଷ ପରି ଚଳିତବର୍ଷ ବିଧି ବ୍ୟବସ୍ଥା ଅନୁଯାୟୀ ମାଘମାସର ମଙ୍ଗଳବାର ମା' ଭଗବତୀଙ୍କ ପୂଜାପାଠ ଆମ୍ବଲିଅଠା ଗ୍ରାମରେ ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର ମଧ୍ୟରାତ୍ରିରେ ଗ୍ରାମ୍ୟଦେବୀ ଓ ଭଗବତୀ ପୀଠ ମନ୍ତ୍ରପାଠରେ ପ୍ରକମ୍ପିତ ହୋଇଥିଲା। ପ୍ରତିଘରୁ ଉଖୁଡା ଭୋଗ ଆସି ମା'ଙ୍କଠାରେ ଲାଗି ହୁଏ। ଏହି ଉପଲକ୍ଷେ ଭଗବତୀ ପୀଠରେ ବିଳମ୍ବିତ ରାତିରେ ୩୭ ମାନସିକ ବୋଦା ବଳି ପଡିଥିଲା।

# ବାଲି ଚୋରି ରୋକିବାକୁ ଟ୍ରେଞ୍ଚ ଖୋଳା

ଚମ୍ପୁଆ,୯।୨(ଡି.ଏନ.ଏ)

ସକ୍ରିୟ ମାଫିଆଙ୍କ ଦ୍ୱାରା ବାଲିଚୋରି ରୋକିବା ପାଇଁ ପ୍ରଶାସନ ଆପଣେଇଛି ଅଭିନବ ପ୍ରୟାସ। ନିଲାମ ଘାଟଠାରୁ ଆରମ୍ଭକରି ନଦୀପଠାରୁ ମାଫିଆମାନେ ରାଜସ୍ୱ ବିଭାଗକୁ ଚକ୍‌ମା ଦେଇ ବାଲି ଚୋରି କରି ବିଭାଗର ଚିନ୍ତା ବଢ଼ାଇ ଚାଲିଛନ୍ତି। ଏଥିଯୋଗୁ ରାଜସ୍ୱହାନି ହେଉଥିବାରୁ ଅନେକ ସମୟରେ ଚଢ଼ାଉ କରାଯାଇ ଫାଇନ ଆଦାୟ କରାଯାଉଥିଲା। ମାତ୍ର ବାଲି ଚୋରିକୁ ରୋକାଯାଇ ପାରିନି। ଉପଜିଲାପାଳ ପ୍ରତାପ ପ୍ରତିମୟଙ୍କ ଆଦେଶ ପରେ ତହସିଲଦାର ସାଇସ୍ମିତା ହୋତାଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଚମ୍ପୁଆ ରାଜସ୍ୱ ନିରୀକ୍ଷକ ସୁଧାକର ସେଠୀ ଓ ଟିମିଲା ରାଜସ୍ୱ ନିରୀକ୍ଷକ ଶିବବ୍ରତ ନାଏକଙ୍କ ଉପସ୍ଥିତିରେ ଗୋଧୂଳି, କଙ୍କଡ଼ାପାଟ ଓ ଜଗନ୍ନାଥପୁରଠାରେ ଚୋରାବାଲି ଚାଲାଣ ରାସ୍ତାରେ ଟ୍ରେଞ୍ଚ ଖୋଳାଯାଇଛି।

# ମହିଳା ମହାସଂଘ ଆର୍ଥିକ ଅନିୟମିତତାର ହେବ ତଦନ୍ତ

ବାସୁଦେବପୁର, ୯।୨ (ଡି.ଏନ.ଏ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଇରମ ପଞ୍ଚାୟତ ମହିଳା ମହାସଂଘରେ ହୋଇଥିବା ଆର୍ଥିକ ଅନିୟମିତତା ଘଟଣା ଏବେ ଭିନ୍ନ ମୋଡ଼ ନେବାରେ ଲାଗିଛି। ପ୍ରାୟ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା ସହ ବେଆଇନ ଭାବେ ମହଜୁଦ ରଖାଯିବା ସମ୍ପର୍କରେ ମହାସଂଘର ସଭାନେତ୍ରୀ, ସମ୍ପାଦିକାଙ୍କ ବିରୋଧରେ କେତେଜଣ ସଦସ୍ୟ ରାଜ୍ୟ ମିଶନ ଶକ୍ତି ବିଭାଗ ନିକଟରେ ଅଭିଯୋଗ କରିଥିଲା। ବ୍ଲକ ପ୍ରଶାସନ ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ତନାଘନା କରାଯିବା ସହ ତଦନ୍ତ ପାଇଁ ସଭାନେତ୍ରୀ ରମଣୀ ବିଶ୍ୱାଳ ଓ ସମ୍ପାଦିକା ରମାମଣି ମାଝିଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଅନ୍ୟପକ୍ଷେ ସଭାନେତ୍ରୀ, ସମ୍ପାଦିକା ନିରପେକ୍ଷ ତଦନ୍ତ ଦାବି କରି ବିଡିଓ ଏବଂ ବିପିଏମ୍‌ଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସଭାନେତ୍ରୀ ବିଶ୍ୱାଳ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ବିଡିଓଙ୍କ କାର୍ଯ୍ୟାଳୟରୁ ତା ୭।୨।୨୨ ରିଖରେ ଚିଠି ପାଇବା ପରେ ୮।୨।୨୨ରେ ଏକ ଚିଠି ମାଧ୍ୟମରେ ନିରପେକ୍ଷ ତଦନ୍ତ ନିମନ୍ତେ ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି। ସମ୍ପାଦିକା ମାଝି ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ପରେ ଏକାଧିକବାର କ୍ଷେତ୍ରୀୟ ତଦନ୍ତ କରାଯାଇଥିବା ବିପିଏମ୍ ବୀଣାପାଣି ପଣ୍ଡା କହିଛନ୍ତି। ଅଧିକ ଅନୁସନ୍ଧାନ ଚାଲିଛି। ଅନିୟମିତତା ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସତ୍ୟଜିତ ରାଉତଙ୍କୁ ପଚାରିବାରୁ ପ୍ରଶାସନିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

# ପୁରୁଣାଙ୍କୁ ଟକ୍କର ଦେଉଛନ୍ତି ନୂଆ

ବାହାନଗା, ୯।୨(ଡି.ଏନ.ଏ.)

ବାହାନଗା ବ୍ଲକର ପ୍ରମୁଖ ପଞ୍ଚାୟତ ବରିପଦାରେ ଚଳିତବର୍ଷ ତ୍ରିମୁଖୀ ଲଢେଇ ହେଉଛି। ଏଥିରେ ପୁରୁଣାକୁ ଟକ୍କର ଦେଉଛନ୍ତି ନୂଆମୁହଁ। ତେବେ ବିଜେଡି ସମର୍ଥନରେ ପ୍ରାଣୀ ଡାକ୍ତରଖାନାର ଜଣେ ଅବସରପ୍ରାପ୍ତ କର୍ମଚାରୀ ମହେଶ୍ୱର ମାଝି ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ପୂର୍ବରୁ ପ୍ରାଣୀମାନଙ୍କର ଚିକିତ୍ସା କରୁଥିଲେ। ଅବସର ପରେ ସେ ଜନସେବା କରିବାକୁ ଆଗେଇ ଆସିଛନ୍ତି। ତାଙ୍କ ବିରୋଧରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସୂର୍ଯ୍ୟକାନ୍ତ ମାଝି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କୌଣସି ଦଳର ସମର୍ଥନ ନ ନେଇ ଏକାକୀ ଲଢୁଥିବା ବାବୁରାମ ମାଝିଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେବାର ପଥ ପରିଷ୍କାର ହୋଇଛି। ତେବେ ବିଜେଡି ବିଧାୟକ ପର୍ଶୁରାମ ଧଡ଼ା, ଜିଲାପରିଷଦ ପ୍ରାର୍ଥୀଙ୍କ ସହିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଆରମ୍ଭ କରିଛନ୍ତି। ମହେଶ୍ୱର ମାଝି ପ୍ରଚାର ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି। ଏହି ପଞ୍ଚାୟତ ୧୬ ୱାର୍ଡକୁ ନେଇ ଗଠିତ। ଏଥିରେ ୭ ହଜାର ୧ଶହ ୭୪ ଜଣ ଭୋଟର ଅଛନ୍ତି।



କରଞ୍ଜାବିନ୍ଧା ଗ୍ରାମରେ ନିର୍ବାଚନୀ ପ୍ରଚାର।

# ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ

- ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ପ୍ରକଳ୍ପ ନିର୍ଦ୍ଦେଶକ
- ନିର୍ମାଣ କାର୍ଯ୍ୟ ମନ୍ଥରତା ନେଇ ଅସନ୍ତୁଷ୍ଟ

ଆରଡ଼ି, ୯।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇଛି। ଏଥିନିମନ୍ତେ ଇ ସ୍ମାର୍ଟ କ୍ଲାସରୁମ୍, ଇ ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍, ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ପ୍ରାୟ ଦୁଇମାସ ହେଲା ଆରମ୍ଭ ହୋଇଯାଇଛି। ନିର୍ମାଣ କାର୍ଯ୍ୟ ସରିବାକୁ ଆଉ ୧ ସପ୍ତାହ ବାକି ଥିବାବେଳେ ଏହା ମନ୍ଥର ଗତିରେ ଚାଲିଥିବା ନେଇ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଏହି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ବୁଧବାର ଅଚାନକ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ନିର୍ମାଣ କାର୍ଯ୍ୟ ଦେଖି ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଇଞ୍ଜିନିୟର ସଦାନନ୍ଦ ଜେନାଙ୍କୁ କାର୍ଯ୍ୟର ମନ୍ଥରତା ନେଇ ପ୍ରଶ୍ନ କରିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଯୋଗୁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତି ନିର୍ମାଣ କାର୍ଯ୍ୟ ବିଳମ୍ବର କାରଣ ବୋଲି ଜଣେ ଅଧିକାରୀ କହିଥିଲେ। ପରେ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟି, ମୋ ସ୍କୁଲ ଅଭିଯାନ ସଭାପତି ଦୀପ୍ତି ରଞ୍ଜନ ନାୟକଙ୍କ ସହ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।



ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରୁଛନ୍ତି।

## କଳାକନା ବୁଲାଇଲେ ଚୋର

ସୋର, ୯।୨(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅଧୀନ ଇଟୁଆ ଗ୍ରାମରେ ଘରେ କେହି ନ ଥିବା ବେଳେ ଝରକା ଭାଙ୍ଗି ଆନୁମାନିକ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଓ ରୁପା ଗହଣା ସହ ନଗଦ ୭୫ହଜାର ଟଙ୍କା ଚୋର କରିନେଇଛନ୍ତି ଦୁର୍ବୃତ୍ତ। ଏହି ଗ୍ରାମର ଓସିଏଲ କମ୍ପାନୀର ଅବସରପ୍ରାପ୍ତ ପରିଚାଳକ ବିରଞ୍ଚିନାରାୟଣ ମହାନ୍ତି ଗତ ୫ତାରିଖ ସକାଳେ ପରିବାର ଲୋକଙ୍କ ସହିତ ଜଳେଶ୍ୱରସ୍ଥିତ ସମ୍ପର୍କୀୟଙ୍କ ବିବାହ ଉତ୍ସବକୁ ଯୋଗଦେବାକୁ ଯାଇଥିଲେ। ସେଠାରୁ ମଙ୍ଗଳବାର ସନ୍ଧ୍ୟାରେ ଫେରିବା ପରେ ତାଙ୍କ ଶୋଇବା ଘର ଝରକା ଭାଙ୍ଗି ଚୋରମାନେ ପଶି ଏଟିଏମ କାର୍ଡ, ଆଧାରକାର୍ଡ଼, ପାନକାର୍ଡ, ସୁନା, ରୁପା ଓ ନଗଦ ଟଙ୍କା ନେଇଯାଇଥିବା ଦେଖିବାକୁ ପାଇଥିଲେ। ଏନେଇ ବିରଞ୍ଚିନାରାୟଣ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୭୨/୨୨) ରୁଜୁ କରି ସାଇଣ୍ଟିଫିକ୍ ଟିମ ଏବଂ ସନ୍ଧାନୀ କୁକୁର ସହିତ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଧରିତ୍ରୀ
DHARITRI
ଗୁରୁବାର, ୧୦ ଫେବୃୟାରୀ, ୨୦୨୨



ଭାରତର କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍‌କର ବାସ୍ତବରେ ମହାଦେଶର ସ୍ୱର ଥିଲେ। ତାଙ୍କ ପରଲୋକ ଭାରତ ପାଇଁ ବଡ଼ କ୍ଷତି।
- ଆଣ୍ଟୋନିଓ ଗୁଟେରେସ୍, ଜାତିସଂଘ ମହାସଚିବ



## ସଂକ୍ଷେପରେ

### ଧର୍ମନିନ୍ଦା: ହିନ୍ଦୁ ଶିକ୍ଷକଙ୍କୁ ଆଜୀବନ ଜେଲ

**ଇସ୍‌ଲାମାବାଦ, ୯।୨:** ଧର୍ମନିନ୍ଦା ଅଭିଯୋଗରେ ପାକିସ୍ତାନର ଏକ କୋର୍ଟ ଜଣେ ହିନ୍ଦୁ କଲେଜ ଶିକ୍ଷକ ନୌତନ ଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ ସେପ୍ଟେମ୍ବର ୧୪ରେ ସୋସିଆଲ ମିଡିଆରେ ନୌତନଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଈଶାନିନ୍ଦା କରିଥିବା ଅଭିଯୋଗ ହୋଇଥିଲା। ସେବେଠାରୁ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା। ଟ୍ରାଏଲ ସମୟରେ ଦୁଇ ଥର ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ଈଶାନିନ୍ଦା ଅଭିଯୋଗରେ ପାକିସ୍ତାନ ୧୯୪୭ରୁ ଏ ପର୍ଯ୍ୟନ୍ତ ୧୪୧୫ ମାମଲା ରୁଜୁ କରିଥିବା ଅନୁସନ୍ଧାନ ଏବଂ ସୁରକ୍ଷା ଅଧ୍ୟୟନ କେନ୍ଦ୍ରର ଏକ ରିପୋର୍ଟରେ କୁହାଯାଇଛି।

### ମାଓବାଦୀଙ୍କ ପ୍ରଭାବ ୪୬ ଜିଲାକୁ ହ୍ରାସ

**ନୂଆଦିଲ୍ଲୀ,୯।୨(ପି.ଟି.):** ମାଓବାଦୀମାନଙ୍କ ପ୍ରଭାବ ୨୦୧୦ରେ ଦେଶର ୯୬ ଜିଲାରେ ରହିଥିଲା। ୨୦୨୧ରେ ତାହା ୪୬ ଜିଲାକୁ ହ୍ରାସ ପାଇଛି ବୋଲି ରାଜ୍ୟ ସଭାରେ ବୁଧବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। ମାଓବାଦୀ ହିଂସା ରୋକିବା ଲାଗି କେନ୍ଦ୍ର ସରକାରଙ୍କ ନୀତି ଯୋଗୁ ଏହି ସଂଗଠନର ଭୌଗୋଳିକ ପ୍ରଭାବ ଯଥେଷ୍ଟ ହ୍ରାସ ପାଇଛି ବୋଲି ପ୍ରଶ୍ନୋତ୍ତର କାଳରେ ମନ୍ତ୍ରୀ କହିଥିଲେ। ୨୦୨୧ରେ ମାଓବାଦୀ ହିଂସା ୨୦୧୮ ଏବଂ ୨୦୧୯ ତୁଳନାରେ ୭୦ ପ୍ରତିଶତ କମିଛି। ୨୦୧୦ରେ ମାଓ ହିଂସାରେ ୧,୦୦୫ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୨୧ରେ ତାହା ୧୪୭କୁ ହ୍ରାସ ପାଇଛି। ମାଓବାଦୀ ଦମନ ଏବଂ ପ୍ରଭାବିତ ଜିଲାଗୁଡ଼ିକର ବିକାଶ ଲାଗି ୨୦୧୫ରେ ନରେନ୍ଦ୍ର ମୋଦି ସରକାର ଆଣିଥିବା ନୀତି ଓ କାର୍ଯ୍ୟଯୋଜନା ଫଳପ୍ରଦ ହୋଇଛି। ଉକ୍ତ ଜିଲାଗୁଡ଼ିକର ବିକାଶ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଭାରତରେ ମାଓବାଦୀମାନଙ୍କ ନୀତି ବିଶ୍ୱ ସଂଗଠନଗୁଡ଼ିକ ଦ୍ୱାରା ପ୍ରଭାବିତ ହେଉଥିଲା। ଏହାର ତଦନ୍ତ କରାଗଲାବେଳେ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ ପ୍ରତିବାଦ ଉଠାଇଥିଲେ ଓ ସେମାନଙ୍କୁ ସହାୟତା ପାଇଁ ଆଗେଇ ଆସିଥିଲେ। ସିପିଆଇ-ଏମ୍ ଅନ୍ତର୍ଜାତୀୟ ସଂଗଠନ ସେଥିମଧ୍ୟରୁ ଅନ୍ୟତମ ବୋଲି ମନ୍ତ୍ରୀ କହିଛନ୍ତି।

### ରନ୍‌ଓ୍ୱେରେ ଖସିପଡ଼ିଲା ବିମାନ ଇଞ୍ଜିନ୍ କଭର

**ମୁମ୍ବାଇ,୯।୨:** ବିନା ଇଞ୍ଜିନ୍ କଭରରେ ବୁଧବାର ସକାଳେ ମୁମ୍ବାଇରୁ ଗୁଜରାଟ ଯାଉଥିବା ବିମାନ ଭୁଜ୍ ବିମାନବନ୍ଦର ନିରାପଦର ସହିତ ଅବତରଣ କରିଛି। ଆଲିଆନ୍ସ ଏୟାରର ଏଟିଆର୍ ୭୨-୬୦୦ ବିମାନରେ ୫ କର୍ମଚାରୀଙ୍କ ସମେତ ୭୦ ଜଣ ଥିଲେ। ମୁମ୍ବାଇ ବିମାନ ବନ୍ଦରରେ ଉଡ଼ାଣ ବେଳେ ବିମାନର ଇଞ୍ଜିନ କଭର ରନ୍‌ଓ୍ୱେରେ ଖସିପଡ଼ିଥିଲା। ଫଳରେ ବିପଦ ସୃଷ୍ଟି ହୋଇପାରେ ବୋଲି ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ଆଶଙ୍କା କରିଥିଲା। ଭୁଜ୍‌ରେ ବିମାନଟି ନିରାପଦରେ ଅବତରଣ କରିଥିଲେ ମଧ୍ୟ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହାର ତଦନ୍ତ କରୁଛି।

### ବଜେଟ ଗରିବ, ଚାଷୀଙ୍କ ପାଇଁ ନୁହେଁ: ବିରୋଧୀ

**ନୂଆଦିଲ୍ଲୀ,୯।୨(ପି.ଟି.):** କେନ୍ଦ୍ର ସରକାରଙ୍କ ବଜେଟ ଗରିବ ଓ କୃଷକଙ୍କ ପାଇଁ ନୁହେଁ। ସଂଖ୍ୟାଧିକ ଗରିବଙ୍କୁ ବଜେଟରୁ ବାଦ୍ ଦିଆଯାଇଥିବାବେଳେ ଦେଶର ସର୍ବାଧିକ ଲୋକ ନିୟୋଜିତ ହୋଇଥିବା କୃଷି ସେକ୍ଟର ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ ବୋଲି ବୁଧବାର ବିରୋଧୀ ସଦସ୍ୟମାନେ ରାଜ୍ୟ ସଭାରେ ଅଭିଯୋଗ କରିଛନ୍ତି। ବଜେଟ ଆଲୋଚନାର ଦ୍ୱିତୀୟ ଦିନରେ ସିପିଆଇ ନେତା ବିନୟ ବିଶ୍ୱମ୍ କହିଥିଲେ, ଟାଟା, ବିର୍ଲା, ଅମ୍ବାନୀ, ଆଦାନୀ ଭଳି ବୃହତ୍ କର୍ପୋରେଟ ହାଉସ୍‌ଗୁଡ଼ିକୁ ଲାଭ ପହଞ୍ଚାଇବା ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ଏହା ଗରିବଙ୍କ ପାଇଁ ନୁହେଁ, ବରଂ ଦେଶର ଶ୍ରେଷ୍ଠ ଧନୀମାନଙ୍କ ପାଇଁ ବୋଲି ସେ କହିଛନ୍ତି। ଖାଦ୍ୟ ସବ୍‌ସିଡି ହ୍ରାସ ଏବଂ କୃଷି ଗବେଷଣା ଲାଗି ସ୍ୱଳ୍ପ ବ୍ୟୟବରାଦ କରାଯାଇଥିବାରୁ ଟିଆର୍‌ଏସ୍ ନେତା କେ.ଆର୍. ସୁରେଶ ରେଡ୍ଡୀ ଏହାର ସମାଲୋଚନା କରିଥିଲେ। ୨୦୨୨ରେ ଚାଷୀଙ୍କ ଆୟ ଦୁଇଗୁଣା ହେବା କଥା କହିଥିଲେ, ଅଥଚ ବଜେଟରେ କୃଷି ଉତ୍ପାଦନ କ୍ରୟ ପାଇଁ ବ୍ୟୟବରାଦ ୧୦,୦୦୦ କୋଟି ଟଙ୍କା ହ୍ରାସ କରାଯାଇଛି।

# ବାସ୍ତବ ହେବ ନ୍ୟୁକ୍ଲିୟର ପାଓ୍ୱାର ଷ୍ଟେଶନ

## ନ୍ୟୁକ୍ଲିୟର ଶକ୍ତି ଉତ୍ପାଦନରେ ବଡ଼ ସଫଳତା

## କମିବ ଗ୍ରୀନ୍ ହାଉସ୍ ପ୍ରଭାବ

**ଲଣ୍ଡନ, ୯।୨**

ନ୍ୟୁକ୍ଲିୟର ଫ୍ୟୁଜନ ଯୋଗୁ ସୃଷ୍ଟ ଶକ୍ତିକୁ ଗ୍ରୀନ ଏନର୍ଜୀ ଉତ୍ସ ଭାବେ ବ୍ୟବହାର ଦିଗରେ ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ସୂର୍ଯ୍ୟକୁ ଶକ୍ତି ପ୍ରଦାନ କରୁଥିବା ପ୍ରକ୍ରିୟାର ସଫଳ ନକଲ କରାଯିବା ପରେ ବ୍ରିଟେନରେ ବିକଶିତ ଏହି ଟେକ୍ନୋଲୋଜି ଯୋଗେ ଦୁନିଆର ପ୍ରଥମ ନ୍ୟୁକ୍ଲିୟର ଫ୍ୟୁଜନ ପାଓ୍ୱାର ଷ୍ଟେଶନ ବାସ୍ତବ ରୂପ ନେବାକୁ ଯାଉଛି। ଆସନ୍ତା ପିଢ଼ି ଏହି ଉତ୍ସରୁ ସବୁଜ ଶକ୍ତି ପାଇପାରିବେ ବୋଲି ୟୁରୋପୀୟ ବୈଜ୍ଞାନିକମାନେ କହିଛନ୍ତି। ଦୁଇ ଉଦ୍‌ଯାନ(ହାଇଡ୍ରୋଜେନ) ପରମାଣୁକୁ ପରସ୍ପର ସହ ଫ୍ୟୁଜନ କରି ସର୍ବାଧିକ ପରିମାଣର ଶକ୍ତି ଉତ୍ପନ୍ନ କରିବାରେ ବ୍ରିଟେନସ୍ଥିତ ଜଏଣ୍ଟ ୟୁରୋପିଆନ ଟୋରସ୍ (ଜେଇଟି) ଲାବରେଟୋରି ନୂଆ ରେକର୍ଡ କରିଛି। ଏହି ପରୀକ୍ଷଣରେ ମାତ୍ର ୫ ସେକେଣ୍ଡରେ ୫୯ ମେଗାଜୁଲ୍ ଶକ୍ତି ଉତ୍ପନ୍ନ ହୋଇଥିଲା। ୧୯୯୭ରେ ଅନୁରୂପ ପରୀକ୍ଷଣରେ ସୃଷ୍ଟି ହୋଇଥିବା ଏନର୍ଜୀ ତୁଳନାରେ ଏହା ଦୁଇଗୁଣ ଅଧିକ। ଏହି ଏକ୍ସପେରିମେଣ୍ଟ ଠିକ୍ ଦିଗରେ ଯାଇଥିବା ପ୍ରୋଜେକ୍ଟ ମ୍ୟାନେଜର ଟୋନି ଡୋନ କହିଛନ୍ତି। ଯଦି ୫ ସେକେଣ୍ଡ ପର୍ଯ୍ୟନ୍ତ ନ୍ୟୁକ୍ଲିୟର ଫ୍ୟୁଜନକୁ ବଜାୟ ରଖାଯାଇପାରିଛି, ତେବେ ଭବିଷ୍ୟତରେ ଆହୁରି ଉନ୍ନତ ଟେକ୍ନୋଲୋଜିରେ ତାହା ୫ ମିନିଟ୍, ୫ ଘଣ୍ଟା ଏବଂ ଏହାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ମଧ୍ୟ ଜାରି ରଖାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ଆଗାମୀ ଦିନରେ ନ୍ୟୁକ୍ଲିୟର ପାଓ୍ୱାର ଷ୍ଟେଶନ ବସିପାରିବ ଏବଂ ସମଗ୍ର ବିଶ୍ୱ ପ୍ରଦୂଷଣ ମୁକ୍ତ ଶକ୍ତି ବା ଗ୍ରୀନ ଏନର୍ଜୀ ପାଇପାରିବେ।

ରିଆକ୍ଟର ଲାବ୍ ମୁଖ୍ୟ ଡ. ଜୋ ମିଲ୍‌ନେସ୍‌ଙ୍କ କହିବା ଅନୁଯାୟୀ, ହାଇଡ୍ରୋଜେନ ପରମାଣୁ ଫ୍ୟୁଜନବେଳେ ମେଶିନ ମଧ୍ୟରେ ଏକ ମିନି ଷ୍ଟାର୍ ବା ଛୋଟ ତାରକା ସୃଷ୍ଟି କରାଯାଇପାରିଥିଲା। ଏଥିରୁ ୩ରୁ ୫ ସେକେଣ୍ଡ ପର୍ଯ୍ୟନ୍ତ ବହୁମାତ୍ରାରେ ଶକ୍ତି ଉତ୍ପନ୍ନ ହୋଇଛି। ଏହି ସଫଳତା ପରେ ନ୍ୟୁକ୍ଲିୟର ଶକ୍ତିକୁ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରିବା ରାସ୍ତା ଫିଟିଛି। ଏହି ଶକ୍ତି ଦ୍ୱାରା ଗ୍ରୀନ୍ ହାଉସ ଇଫେକ୍ଟ ବା ସବୁଜ ଗୃହ ପ୍ରଭାବ କମିବ ଏବଂ ଅତି ଅଳ୍ପ ମାତ୍ରାରେ ରେଡିଓଆକ୍ଟିଭ୍ ବର୍ଜ୍ୟ ବାହାରିବ ଯାହା ଦୀର୍ଘସ୍ଥାୟୀ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

## କିପରି କାମ କରେ ଫ୍ୟୁଜନ୍ ପ୍ରକ୍ରିୟା




➩ ଆଇସୋଟୋପ୍ ହେଉଛି କୌଣସି ମୌଳିକ ଉପାଦାନର ଦୁଇ ବା ଅଧିକ ରୂପ। ସେଗୁଡିକର ପାରମାଣବିକ ଗୁରୁତ୍ୱ ଓ ନାଭିକୀୟ ଗୁଣ ଭିନ୍ନ ହେଲେ ବି ରାସାୟନିକ ଗୁଣ ସମାନ।

## ନ୍ୟୁକ୍ଲିୟର ଫ୍ୟୁଜନ କ'ଣ

ଦୁଇ ପରମାଣୁ ପରସ୍ପର ସହ ମିଶିବା ପ୍ରକ୍ରିୟାକୁ ନ୍ୟୁକ୍ଲିୟର ଫ୍ୟୁଜନ କୁହାଯାଏ। ଏହି ପ୍ରକ୍ରିୟାରେ ବିପୁଳ ମାତ୍ରାରେ ଶକ୍ତି ଉତ୍ପନ୍ନ ହୋଇଥାଏ। ସୂର୍ଯ୍ୟ ଏବଂ ଅନ୍ୟ ତାରକା ଗୁଡ଼ିକ ନ୍ୟୁକ୍ଲିୟର ଫ୍ୟୁଜନ ଯୋଗୁ ଶକ୍ତି ପାଇଥାନ୍ତି। ସୂର୍ଯ୍ୟରେ ହାଇଡ୍ରୋଜେନ ପରମାଣୁ ପରସ୍ପର ସହ ମିଶି ହିଲିୟମରେ ପରିଣତ ହୋଇଥାନ୍ତି। ଅତ୍ୟଧିକ ମାଧ୍ୟାକର୍ଷଣ ଶକ୍ତି ଯୋଗୁ ୧୦ ମିଲିୟନ ସେଲ୍‌ସିୟସ୍ ତାପମାତ୍ରାରେ ସୂର୍ଯ୍ୟର କୋର୍‌ରେ ଏହି ପ୍ରକ୍ରିୟା ଘଟିଥାଏ। କିନ୍ତୁ ପୃଥିବୀରେ ନିମ୍ନ ଚାପରେ ୧୦୦ ମିଲିୟନ ଡିଗ୍ରୀ ସେଲ୍‌ସିୟସରୁ ଅଧିକ ତାପମାତ୍ରା ବଜାୟ ରଖିବା ଆବଶ୍ୟକ ପଡୁଥିବାରୁ ଏହି ପ୍ରକ୍ରିୟାରେ ଶକ୍ତି ଉତ୍ପନ୍ନ କରିବା ବେଶ୍ କଷ୍ଟକର। ଭବିଷ୍ୟତରେ ଆଣବିକ ଫ୍ୟୁଜନରୁ ସୃଷ୍ଟ ଶକ୍ତି ଦ୍ୱାରା ସୀମିତ ସମ୍ବଳର ବ୍ୟବହାର କମିବା ସହ ଶୂନ ଅଙ୍ଗାରକାମ୍ଳ ନିର୍ଗମନ ପରିବେଶ ପ୍ରଦୂଷଣକୁ ଯଥେଷ୍ଟ ରୋକିପାରିବ।

## ଦୁଇ ଦଶନ୍ଧିର ପ୍ରୋଜେକ୍ଟ

ଦୀର୍ଘ ୨୦ ବର୍ଷ ହେଲା ନ୍ୟୁକ୍ଲିୟର ଫ୍ୟୁଜନ ପ୍ରୋଜେକ୍ଟ ଉପରେ କାମ ଜାରି ରହିଛି। ଏହି ଗବେଷଣାରେ ୟୁରୋ ଫ୍ୟୁଜନ କନ୍‌ସୋର୍ଟିୟମର ପ୍ରାୟ ୪,୮୦୦ ବୈଜ୍ଞାନିକ କାମ କରୁଛନ୍ତି। ଏଥିରେ ୟୁରୋପୀୟ ସଂଘ ସଦସ୍ୟ ଦେଶଗୁଡ଼ିକ ସମେତ ସୁଇଜରଲାଣ୍ଡ, ୟୁକ୍ରେନ ଆଦି ରାଷ୍ଟ୍ରର ଗବେଷକ ସାମିଲ ଅଛନ୍ତି। ଅକ୍ସଫୋର୍ଡରେ ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ମେଶିନ୍‌ରେ ନ୍ୟୁକ୍ଲିୟର ଫ୍ୟୁଜନ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହି ପରୀକ୍ଷଣଗୁଡିକର ଫଳାଫଳ ଜେଇଟିର ପରବର୍ତ୍ତୀ ସଂସ୍କରଣ ଆଇଟିଇଆର୍‌ରେ ଫିଡ୍ କରାଯିବ। ଆଇଟିଇଆର୍ ଏକ ପ୍ରକାର ଉପକରଣ, ଯାହା ଫ୍ୟୁଜନ ପ୍ରକ୍ରିୟାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରଖିବ। ଏଥିରେ ଇଣ୍ଟିଗ୍ରେଟେଡ୍ ଟେକ୍ନୋଲୋଜି ଓ ମାଟେରିଆଲ ଟେଷ୍ଟ କରାଯିବ। ଫ୍ୟୁଜନ ପ୍ରକ୍ରିୟା ଦ୍ୱାରା ବ୍ୟବସାୟିକ ଭିତ୍ତିରେ ବିଦ୍ୟୁତ୍ ଉତ୍ପାଦନରେ ଆଇଟିଇଆର୍‌କୁ ବ୍ୟବହାର କରାଯିବ। ଫ୍ରାନ୍ସରେ ଆଇଟିଇଆର୍ ପ୍ରୋଜେକ୍ଟ ଆସିବାକୁ ଥିବାବେଳେ ଏଥିରେ ଚାଇନା, ୟୁରୋପୀୟ ସଂଘ, ଭାରତ, ଜାପାନ, କୋରିଆ, ରୁଷିଆ ଏବଂ ଆମେରିକା ସହଯୋଗୀ ରାଷ୍ଟ୍ର ଭାବେ ସାମିଲ ଅଛନ୍ତି।

# ଉଦ୍ଧାର ହେଲେ କମଳା ହାରିସ୍‌ଙ୍କ ସ୍ୱାମୀ

## ସ୍କୁଲ ବିଲ୍ଡିଂରେ ବୋମା ଆତଙ୍କ

**ଓ୍ୱାଶିଂଟନ୍, ୯।୨**

ଓ୍ୱାଶିଂଟନ୍‌ର ଡନ୍‌ବାର୍ ହାଇସ୍କୁଲ ବିଲ୍ଡିଂରେ ବୋମା ଖଞ୍ଜାଯାଇଥିବା ସୂଚନା ମିଳିବା ପରେ ସେଠାରୁ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସ୍ୱାମୀ ଡଗ୍‌ଲସ୍ ଏମ୍‌ହଫ୍‌ଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ମଙ୍ଗଳବାର ଉକ୍ତ ସ୍କୁଲରେ ଆଫ୍ରିକୀୟ ଆମେରିକୀୟ ଇତିହାସ ସହ ଜଡ଼ିତ 'ବ୍ଲାକ୍ ହିଷ୍ଟ୍ରି ମନ୍ଥ' ପାଳନ ନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ସେକେଣ୍ଡ ଜେଣ୍ଟଲମ୍ୟାନ୍ ଡଗ୍‌ଲସ୍ ଯୋଗଦେବାକୁ ଯାଉଥିବାବେଳେ ସିକ୍ରେଟ ସର୍ଭିସକୁ ବୋମା ରଖାଯାଇଥିବା ବାବଦରେ ସୂଚନା ମିଳିଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସୁରକ୍ଷାକର୍ମୀମାନେ ସେଠାରୁ ସ୍ଥାନାନ୍ତର କରିନେଇଥିଲେ। ଏଥିସହ ସେଠାରେ ଥିବା ଲୋକଙ୍କୁ ମଧ୍ୟ ସେହି ସ୍ଥାନ ଛାଡ଼ିବାକୁ କୁହାଯାଇଥିଲା।



ଡଗ୍‌ଲସ୍ ଏମ୍‌ହଫ୍

ତେବେ ବୋମା ବାବଦରେ ସବିଶେଷ ତଥ୍ୟ ସରକାର କିମ୍ବା ପୋଲିସ ପକ୍ଷରୁ ସାର୍ବଜନୀନ କରାଯାଇନାହିଁ।



ହାଇଦ୍ରାବାଦରେ ବୁଧବାର ଆନ୍ଦୋଳନରତ ଜଣେ ଶିକ୍ଷୟିତ୍ରୀଙ୍କୁ ପୋଲିସ କର୍ମୀ ଉଠାଇ ନେଉଛନ୍ତି।

## ପାକିସ୍ତାନ ଡ୍ରୋନ୍ ପକାଇଥିବା ଅସ୍ତ୍ର, ବିସ୍ଫୋରକ ଜବତ

**ଅମୃତସର,୯।୨**

ପଞ୍ଜାବର ସୀମାନ୍ତବର୍ତ୍ତୀ କୃଷିକ୍ଷେତ୍ରରୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନମାନେ ବୁଧବାର ୪.୭ କିଲୋଗ୍ରାମ ଆର୍‌ଡିଏକ୍ସ, ଗୋଟିଏ ପିସ୍ତଲ ଏବଂ ବୋମା ତିଆରି ସରଞ୍ଜାମ ଜବତ କରିଛନ୍ତି। ପାକିସ୍ତାନୀ ଡ୍ରୋନ୍ ସହାୟତାରେ ଦୁଇଟି ପ୍ୟାକେଟରେ ଏହି ବିସ୍ଫୋରକ ସାମଗ୍ରୀ ଓ ଅସ୍ତ୍ର ପକାଯାଇଥିଲା। ପାକିସ୍ତାନ ପଟୁ ଏକ ଉଡ଼ନ୍ତା ବସ୍ତୁ ଭାରତର ଗୁରୁଦାସପୁର ସେକ୍ଟରକୁ ଆସିବାର ଶବ୍ଦ ଶୁଣି ବିଏସ୍‌ଏଫ୍ ଯବାନମାନେ ଗୁଳି ଚଳାଇଥିଲେ। ପରେ ସେଠାର ଗହମ କ୍ଷେତରେ ତଲାସି କରାଯିବାରୁ ଦୁଇଟି ହଳଦିଆ ପ୍ୟାକେଟ ମିଳିଥିଲା। ସେଥିରେ ନିଶାଦ୍ରବ୍ୟ ଥାଇପାରେ ବୋଲି ଆଶଙ୍କା କରାଯାଉଥିଲା। କିନ୍ତୁ ପ୍ୟାକେଟ ଖୋଲିବା ପରେ ଆର୍‌ଡିଏକ୍ସ ସମେତ ଚାଇନା ନିର୍ମିତ ପିସ୍ତଲ, ଦୁଇଟି ମାଗାଜିନ, ୨୨ ଗୁଳି, ୩ ଇଲେକ୍ଟ୍ରୋନିକ୍ ଡିଟୋନେଟର, ଟାଇମର ଡିଭାଇସ୍, ଡିଟୋନେଟିଂ ତାର, ସ୍ଲିଣ୍ଟର, ବ୍ୟାଟେରି, ଷ୍ଟିଲ୍ ବାକ୍ସ, ନାଇଲନ୍ ରଶି, ପ୍ଲାଷ୍ଟିକ୍ ପାଇପ୍, ପ୍ୟାକିଂ ଉପକରଣ ଏବଂ ନଗଦ ୧ ଲକ୍ଷ ଟଙ୍କା ମିଳିଥିଲା।

# ବୃହତ୍ତର ପୀଠରେ ହେବ ହିଜାବ ଶୁଣାଣି




କର୍ନାଟକରେ ହିଜାବ ପିନ୍ଧି କ୍ଲାସରୁ ବାସନ୍ଦ ହୋଇଥିବା କଲେଜ ଛାତ୍ରୀଙ୍କ ସମର୍ଥନରେ ବୁଧବାର ହାଇଦ୍ରାବାଦର ସାହିଦାବାଦସ୍ଥିତ ଉଦ୍‌ଘା ଉଜାଲେ ଶାହରେ ହିଜାବ ପରିହିତା ମହିଳାମାନେ ବିକ୍ଷୋଭ କରୁଛନ୍ତି।

**ବେଙ୍ଗାଲୁରୁ,୯।୨(ପି.ଟି.)**

ସ୍କୁଲ୍, କଲେଜରେ ମୁସଲମାନ ଛାତ୍ରୀମାନେ ହିଜାବ ପିନ୍ଧିବେ କି ନାହିଁ ସେ ସମ୍ପର୍କରେ କର୍ନାଟକ ହାଇକୋର୍ଟର ବୃହତ୍ତର ଖଣ୍ଡପୀଠ ନିଷ୍ପତ୍ତି ନେବେ। କ୍ୟାମ୍ପସ୍‌ରେ ହିଜାବ ନିଷେଧ ନିୟମ ବିରୋଧରେ ମୁସଲମାନ ଛାତ୍ରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ବୁଧବାର ଜଣିକିଆ ଖଣ୍ଡପୀଠ ଏହାକୁ ମୁଖ୍ୟ ବିଚାରପତି ରିତୁରାଜ ଅଓ୍ୱସ୍ତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ମାମଲାରେ ସାମ୍ବିଧାନିକ ପ୍ରଶ୍ନ ଉଠୁଥିବା ଦର୍ଶାଇ ଏହାର ଶୁଣାଣି ପାଇଁ ବୃହତ୍ତର ଖଣ୍ଡପୀଠ ଗଠନ ସମ୍ପର୍କରେ ମୁଖ୍ୟ ବିଚାରପତି ନିଷ୍ପତ୍ତି ନେଇପାରିବେ ବୋଲି ଜଷ୍ଟିସ୍ କ୍ରିଷ୍ଣା ଏସ୍ ଦୀକ୍ଷିତ ମତ ଦେଇଛନ୍ତି। ଜଷ୍ଟିସ୍ ଦୀକ୍ଷିତ କହିଛନ୍ତି, ପର୍ସୋନେଲ୍ ଲ'ର କେତେକ ଦୃଷ୍ଟିକୋଣରୁ ମୌଳିକ ଗୁରୁତ୍ୱକୁ ନେଇ ସାମ୍ବିଧାନିକ ପ୍ରଶ୍ନ ଉଠୁଛି। ପ୍ରଶ୍ନର ଗମ୍ଭୀରତାକୁ ଗୁରୁତ୍ୱ ଦେଇ ମୁଖ୍ୟ ବିଚାରପତି ଏହାକୁ ବୃହତ୍ତର ଖଣ୍ଡପୀଠକୁ ପଠାଇବା ସମ୍ପର୍କରେ ବିଚାର କରିପାରିବେ ବୋଲି ଜଷ୍ଟିସ୍ ଦୀକ୍ଷିତ କହିଛନ୍ତି। ଶ୍ରେଣୀଗୃହକୁ ହିଜାବ ପିନ୍ଧି ପ୍ରବେଶ ଉପରେ ବାରଣ କରାଯାଇଥିବାରୁ ଏହା ବିରୋଧରେ ଉଡୁପି ଜିଲାର ସରକାରୀ ପ୍ରି-ୟୁନିଭର୍ସିଟି କଲେଜର କେତେଜଣ ମୁସଲମାନ ଛାତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ହିଜାବ ପିନ୍ଧିବା ଅଧିକାରକୁ ନେଇ ବିବାଦ କର୍ନାଟକର ଅଧିକରୁ ଅଧିକ କଲେଜକୁ ବ୍ୟାପିବାରେ ଲାଗିଚି। ମଙ୍ଗଳବାର ବିଭିନ୍ନ ଶିକ୍ଷାନୁଷ୍ଠାନ ବିବାଦ ହିଂସାତ୍ମକ ରୂପ ନେଇଥିଲା। କ୍ୟାମ୍ପସ୍‌ରେ ହିଜାବ ପିନ୍ଧିବା ଓ ଏହାକୁ ବିରୋଧ କରୁଥିବା ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକୁ ୩ ଦିନ ପାଇଁ ବନ୍ଦ କରିଦିଆଯାଇଛି।

## ବେଙ୍ଗାଲୁରୁ ସ୍କୁଲ, କଲେଜ ନିକଟରେ ୧୪୪ ଧାରା

କର୍ନାଟକରେ ହିଜାବ ବିବାଦ ବିଭିନ୍ନ ଅଞ୍ଚଳକୁ ବ୍ୟାପୁଥିବାବେଳେ ବେଙ୍ଗାଲୁରୁ କର୍ତ୍ତୃପକ୍ଷ ସହରର ସ୍କୁଲ କଲେଜଗୁଡ଼ିକ ନିକଟରେ ସମାବେଶ ଓ ଆନ୍ଦୋଳନ ଉପରେ ନିଷେଧାଦେଶ ଲଗାଇଛନ୍ତି। ବେଙ୍ଗାଲୁରୁ ପୋଲିସ କମିଶନର କମଲ ପନ୍ତ ବୁଧବାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତ। ନିର୍ଦ୍ଦେଶନାମା ଅନୁଯାୟୀ ବେଙ୍ଗାଲୁରୁର ସମସ୍ତ ସ୍କୁଲ, ପିୟୁ କଲେଜ, ଡିଗ୍ରୀ କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଚତୁଃପାର୍ଶ୍ୱରେ ୧୪୪ ଧାରା ବୁଧବାରଠାରୁ ଫେବୃୟାରୀ ୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମସ୍ତ ଶିକ୍ଷାନୁଷ୍ଠାନର ୨୦୦ ମିଟର ପରିଧି ମଧ୍ୟରେ ସମାବେଶ କିମ୍ବା ବିକ୍ଷୋଭକୁ ବାରଣ କରାଯାଇଛି।

## 'ଝିଅଙ୍କୁ ସ୍କୁଲକୁ ବାରଣ ଭୟାବହ'

ଭାରତର କର୍ନାଟକରେ ହିଜାବ ବିବାଦକୁ ନୋବେଲ ବିଜୟିନୀ ଶିକ୍ଷା ଅଧିକାର କର୍ମୀ ମାଲାଲା ୟୁସଫଜାଇ ନିନ୍ଦା କରିଛନ୍ତି। ମହିଳା କ'ଣ ପିନ୍ଧିବେ ତାକୁ ନେଇ ବିବାଦ ସୃଷ୍ଟି କରାଯାଉଛି। ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରେ ପ୍ରବେଶ ଅନୁମତି ନ ଦେବା ଭୟାବହ ଘଟଣା। ମାଲାଲା ଏଭଳି ନିଷ୍ପତ୍ତିକୁ ବିରୋଧ କରିବା ସହ ଭାରତୀୟ ନେତାମାନେ ମୁସଲମାନ ମହିଳାଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖିବା ବନ୍ଦ କରନ୍ତୁ ବୋଲି ସେ କହିଛନ୍ତି।



ମାଲାଲା ୟୁସଫଜାଇ

## ଅଧିକ ସଂକ୍ରାମକ ହେବ ପରବର୍ତ୍ତୀ ଭାରିଆଣ୍ଟ

**ନୂଆଦିଲ୍ଲୀ,୯।୨**

ଓମିକ୍ରନ୍ କୋଭିଡ୍‌ର ଶେଷ ଭାରିଆଣ୍ଟ ନୁହେଁ। ପରବର୍ତ୍ତୀ ଭାରିଆଣ୍ଟ ଅଧିକ ସଂକ୍ରାମକ ଓ ଘାତକ ହୋଇପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କହିବା ସହ କୋଭିଡ୍ ନିୟମ ଉଲ୍ଲଂଘନ ନ କରିବାକୁ ସତର୍କ କରାଇଛି। ଭବିଷ୍ୟତର ଭାରିଆଣ୍ଟ ବର୍ତ୍ତମାନ ଭାରିଆଣ୍ଟର ସଂକ୍ରମଣକୁ ଟପିଯିବ। ତେବେ ଉକ୍ତ ସଂକ୍ରମଣ କେତେ ଗୁରୁତର ହେବ ତାହା ବଡ଼ ପ୍ରଶ୍ନ ବୋଲି ଡବ୍ଲ୍ୟୁଏଚ୍‌ଓର କୋଭିଡ୍-୧୯ ଟେକ୍‌ନିକାଲ ମୁଖ୍ୟ ମାରିଆ ଭାନ୍ କେର୍‌ଖୋଭ୍ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ପରବର୍ତ୍ତୀ ଭାରିଆଣ୍ଟକୁ ରୋଗ ପ୍ରତିରୋଧ ଶକ୍ତି ଅଟକାଇ ନ ପାରେ। ଅର୍ଥାତ୍ ବର୍ତ୍ତମାନର ଟିକା ନୂଆ ଭାରିଆଣ୍ଟ ପାଇଁ କମ୍ ପ୍ରଭାବୀ ହେବ। ତେବେ ଗୁରୁତର ସଂକ୍ରମଣ ଓ ମୃତ୍ୟୁରୁ ବର୍ତ୍ତିବା ଲାଗି ଟିକାକରଣ ଉପରେ ଡବ୍ଲ୍ୟୁଏଚ୍‌ଓ ଗୁରୁତ୍ୱ ଦେଇଆସୁଛି। ବିଭିନ୍ନ ଦେଶରେ ଋତୁ ଅନୁଯାୟୀ ସଂକ୍ରମଣ ବଢ଼ିବ ବୋଲି କେର୍‌ଖୋଭ୍ ସତର୍କ କରାଇ ଦେଇଛନ୍ତି।

# ସିରିଜ ଜିତିଲା ଭାରତ



ମୂଲ୍ୟବାନ ଭାଗୀଦାରି ଅବସରରେ ସୂର୍ଯ୍ୟକୁମାର ଯାଦବ ଓ ଲୋକେଶ ରାହୁଲ।

**ଅହମଦାବାଦ, ୯।୨**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୪୪ ରନରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ରହି ଏହାକୁ ଆଗୁଆ ଜିତି ନେଇଛି ଟିମ୍ ଇଣ୍ଡିଆ। ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫୦ ଓଭରରେ ୯ ଉଇକେଟ ହରାଇ ୨୩୭ ରନ କରିଥିଲା।

**ଦ୍ୱିତୀୟ ଦିନିକିଆରେ ୱେଷ୍ଟଇଣ୍ଡିଜ ୪୪ ରନରେ ହାରିଲା**

ୱେଷ୍ଟଇଣ୍ଡିଜ ୪୬ ଓଭରରେ ୧୯୩ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।

୨୩୮ ରନ ବିଜୟ ଲକ୍ଷ୍ୟ ନେଇ ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲା। ଶାଇ ହୋପ୍ ଓ ବ୍ରେଣ୍ଡନ କିଙ୍ଗ୍ ଓପନିଂ ଯୋଡ଼ିରେ ୩୨ ରନ ଯୋଗକରି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ମାତ୍ର ଏହି ଯୋଡ଼ି ଭାଙ୍ଗିବା ପରେ ୱେଷ୍ଟଇଣ୍ଡିଜ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ପରାଜୟ ମୁହାଁ ହୋଇଥିଲା। ଶାମରା ବ୍ରୁକ୍ସ ସର୍ବାଧିକ ୪୪, ଆକେଲ ହୋସେନ ୩୪, ଶାଇ ହୋପ୍ ୨୭ ଓ ଶେଷ ଭାଗରେ ଓଡେନ ସ୍ମିଥ ଦ୍ରୁତ ୨୪ ରନ କରିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। କିରନ ପୋଲାର୍ଡଙ୍କ ଅନୁପସ୍ଥିତିରେ ଅଧିନାୟକ ଭାର ସମ୍ଭାଳିଥିବା ନିକୋଲସ ପୁରନ ମାତ୍ର ୯ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୪ଟି, ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ଯୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ,ୱାଶିଂଟନ ସୁନ୍ଦର ଓ ଦୀପକ ହୁଡା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ୱେଷ୍ଟଇଣ୍ଡିଜ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପକ୍ଷରୁ ଅଧିନାୟକ ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିଥିଲେ ରିଷଭ ପନ୍ତ। ତେବେ ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିଥିବା ରୋହିତ ଏଠାରେ ମାତ୍ର ୫ ରନ କରି କେମର ରୋଚ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ। ରିଷଭ ଓ ବିରାଟ କୋହଲି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଉଭୟ ଖେଳାଳି ୧୮ ରନ ଲେଖାଏ କରି ପ୍ୟାଭିଲିୟନ ଫେରିବାରୁ ୧୨ ଓଭରରେ ୪୩ ରନ ମଧ୍ୟରେ ଭାରତ ୩ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଲୋକେଶ ରାହୁଲ ଓ ସୂର୍ଯ୍ୟକୁମାର ଯାଦବ ତୃତୀୟ ଉଇକେଟରେ ୧୦୬ ବଲ୍‌ରୁ ୯୦ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଥିବା ରାହୁଲ ୪୮ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୪୯ ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ଫର୍ମରେ ଥିବା ସୂର୍ଯ୍ୟକୁମାର କିନ୍ତୁ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ୮୩ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ସହାୟତାରେ ସର୍ବାଧିକ ୬୪ ରନ କରିଥିଲେ। ଆଉଟ ହେବା ପୂର୍ବରୁ ସୂର୍ଯ୍ୟକୁମାର ୫ମ ଉଇକେଟରେ ୱାଶିଂଟନ ସୁନ୍ଦରଙ୍କ ସହ ମୂଲ୍ୟବାନ ୪୩ ରନର ଭାଗୀଦାରି ଗଢ଼ିଥିଲେ। ସୁନ୍ଦର ୪୧ ବଲ୍‌ରୁ ୨୪ ଓ ଦୀପକ ହୁଡା ୨୫ ବଲ୍‌ରୁ ୨୯ ରନ କରିବାରୁ ଭାରତ ଏକ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲଜାରି ଜୋସେଫ ଓ ଓଡେନ ସ୍ମିଥ ୨ଟି ଲେଖାଏ ଏବଂ କେମର ରୋଚ୍, ଜାସନ ହୋଲ୍ଡର, ଆକେଲ ହୋସେନ ଓ ଫାବିଆନ ଆଲେନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୩୭/୯ (ସୂର୍ଯ୍ୟକୁମାର ଯାଦବ-୬୪, ଲୋକେଶ ରାହୁଲ-୪୯, ଦୀପକ ହୁଡା-୨୯, ୱାଶିଂଟନ ସୁନ୍ଦର-୨୪, ଆଲଜାରି ଜୋସେଫ-୨/୩୬, ଓଡେନ ସ୍ମିଥ-୨/୨୯, କେମର ରୋଚ୍-୧/୪୨, ଜାସନ ହୋଲ୍ଡର-୧/୩୭, ଆକେଲ ହୋସେନ-୧/୩୯, ଫାବିଆନ ଆଲେନ-୧/୫୦)। ୱେଷ୍ଟଇଣ୍ଡିଜ ୪୬ ଓଭରରେ ୧୯୩/ଅଲ୍‌ଆଉଟ (ଶାମରା ବ୍ରୁକ୍ସ-୪୪, ଆକେଲ ହୋସେନ-୩୪, ଶାଇ ହୋପ୍-୨୭, ପ୍ରସିଦ୍ଧ କ୍ରିଷ୍ଣା-୪/୧୨, ଶାର୍ଦ୍ଦୁଳ ଠାକୁର-୨/୪୧, ଯୁଜବେନ୍ଦ୍ର ଚହଲ-୧/୪୫, ମହମ୍ମଦ ସିରାଜ-୧/୩୮, ଦୀପକ ହୁଡା-୧/୨୪)।

# ସ୍ଲୋଭାକିଆ ପାଇଁ ପ୍ରଥମ ଆଲ୍ପିନ୍ ସ୍ୱର୍ଣ୍ଣ ଜିତିଲେ ପେତ୍ରା



ସ୍ୱର୍ଣ୍ଣ ପଦକ ସହ ପୋଡିୟମ ଉପରେ ଖୁସି ମନାଉଛନ୍ତି ସ୍ଲୋଭାକିଆର ପେତ୍ରା ଭ୍ଲୋଭା।

**ବେଜିଂ, ୯।୨(ଏପି):** ସ୍ଲୋଭାକିଆର ପେତ୍ରା ଭ୍ଲୋଭା ବୁଧବାର ବେଜିଂ ୱିଣ୍ଟର ଅଲିମ୍ପିକ୍ସର ମହିଳା ବିଭାଗ ସ୍ଲାଲୋମରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଲ୍ପିନ୍ ସ୍କିଙ୍ଗରେ ସ୍ଲୋଭାକିଆର ଏହା ପ୍ରଥମ ଅଲିମ୍ପିକ୍ ପଦକ। ସୋମବାର ଜିଆଣ୍ଟ ସ୍ଲାଲୋମରେ ଖରାପ ପ୍ରଦର୍ଶନ କରିଥିବା ପେତ୍ରା ଏଥର ସ୍ୱର୍ଣ୍ଣ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ସବୁଠାରୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ୨ ଥର ଅଲିମ୍ପିକ୍ ଚାମ୍ପିୟନ ମିକାଏଲା ଶିଫ୍ରିନ ରେସ୍‌ର ପ୍ରଥମ ରନ୍‌ରୁ ଆଉଟ ହୋଇ ଯାଇଥିଲେ। ବୁଧବାର ନିଜର ପ୍ରଥମ ରନ ଫିନିଶ୍ କରିବାରେ ଏହି ଆମେରିକୀୟ ବିଫଳ ହୋଇଛନ୍ତି। ପୂର୍ବରୁ ବିଶ୍ୱକପ ସ୍ଲାଲୋମ ଟାଇଟଲ ଜିତି ସାରିଥିବା ଭ୍ଲୋଭା ଏଠାରେ ଜିଆଣ୍ଟ ସ୍ଲାଲୋମ ବିଭାଗରେ ନୈରାଶ୍ୟଜନକ ଭାବେ ୧୪ତମ ସ୍ଥାନରେ ରହିଥିଲେ। ''ସତ କହିବାକୁ ଗଲେ ସ୍କିଙ୍ଗ ଉପରେ ଫୋକସ କରି ସ୍ୱର୍ଣ୍ଣ ପଦକ ଜିତିବା ଅତ୍ୟନ୍ତ କଷ୍ଟସାଧ୍ୟ ଥିଲା '' ବୋଲି ରେସ୍ ପରେ ଭ୍ଲୋଭା ପ୍ରକାଶ କରିଛନ୍ତି। ଭ୍ଲୋଭାଙ୍କ ପଛକୁ ରହି ଅଷ୍ଟ୍ରିଆର କାଥରିନା ଲିନ୍ସବର୍ଗର ରୌପ୍ୟ ଓ ସୁଇଜରଲାଣ୍ଡର ୱେଣ୍ଡି ହୋଲ୍ଡେନର ବ୍ରୋଞ୍ଜ ପଦକ ପାଇଛନ୍ତି।

# ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ ଦଳ ସମ୍ବର୍ଦ୍ଧିତ

**ଅହମଦାବାଦ, ୯।୨ (ପି.ଟି.):** ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଅବସରରେ ବୁଧବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବିଶ୍ୱକପ ବିଜୟୀ ୧୯ ବର୍ଷରୁ କମ୍ କ୍ରିକେଟ ଦଳକୁ ସମ୍ବର୍ଦ୍ଧିତ କରାଯାଇଛି। ୧୯ ବର୍ଷରୁ କମ୍ କ୍ରିକେଟ ହିରୋମାନେ ବ୍ଲେଜର ପିନ୍ଧି ପ୍ରଥମେ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ମ୍ୟାଚ ଦେଖିଥିଲେ। ମୁଖ୍ୟ କୋଚ୍ ହୃଷୀକେଶ କାନିତକର ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କ ଉପସ୍ଥିତିରେ ସେମାନଙ୍କ ଆଦର୍ଶ କ୍ରିକେଟରଙ୍କ ମ୍ୟାଚ ଦେଖି ଖେଳାଳିମାନେ ବିମୋହିତ ହୋଇଥିଲେ। ୱେଷ୍ଟଇଣ୍ଡିଜରେ ଭାରତୀୟ ଦଳ ସହ ଥିବା ପୂର୍ବତନ ବ୍ୟାଟର ତଥା ଜାତୀୟ କ୍ରିକେଟ ଏକାଡେମୀ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ, ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଅରୁଣ ଧୁମାଲ ଓ ଅନ୍ୟ କେତେକ ଅଫିସିଆଲ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ବିଶ୍ୱକପ ବିଜୟୀ ଯୁବ ଖେଳାଳିଙ୍କୁ ୪୦ ଲକ୍ଷ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ପୂର୍ବରୁ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିଲା।

୧୯ ବର୍ଷରୁ କମ୍ ଭାରତୀୟ ଦଳ ମଙ୍ଗଳବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲା। କାରିବିୟନରୁ ଭାରତ ଫେରିବା ପାଇଁ ସେମାନଙ୍କୁ ଦୀର୍ଘ ବିମାନଯାତ୍ରା କରିବାକୁ ପଡ଼ିଥିଲା। ସେମାନେ ଆମଷ୍ଟରଡାମ ଓ ଦୁବାଇ ଦେଇ ବେଙ୍ଗାଲୁରୁରେ ପହଞ୍ଚିଥିଲେ ଓ ସେଠାରୁ ଅହମଦାବାଦ ଆସିଥିଲେ। ଆଣ୍ଟିଗୁଆର ନର୍ଥ ସାଉଣ୍ଡରେ ଫେବୃୟାରୀ ୫ରେ ଭାରତୀୟ ଦଳ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ଏହାଥିଲା ଭାରତର ୫ମ ବିଶ୍ୱକପ ଟାଇଟଲ।


ଅହମଦାବାଦଠାରେ ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଦିନିକିଆ ଉପଭୋଗ ଅବସରରେ ୧୯ ବର୍ଷରୁ କମ୍ ବିଶ୍ୱକପ ଚାମ୍ପିୟନ ଦଳର ଖେଳାଳି।

# ଆଇପିଏଲ୍: ଅହମଦାବାଦ ଟିମ୍ ନାଁ ଗୁଜରାଟ ଟାଇଟାନ୍ସ




**ନୂଆଦିଲ୍ଲୀ, ୯।୨(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଆଗାମୀ ସଂସ୍କରଣରେ ନୂଆ ଦଳ ଭାବେ ଖେଳିବାକୁ ଯାଉଥିବା ଅହମଦାବାଦ ଟିମ୍‌ର ନାଁ ଗୁଜରାଟ ଟାଇଟାନ୍ସ। ଫ୍ରାଞ୍ଚାଇଜ୍ ପକ୍ଷରୁ ବୁଧବାର ଏହା ଘୋଷଣା କରାଯାଇଛି। ସିଭିସି କ୍ୟାପିଟାଲ ମାଲିକାନାରେ ଥିବା ଏହି ଟିମ୍‌ର ଅଧିନାୟକ ଭାବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମନୋନୀତ କରାଯାଇଛି। ରାଜ୍ୟର ସମୃଦ୍ଧ କ୍ରିକେଟିଂ ଲିଗାସିକୁ ସମ୍ମାନ ଜଣାଇ ଏପରି ନାମକରଣ କରାଯାଇଥିବା ପ୍ରକାଶ କରାଯାଇଛି। ହାର୍ଦ୍ଦିକଙ୍କ ବ୍ୟତୀତ ଏହି ଫ୍ରାଞ୍ଚାଇଜ୍ ଆଫଗାନିସ୍ତାନ ସ୍ପିନର ରଶିଦ ଖାଁ ଓ ଯୁବ ଭାରତୀୟ ବ୍ୟାଟର ଶୁବମନ ଗିଲ୍‌ଙ୍କୁ ଚୁକ୍ତିବଦ୍ଧ କରିଛି। ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଆଶିଷ ନେହେରା ମୁଖ୍ୟ କୋଚ୍, ବିକ୍ରମ ସୋଲାଙ୍କି ଡାଇରେକ୍ଟର ଅଫ୍ କ୍ରିକେଟ ଏବଂ ବିଶ୍ୱକପ ବିଜୟୀ ଭାରତୀୟ ଦଳର କୋଚ୍ ଗ୍ୟାରୀ କର୍ଷ୍ଟେନ ଟିମ୍ ମେଣ୍ଟର ଓ ବ୍ୟାଟିଂ କୋଚ୍ ନିଯୁକ୍ତ ହୋଇଛନ୍ତି।

## ରାଜ୍ୟ ଖବର

# ଜମି ପାଇଁ ବଡ଼ ଭାଇଙ୍କୁ ହତ୍ୟା

**ବାଲିଆପାଳ, ୯।୨(ସ୍ୱ.ପ୍ର.):** ଜମିଜମା ବିବାଦ ନେଇ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ରତେଇ ପଞ୍ଚାୟତ ଭେଲପୁରା ଗାଁରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ସାନ ଭାଇଙ୍କ ମରଣାନ୍ତକ ଆକ୍ରମଣରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରତ୍ନାକର ପ୍ରଧାନ (୪୯)। ଦୀର୍ଘଦିନ ହେଲା ବଡ଼ଭାଇ ରତ୍ନାକର ଓ ସାନଭାଇ ରାମକୃଷ୍ଣଙ୍କ ମଧ୍ୟରେ ଜମିଜମା ବିବାଦ ଲାଗି ରହିଥିଲା। ବୁଧବାର ଉଭୟ ଭାଇ ସକାଳେ ଖୋଲଶା ପାଣ୍ଡକୁ ଚାଷ କରିବାକୁ ଯାଇଥିଲେ। ସେଠାରେ ଉଭୟ ଭାଇଙ୍କ ମଧ୍ୟରେ ପୂର୍ବ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ରାମକୃଷ୍ଣ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ରତ୍ନାକରଙ୍କ ମୁଣ୍ଡକୁ ଶକ୍ତ ଆଘାତ କରିବାରୁ ସେ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ଏହାଦେଖି ରାମକୃଷ୍ଣ ସେଠାରୁ ଫେରାର ହୋଇଯାଇଥିଲେ। ବିଲରେ ଥିବା ଲୋକମାନେ ରତ୍ନାକରଙ୍କୁ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସାନଭାଇ ରାମକୃଷ୍ଣ ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ବାଲିଆପାଳ ପୋଲିସ ତଦନ୍ତ ଆରମ୍ଭ କରିଛି।

# ପୂର୍ବ ଶତ୍ରୁତାରୁ ହତ୍ୟା

**ବାରିପଦା ଅଫିସ/ବେତନଟୀ/ବୈଶିଙ୍ଗା,୯।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆମ୍ବଗଡ଼ିଆ ସ୍ଥିତ ନୂଆସାହିଠାରେ ବୁଧବାର ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଶଙ୍କରା ସିଂ। ଅଭିଯୁକ୍ତ ସେହି ଗ୍ରାମର ଜୟଦେବ ସିଂ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୪୪/୨୨) ରୁଜୁ ହୋଇଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଶଙ୍କରା ଓ ଜୟଦେବଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜୟଦେବ ଏକ ଧାରୁଆ ଅସ୍ତ୍ରରେ ଶଙ୍କରାଙ୍କ ମୁହଁ, ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଶଙ୍କରାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭୂମିକା ସମ୍ପର୍କିତ ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୯।୨(ବ୍ୟୁରୋ)**

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଉପସ୍ଥିତିରେ ଲୋକସମ୍ପର୍କ ଅଧିକାରୀ ଉମାକାନ୍ତ ମହାପାତ୍ରଙ୍କ ଦ୍ୱାରା ଲିଖିତ ''ଦକ୍ଷିଣ ଏସିଆରେ ସ୍ୱେଚ୍ଛାସବୀ ଅନୁଷ୍ଠାନ ଓ ଗ୍ରାମୀଣ ବିକାଶ-ଅବଧାରଣା ଓ ବାସ୍ତବତା '' ଶୀର୍ଷକ ପୁସ୍ତକ ବୁଧବାର ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକ ବିଶ୍ୱସ୍ତରର ଅଗ୍ରଣୀ ପ୍ରକାଶନ ସଂସ୍ଥା ସ୍ପ୍ରିଞ୍ଜର ନେଚର ଦ୍ୱାରା ପ୍ରକାଶିତ ହୋଇଛ। ମୁଖ୍ୟ ଶାସନ ସଚିବ ଏହି ପୁସ୍ତକର ଇ-ଭର୍ସନକୁ ମଧ୍ୟ ଲୋକାର୍ପଣ କରିଛନ୍ତି । ଏହି ପୁସ୍ତକ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ଭୂମିକା ବିଷୟରେ ଏକ ନିରପେକ୍ଷ ଓ ବାସ୍ତବବାଦୀ ମୂଲ୍ୟାୟନ ହୋଇଛି। ୨୨୮ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକଟି ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ଗଠନ, କାର୍ଯ୍ୟ ଦକ୍ଷତା , ସାମାଜିକ ଆସ୍ଥାଭାଜନତା, ସରକାରୀ-ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ, ସାମ୍ପ୍ରତିକ ସ୍ଥିତି, ଭବିଷ୍ୟତ ପାଇଁ ଆହ୍ୱାନ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଆଦି ବିଷୟରେ ଏକ ଉଚ୍ଚମାନର ବୈଜ୍ଞାନିକ ଅନୁଶୀଳନ।

# ୧୮ ଦିନରେ ୧.୧୩ ଲକ୍ଷ ଲିଟର ମଦ ଜବତ

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ମୁକ୍ତ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସୁରୁଖୁରୁରେ ପରିଚାଳନା କରିବା ଲାଗି ରାଜ୍ୟ ନିର୍ବାଚନ କମିଶନ ଆରମ୍ଭରୁ ଗୁରୁତ୍ୱ ଦେଇ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ବିଭାଗ ଓ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜିଲାରୁ ଜାନୁୟାରୀ ୧୯ ରୁ ଗତ ୬ ତାରିଖ ସୁଦ୍ଧା ମୋଟ ୧,୧୩,୬୮୬.୧୯ ଲିଟର ମଦ ଜବତ କରାଯାଇଛି। ସେହିପରି ବେଆଇନ ଭାବେ ରଖିଥିବା ୨୭ ଅସ୍ତ୍ରଶସ୍ତ୍ର, ୪୭୧.୮୬ ଗ୍ରାମ୍ ନିଶାଦ୍ରବ୍ୟ ଓ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ୧,୪୯୨ ଜଣଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରାଯାଇଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି ।

ଜବତ ମଦ ମଧ୍ୟରୁ ଡିସିପି କଟକ ୧,୯୫୦.୭୧୫ ଲିଟର, ଡିସିପି ଭୁବନେଶ୍ୱର ୨,୪୭୦.୮୭, ଅନୁଗୋଳ ଜିଲାରୁ ୮୪୬, ବାଲେଶ୍ୱର ଜିଲାରୁ ୭୦,୫୩୬.୯୬୫, ବରଗଡ଼ରୁ ୮୧୮.୧୬୫, ବ୍ରହ୍ମପୁରରୁ ୧,୭୧୧.୨୩, ଭଦ୍ରକରୁ ୨,୦୨୩.୫୮, ବଲାଙ୍ଗୀରରୁ ୧,୧୦୩.୬୭, ବୌଦ୍ଧରୁ ୧୮୭.୦୬, କଟକରୁ ୭୧୨.୪୩, ଦେବଗଡ଼ରୁ ୪୭୮.୮୫୫ ବଲ୍‌କ ଲିଟର ମଦ ଜବତ କରାଯାଇଛି। ସେହିପରି ଢେଙ୍କାନାଳରୁ ୭୮୦.୭୫, ଗଜପତିରୁ ୩୭୧.୦୭, ଗଞ୍ଜାମରୁ ୭,୦୯୭.୯୭, ଯାଜପୁରରୁ ୩,୯୨୦.୮୪, ଜଗତ୍‌ସିଂହପୁରରୁ ୫୧୩.୦୯, ଝାରସୁଗୁଡ଼ାରୁ ୫୧୩.୦୨, କଳାହାଣ୍ଡିରୁ ୯୧୩.୦୩, କନ୍ଧମାଳରୁ ୧୪୧୨.୪୧, କେନ୍ଦୁଝରରୁ ୫୧୨.୮୫, କେନ୍ଦ୍ରାପଡ଼ାରୁ ୭୧୭.୯୮, ଖୋର୍ଦ୍ଧାରୁ ୫୮୬.୮୮, କୋରାପୁଟରୁ ୧,୧୭୭.୧୪, ମୟୂରଭଞ୍ଜରୁ ୩,୮୯୫.୦୪୫, ମାଲକାନଗିରିରୁ ୫୮୨.୯୪୫, ନବରଙ୍ଗପୁରରୁ ୧,୬୦୯.୨୭, ନୂଆପଡ଼ାରୁ ୫୨୨.୫, ନୟାଗଡ଼ରୁ ୭୨୫.୨୪, ପୁରୀରୁ ୮୪୯.୪, ରାୟଗଡ଼ରୁ ୧,୨୫୨.୭୭୫, ରାଉରକେଲାରୁ ୭୦୨.୧୬, ସମ୍ବଲପୁରରୁ ୯୨୨, ସୁବର୍ଣ୍ଣପୁରରୁ ୨୯୫.୧ ଓ ସୁନ୍ଦରଗଡ଼ ଜିଲାରୁ ୯୮୩.୦୨୫ ଲିଟର ମଦ ଜବତ କରାଯାଇଥିବା ରାଜ୍ୟ ପୋଲିସ ବିଭାଗ ତରଫରୁ ନିର୍ବାଚନ କମିଶନଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

**ପଞ୍ଚାୟତ ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଚଢ଼ାଉ**

- ୨୭ ଅସ୍ତ୍ରଶସ୍ତ୍ର, ୪୭୧.୮୬ ଗ୍ରାମ୍ ନିଶାଦ୍ରବ୍ୟ ଧରିଲା ପ୍ରଶାସନ
- ୧,୪୯୨ ଜଣଙ୍କ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି
- ବାଲେଶ୍ୱର ଜିଲାରୁ ସର୍ବାଧିକ ୭୦,୫୩୬.୯୬୫ ଲିଟର

# ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ ଲକ୍ଷ୍ୟ



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୯।୨(ବ୍ୟୁରୋ):** ରାଜ୍ୟରେ ଲିମ୍ଫାଟିକ ଫାଇଲେରିଆସିସ୍ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାମୂହିକ ଔଷଧ ସେବନ (ଏମ୍‌ଡିଏ) କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହେବ। ଏହା ଦୁଇ ପର୍ଯ୍ୟାୟରେ ଫାଇଲେରିଆସିସ୍ ପ୍ରବଣ ୧୫ ଜିଲାରେ ହେବ। ପ୍ରଥମ ପର୍ଯ୍ୟାୟ ୧୦ରୁ ୧୯ ତାରିଖ ଓ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଆରମ୍ଭ ହୋଇ ୧୬ ତାରିଖ ଯାଏ ଚାଲିବ। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ, ବାଲେଶ୍ୱର, କଟକ, ଗଞ୍ଜାମ, ଢେଙ୍କାନାଳ, ଝାରସୁଗୁଡା, ନୂଆପଡା ଓ ନୟାଗଡ଼ ଆଦି ୮ ଜିଲାରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ଼, କେନ୍ଦୁଝର, କନ୍ଧମାଳ, ମୟୂରଭଞ୍ଜ, ସୋନପୁର, ସୁନ୍ଦରଗଡ଼, ସମ୍ବଲପୁର ଆଦି ଜିଲାରେ ଚାଲିବ। ୨ ବର୍ଷରୁ କମ୍ ବୟସର ପିଲା, ଗର୍ଭବତୀ ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଧାର୍ଯ୍ୟ ଔଷଧ ସେବନ କରିବାକୁ ହେବ।

**ଆଜିଠୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ**

ଏହି ଅଭିଯାନରେ ଆଶାଙ୍କ ସହିତ ପ୍ରାୟ ୫୫,୫୪୪ ଜଣ ତାଲିମପ୍ରାପ୍ତ ସାମାଜିକକର୍ମୀ ଔଷଧ ପ୍ରଦାନକାରୀ ଭାବରେ ଘରକୁ ଘର ଗସ୍ତ କରିବେ ବୋଲି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା. ଅଜିତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜି ସହିତ ମିଳିତ ଭାବରେ ବୁଧବାର ଏକ ଭର୍ଚୁଆଲ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। ବିଭାଗର ଭେକ୍ଟରବାହିତ ରୋଗର ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ ଡା. ଶୁଭାଶିଷ ମହାନ୍ତି, ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡା.ଏସ୍. ପଟ୍ଟନାୟକ ଓ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏହି ରୋଗର ଲକ୍ଷଣ, ନିରାକରଣ ଓ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଗ୍ଲୋବାଲ ହେଲ୍‌ଥ ଷ୍ଟ୍ରାଟେଜିର ନିର୍ଦ୍ଦେଶକ ଅନୁଜ ଘୋଷ ଲିମ୍ଫାଟିକ ଫାଇଲେରିଆସିସ୍ ଭଳି ରୋଗକୁ ରାଜ୍ୟରୁ ସମ୍ପୂର୍ଣ୍ଣ ହଟାଇବା ଲାଗି ସମସ୍ତଙ୍କର ସମ୍ମିଳିତ ସହଯୋଗ ଲୋଡ଼ିଥିଲେ।

# ସ୍ତ୍ରୀଙ୍କୁ ହତ୍ୟା କରି ନିଜେ ହାଣିହେଲେ ସ୍ୱାମୀ

**ଦିଗପହଣ୍ଡି,୯।୨(ଡି.ଏନ.ଏ.):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ଚୈତନ୍ୟପୁର ଗାଁରେ ମଙ୍ଗଳବାର ମଧ୍ୟରାତ୍ରିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ହିରଣ୍ୟ ସେଠୀ ସ୍ତ୍ରୀ ଝୁନୁଙ୍କୁ କାତିରେ ହାଣି ହତ୍ୟା କରିବା ପରେ ନିଜ ହାତ ଓ ଗୋଡ଼କୁ ହାଣି ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀଙ୍କୁ ଉଦ୍ଧାରକରି ପ୍ରଥମେ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ପ୍ରକାଶ ଯେ, ୩୫ ବର୍ଷ ପୂର୍ବେ ହିରଣ୍ୟଙ୍କ ବିବାହ ହୋଇଥିଲେ ମଧ୍ୟ ଯୌତୁକ ପାଇଁ ଝୁନୁଙ୍କୁ ସେ ମାରପିଟ କରୁଥିଲେ। କିଛିଦିନ ପୂର୍ବେ ଏନେଇ କୁଳସଭାରେ ସମାଧାନ ହେବାରୁ ଝୁନୁ ସ୍ୱାମୀଙ୍କ ପାଖରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ହିରଣ୍ୟ ରାଗିଯାଇ ଶୋଇଥିବା ଅବସ୍ଥାରେ ଝୁନୁଙ୍କ ଶରୀରର ବିଭିନ୍ନ ଅଂଶକୁ କାତିରେ ହାଣିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସିତ ହୋଇସାରିବା ପରେ ହିରଣ୍ୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

# ସ୍ୱାମୀଙ୍କୁ ହତ୍ୟା କଲେ ୨ୟ ସ୍ତ୍ରୀ

**ଆଠଗଡ଼,୯।୨(ସ୍ୱ.ପ୍ର.)**

ପାରିବାରିକ କଳହର ପରିଣତି କେତେଯେ ଭୟଙ୍କର ହୋଇପାରେ ତାର ଏକ ଉଦାହରଣ ବୁଧବାର ଦେଖିବାକୁ ମିଳିଛି କଟକ ଜିଲା ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ୪ ନମ୍ବର ୱାର୍ଡରେ। ଏହି ୱାର୍ଡର ହରିଜନ ସାହିରେ ରହୁଥିବା ଜଣେ ମହିଳା ସ୍ୱାମୀଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଯାଇ ସ୍ୱାମୀଙ୍କୁ ହିଁ ହତ୍ୟା କରିଛନ୍ତି। ମୃତକ ହେଲେ ମଙ୍ଗୁଳି ନାଏକ(୩୫)। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତା ତଥା ମଙ୍ଗୁଳିଙ୍କ ୨ୟ ସ୍ତ୍ରୀ ରୀନାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଜାରି ରଖିଛି। ସାଇଣ୍ଟିଫିକ୍ ଅଫିସର ସନ୍ଧ୍ୟାରାଣୀ ଭୂୟାଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ମଙ୍ଗୁଳି ପୂର୍ବରୁ ବିବାହିତ ଥିବା ସତ୍ତ୍ୱେ ୪ ବର୍ଷ ତଳେ ସ୍ୱାମୀ ପରିତ୍ୟକ୍ତା ରୀନାଙ୍କୁ ପ୍ରେମ ବିବାହ କରିଥିଲେ। ଏନେଇ ପ୍ରଥମ ସ୍ତ୍ରୀ ମାମି ଏବଂ ରୀନାଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳହ ଲାଗି ରହିଥିଲା। ବୁଧବାର ସକାଳେ ଏକ ପାରିବାରିକ ଉତ୍ସବରେ ଯୋଗଦେବାକୁ ନେଇ ଦୁଇ ସଉତୁଣୀଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହାକୁ ସମାଧାନ କରିବାକୁ ଯାଇ ମଙ୍ଗୁଳି ଓ ତାଙ୍କ ମା' ଆହତ ହୋଇଥିଲେ। ଏଥିରେ ମଙ୍ଗୁଳି ରାଗିଯାଇ ରୀନାଙ୍କୁ ମାଡ଼ ମାରିଥିଲେ। ଏପରିକି ଏକ ଛୁରିରେ ଆକ୍ରମଣ କରିଥିଲେ। ରୀନା ଆତ୍ମରକ୍ଷା କରିବାକୁ ଯାଇ ସ୍ୱାମୀଙ୍କ ହାତରୁ ଛୁରି ଛଡାଇ ଆଣି ପାଲଟା ଆକ୍ରମଣ କରିଥିଲେ। ମଙ୍ଗୁଳିଙ୍କ ବେକରେ ଜୋର୍‌ରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ଆଠଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଙ୍ଗୁଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେଠାର ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ମାମଲା (ନଂ. ୩୬/୨୨) ରୁଜୁ ହୋଇ ତଦନ୍ତ ଆରମ୍ଭ କରାଯାଇଥିବା ଥାନା ଅଧିକାରୀ ବାମଦେବ ସ୍ୱାଇଁ ପ୍ରକାଶ କରିଛନ୍ତି।

**ଅଭିଯୁକ୍ତା ରୀନା ଥାନାରେ ଅଟକ**

## ସଂକ୍ଷେପରେ

### ଆକ୍ସିସ୍ ଇଣ୍ଡେକ୍ସ ଫଣ୍ଡ୍'ର ଶୁଭାରମ୍ଭ

**ଭୁବନେଶ୍ୱର,୯।୨:** ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡ୍ ପକ୍ଷରୁ ଏହାର ନୂଆ ଫଣ୍ଡ୍ ଅଫର୍ ଆକ୍ସିସ୍ କ୍ରିସିଲ୍ ଏସ୍‌ଡିଏଲ୍ ୨୦୨୭ ଡେବଟ୍ ଇଣ୍ଡେକ୍ସ ଫଣ୍ଡ୍ ବିଷୟରେ ଘୋଷଣା କରିଛି। ଏହି ଫଣ୍ଡର ଏନ୍‌ଏଫ୍‌ଓ ୨୦୨୨ ଫେବ୍ରୁଆରି ୭ରେ ଉନ୍ମୁକ୍ତ ହୋଇ ୨୧ ଫେବ୍ରୁୟାରୀରେ ବନ୍ଦ ହେବ। ଏହି ସ୍କିମ୍‌ରେ ବଜାର ସହ ଲିଙ୍କ୍ ଥିବା ରିଟର୍ଣ୍ଣ ପ୍ରଦାନ କରିବାକୁ ପ୍ରୟାସ କରାଯିବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ, ଚନ୍ଦ୍ରେଶ୍ ନିଗମ କହିଛନ୍ତି ଯେ, ବ୍ୟାପକ ବର୍ଗର ନିବେଶକମାନଙ୍କ ଲାଗି ପରୋକ୍ଷ ନିବେଶ କ୍ଷେତ୍ରକୁ ଆକର୍ଷଣୀୟ ଭାବେ ଉପସ୍ଥାପନ କରିବା ଦିଗରେ ଆକ୍ସିସ୍ କ୍ରିସିଏଲ୍ ଏସ୍‌ଡିଏଲ୍ ୨୦୨୭ଡେବଟ୍ ଇଣ୍ଡେକ୍ସ ଫଣ୍ଡ୍ ହେଉଛି ଅନ୍ୟତମ ପଦକ୍ଷେପ।

### ଗୋଦ୍‌ରେଜ୍ ଆପ୍ଲାଆନ୍‌ସେସ୍‌ର ଟପ୍ ଡିସ୍‌ୱାସର ଉନ୍ମୋଚିତ

**ଭୁବନେଶ୍ୱର,୯।୨:** ଗୋଦ୍‌ରେଜ୍ ଗ୍ରୁପ୍‌ର ପ୍ରମୁଖ ସଂସ୍ଥା ଗୋଦ୍‌ରେଜ୍ ଆପ୍ଲାଆନ୍‌ସେସ୍ ପକ୍ଷରୁ କ୍ଷୁଦ୍ର ପରିବାରର ବାସନ ମାଜିବା ଆବଶ୍ୟକତା ପୂରଣ କରିବା ଲାଗି ଗୋଦ୍‌ରେଜ୍ ଇଅନ୍ ମ୍ୟାଗ୍‌ନସ୍ କାଉଣ୍ଟର୍-ଟପ୍ ଡିସ୍‌ୱାସରକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ଡିସ୍‌ୱାସର ଆକାରରେ ଛୋଟ ଏବଂ ଏହାକୁ ଯେକୌଣସି ସ୍ଥାନରେ ରଖି ହେବ। ଏହା ଚଟାଣର ବଡ଼ ଭାଗ ମାଡ଼ିବସିବ ନାହିଁ। ଗୋଦ୍‌ରେଜ୍ ଇଅନ୍ ମ୍ୟାଗ୍‌ନସ୍ କାଉଣ୍ଟର-ଟପ୍ ଡିସ୍‌ୱାସ୍‌ରରେ ୮ ପ୍ରକାର ସେଟିଂ ରହିଛି ଏବଂ ଏଥିରେ ଦୁଇ ତିନି ଜଣିଆ ପରିବାରର ବାସନକୁ ଅତି ସହଜରେ ମାଜିହେବ। ଗୋଦ୍‌ରେଜ୍‌ର ନୂଆ କମ୍ପାକ୍ଟ ଡିସ୍‌ୱାସରରେ ଅନେକ ସୁବିଧା ସୁଯୋଗ ରହିଛି। ଏ ସମ୍ପର୍କରେ ଗୋଦ୍‌ରେଜ୍ ଆପ୍ଲାଆନ୍‌ସେସ୍‌ର ବ୍ୟବସାୟ ମୁଖ୍ୟ ଓ କାର୍ଯ୍ୟନିର୍ବାହୀ ଉପସଭାପତି କମଳ ନନ୍ଦୀ କହିଛନ୍ତି, ସବୁଥର ଭଳି ଆମେ ଗ୍ରାହକଙ୍କ ପାଇଁ ଉପଯୋଗୀ ଉତ୍ପାଦ ପ୍ରସ୍ତୁତ କରିବାରେ ନିରନ୍ତର କାର୍ଯ୍ୟ କରୁଛୁ। ଗୋଦ୍‌ରେଜ୍ ଇଅନ୍ ମ୍ୟାଗ୍‌ନସ୍ ସିରିଜର କାଉଣ୍ଟର ଟପ୍ ଡିସ୍‌ୱାସର ହେଉଛି ଏ ଦିଗରେ ଆଉ ଏକ ପଦକ୍ଷେପ।

# ଓଡ଼ିଶା ବଜାରକୁ ଗୁରୁତ୍ୱ ଦେଉଛି ଡାଇକିନ୍

**ଭୁବନେଶ୍ୱର,୯।୨**

ଜାପାନର ଡାଇକିନ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଶତ ପ୍ରତିଶତ ସହଯୋଗୀ କମ୍ପାନୀ ଡାଇକିନ୍ ଏୟାର କଣ୍ଡିସନିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ 'ମେଡ୍ ଇନ୍ ଇଣ୍ଡିଆ' ଡିଜାଇନ ଏବଂ ନିର୍ମିତ ଏକ ନୂଆ ରେଞ୍ଜ ସ୍ପ୍ଲିଟ୍ ରୁମ୍ ଏୟାର କଣ୍ଡିସନର ସମୂହର ବଜାର ପ୍ରବେଶ ହୋଇଛି । ଏହି ନୂତନ 'ୟୁ' ସିରିଜ ଉତ୍ପାଦ ସହିତ କମ୍ପାନୀର ଆଗାମୀ କାର୍ଯ୍ୟକଳାପ ଓ ଉଭୟ ଭାରତ-ଜାପାନ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ବୁଧବାର ସ୍ଥାନୀୟ ଅଶୋକ ନଗରସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀ ଜରିଆରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶେଷକରି ଭାରତରେ କମ୍ପାନୀର କାରବାର ସାଙ୍ଗକୁ ଓଡ଼ିଶା ବଜାରକୁ କମ୍ପାନୀ ଗୁରୁତ୍ୱ ଦେଉଛି। ସେହିଭଳି ଏହାର ସମସ୍ତ ପ୍ରଡକ୍ଟ ପ୍ରତି ସହରରେ ଉପଲବ୍ଧ କରାଇବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ କମ୍ପାନୀ ପ୍ରୟାସ କରିବ ବୋଲି ଡାଇକିନ୍ ଇଣ୍ଡିଆର ଡାଇରେକ୍ଟର ଓ ସିନିୟର ଭାଇସ ପ୍ରେସିଡେଣ୍ଟ କୁଳଦୀପ ବିରମାନି କହିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଜରିଆରେ



ଡାଇକିନ୍ ଇଣ୍ଡିଆର ଡାଇରେକ୍ଟର ଓ ସିନିୟର ଭାଇସ ପ୍ରେସିଡେଣ୍ଟ କୁଳଦୀପ ବିରମାନି ଖବରଦାତା ସମ୍ମିଳନୀରେ କମ୍ପାନୀର ଆଗାମୀ ଯୋଜନା ଓ ଓଡ଼ିଶା ବଜାରର କାରବାର ସମ୍ପର୍କରେ ସୂଚନା ଦେଉଛନ୍ତି (ମଝି)।

ଏହି ନୂଆ ରେଞ୍ଜର ଡାଇକିନ୍ ଏସିଗୁଡ଼ିକ ବର୍ଦ୍ଧିତ ଭାରତୀୟ ଜନସଂଖ୍ୟାଙ୍କୁ ଅଧିକ ଶକ୍ତି ବାବଦ ଖର୍ଚ୍ଚ ପ୍ରଭାବରୁ ମୁକ୍ତ କରାଇବା ସହ ପୁରାତନ ପ୍ରଯୁକ୍ତିରୁ ଉନ୍ନୀତ ହେବା ଦିଗରେ ପ୍ରସ୍ତୁତ କରାଯାଇଛି। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଅତୁଳନୀୟ ଏୟାର କଣ୍ଡିସନିଂ ସମାଧାନ 'ଡାଇକିନ୍-ଭିଆର୍‌ଭି-ହୋମ୍'ର ପ୍ରଚଳନ ସହ ବାସଗୃହରେ ଏକାଧିକ ଆଉଟଡୋର ୟୁନିଟ୍ ବଦଳରେ ଗୋଟିଏ ଆଉଟଡୋର ୟୁନିଟ୍‌କୁ ଏହା ପ୍ରସାର କରିବ। ଏହାର ନୀରବ ଏବଂ ଦକ୍ଷ ସୁଇଙ୍ଗ୍ କମ୍ପ୍ରେସରଠାରୁ ନେଇ ଅତୁଳନୀୟ ଡିଜାଇନଗତ ନମନୀୟତା ଏବଂ ଏହି ଶ୍ରେଣୀରେ ସର୍ବୋତ୍ତମ ଆରାମ ପ୍ରଦାନ କରିବ। ଏହି ରେଞ୍ଜ ଆପଣଙ୍କୁ ଡାଇକିନ୍‌ର ପରବର୍ତ୍ତୀ ପିଢିର ଏୟାର କଣ୍ଡିସନିଂ ବ୍ୟବସ୍ଥାର ଷ୍ଟାଇଲ, ଶକ୍ତି ଏବଂ ନମନୀୟତାର ଅନୁଭୂତି ପାଇବାର ସୁଯୋଗ ଦେବ ବୋଲି ସେ କହିଛନ୍ତି। ସେହିଭଳି ଭାରତ ସରକାରଙ୍କ ପକ୍ଷରୁ ଏୟାର କଣ୍ଡିସନିଂ କ୍ଷେତ୍ରରେ ନିକଟରେ ଘୋଷଣା କରାଯାଇଥିବା ପିଏଲ୍‌ଆଇ ଯୋଜନାର ଅଂଶ ଭାବରେ ଡାଇକିନ୍ ଇଣ୍ଡିଆ ଏୟାର କଣ୍ଡିସନର ଏବଂ ଏହାର ଉପକରଣ ନିର୍ମାଣ ପାଇଁ ନିକଟରେ ଆନ୍ଧ୍ରପ୍ରଦେଶର ଶ୍ରୀ ସିଟିଠାରେ ପ୍ରଥମ ପର୍ଯ୍ୟାୟରେ ୧୦୦୦ କୋଟି ଟଙ୍କା ନିବେଶ କରାଯିବ। ଏହି ନୂତନ ଉତ୍ପାଦନ କ୍ଷମତା କମ୍ପାନୀର ସାମ୍ପ୍ରତିକ କ୍ଷମତା ୧.୨ ନିୟୁତ ଆର୍‌ଏ ୟୁନିଟ୍‌କୁ ୨.୫ ନିୟୁତ ୟୁନିଟ୍‌କୁ ବୃଦ୍ଧି କରିବ ଏବଂ ଏହା ଡାଇକିନ୍ ଇଣ୍ଡିଆକୁ ଏଚ୍‌ଭିଏସି ଉପକରଣର ଭାରତରୁ ସର୍ବବୃହତ୍ ରପ୍ତାନିକାରୀ ଭାବରେ ସ୍ଥାପିତ କରିବ। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ କୌସ୍ତୁଭ ଦେ, ସତ୍ୟକେତନ ମିଶ୍ର, ସାୟନ ବାସୁଙ୍କ ସମେତ ଧୀରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଫ୍‌ଏଆର୍‌ଏଏଚ୍ ପ୍ରକଳ୍ପ ପାଇଁ ୩୦ଲକ୍ଷ ଦେଲା ଏଏମ୍-ଏନ୍‌ଏସ୍ ଇଣ୍ଡିଆ

**ଭୁବନେଶ୍ୱର,୯।୨**

ଦେଶର ପ୍ରମୁଖ ଘରୋଇ ଶିଳ୍ପାନୁଷ୍ଠାନ ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ(ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଫାଇନ୍ସାସିଆଲ ଆସିଷ୍ଟାନ୍ସ ଟୁ ରୋଡ୍ ଆକ୍ସିଡେଣ୍ଟ ଥ୍ରୁ ହେଭି ଭେହିକଲ (ଏଫ୍‌ଏଆର୍‌ଏଏଚ୍) ପ୍ରକଳ୍ପ ପାଇଁ ୩୦ଲକ୍ଷ ଟଙ୍କାର ସହାୟତା ରାଶି ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟିକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ସଡ଼କ ଦୁର୍ଘଟଣାରେ ପୀଡ଼ିତ ସବୁ ବର୍ଗର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ସୁନ୍ଦରଗଡ଼ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି ଜିଲା ଶାଖା ସହ କମ୍ପାନୀ ହାତ ମିଳାଇଛି। ଏହି ପରିପ୍ରେକ୍ଷୀରେ ଏଏମ୍-ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ଲିଡ୍‌ର ଜିତେଶ ରଥ ସୁନ୍ଦରଗଡ଼ ଉପଜିଲାପାଳ କୁନ୍ତିରାଣୀ ନାୟକଙ୍କୁ ସାକ୍ଷାତକରି ଉକ୍ତ ସହାୟତା ରାଶିର ଏକ ଚେକ୍ ପ୍ରଦାନ କରିଛନ୍ତି। ଫଳରେ ଏଫ୍‌ଏଆର୍‌ଏଏଚ୍ ପ୍ରକଳ୍ପ ଅଧୀନରେ ଜାରିଥିବା କାର୍ଯ୍ୟକ୍ରମ ଓ ସୁବିଧାଗୁଡ଼ିକୁ କାର୍ଯ୍ୟକାରୀ କରିବା ସହିତ ଉକ୍ତ ଅର୍ଥରାଶିକୁ ସଡ଼କ ଦୁର୍ଘଟଣାରେ ସାମିଲ ଲୋକଙ୍କୁ ଆର୍ଥିକ ସହାୟତା ଦିଆଯିବ। ପୀଡ଼ିତଙ୍କ ଚିକିତ୍ସା, ଆହତମାନଙ୍କୁ କ୍ଷତିପୂରଣ ପ୍ରଦାନ ଏବଂ ଭାରିଯାନ ଦ୍ୱାରା ଦୁର୍ଘଟଣାରେ ପ୍ରଭାବିତ ହୋଇଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପାଇଁ ଏହା ଉପଯୋଗ କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ କ୍ଷେତ୍ରରେ ୪ଲକ୍ଷ ଟଙ୍କା, ସ୍ଥାୟୀ ଅକ୍ଷମ ହୋଇଥିବା ଲୋକଙ୍କୁ ୨ ଲକ୍ଷ, ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ୧ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ପାଇଁ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ପ୍ରକଳ୍ପ କ୍ଷତିପୂରଣ ମାଧ୍ୟମରେ ସଡ଼କ ଦୁର୍ଘଟଣା ପୀଡ଼ିତଙ୍କ ଜୀବିକାକୁ ସହଯୋଗ କରିବ ଏବଂ ସେମାନଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବାରେ ଏହା ବ୍ୟାପକ ସାହାଯ୍ୟ କରିବ। ଏ ସମ୍ପର୍କରେ କୁନ୍ତିରାଣୀ କହିଛନ୍ତି, କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ଏଭଳି ଏକ ଉତ୍ତମ ପ୍ରୟାସର ଉଦ୍ଦେଶ୍ୟକୁ ସମର୍ଥନ ପାଇଁ ଆମେ ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆକୁ ଧନ୍ୟବାଦ ଜଣାଉଛୁ। ଏହି ଆର୍ଥିକ ସହାୟତା ନିଶ୍ଚିତ ଭାବେ ସଡ଼କ ଦୁର୍ଘଟଣାରେ ପୀଡ଼ିତ ଏବଂ ସେମାନଙ୍କ ପରିବାରକୁ ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ତୈଳ ଚାହିଦା ମାର୍ଜିନରେ ଉନ୍ନତି ହେବ: ମୁଡି

**ନୂଆଦିଲ୍ଲୀ,୯।୨**

ଦେଶର ପ୍ରମୁଖ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ(ଓଏମ୍‌ସି) ଦ୍ୱାରା ପ୍ରକ୍ରିୟାକୃତ ଅଶୋଧିତ ତୈଳର ବ୍ୟାରେଲ ପ୍ରତି ଲାଭ ୨୦୨୨-୨୩ ଆର୍ଥିକ ବର୍ଷରେ ଅଧିକ ଚାହିଦା ବୃଦ୍ଧି ପାଇବ ବୋଲି ମୁଡି ସର୍ଭିସ ପକ୍ଷରୁ ଆକଳନ କରାଯାଇଛି। ଏହି ରେଟିଂ ଏଜେନ୍ସି ଏହା ମଧ୍ୟ ଉଲ୍ଲେଖ କରିଛି, ୨୦୨୧ ନଭେମ୍ବରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏକ୍ସାଇଜ୍ ଡ୍ୟୁଟି ହ୍ରାସ କାରଣରୁ ଓଏମ୍‌ସିଗୁଡ଼ିକୁ ବ୍ୟାପକ କ୍ଷତି ପହଞ୍ଚାଇଛି। ବିଶେଷକରି ଭାରତର ରିଫାଇନିଂ କମ୍ପାନୀଗୁଡ଼ିକ ଉପରେ ମୁଡି କହିଛି, ଖୁବ୍‌ଶୀଘ୍ର ବିଶୋଧନ ଏବଂ ମାର୍କେଟିଂ ମାର୍ଜିନରେ ଉନ୍ନତି ଆସିବା ସହିତ ସମସ୍ତ କମ୍ପାନୀ ପାଇଁ ରୋଜଗାରର ଉନ୍ନତି ମଧ୍ୟ ହେବ ବୋଲି ଆଶା କରାଯାଉଛି। ୨୦୨୦ ଏବଂ ୨୦୨୧ ର ପ୍ରଥମାର୍ଦ୍ଧରେ ବ୍ୟାରେଲ ପିଛା ୦.୫ରୁ ୦.୭ ର ହାରାହାରି ବିଶୋଧନ ମାର୍ଜିନ ସହିତ ତୁଳନା କରାଯାଇଛି। ସେହିଭଳି ଆସନ୍ତା ୧୨ରୁ ୧୮ମାସ ମଧ୍ୟରେ ଆଞ୍ଚଳିକ ରିଫାଇନିଂ ବେଞ୍ଚମାର୍କ ହାରାହାରି ୩.୦ରୁ ୪.୦ ଡଲାର ପ୍ରତି ବ୍ୟାରେଲ ପିଛା ବୃଦ୍ଧି ହେବ। ଦେଶର ୩ ପ୍ରମୁଖ ସାର୍ବଜନୀନ କ୍ଷେତ୍ର (ପିଏସ୍‌ୟୁ) ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ରିଫାଇନିଂ ମାର୍ଜିନରୁ ଅଧିକ ଆୟ କରୁଥିବା ମୁଡି ତା'ର ରିପୋର୍ଟରେ ଉଲ୍ଲେଖ କରିଛି। ଅପରପକ୍ଷରେ ରିଫାଇନିଂ ମାର୍ଜିନ ଦୃଢ଼ ହେବା ସହିତ କ୍ଷମତାର ଉପଯୋଗ ମଧ୍ୟ ବଳବତ୍ତର ରହିବ। ମହାମାରୀ ସମୟର ପ୍ରତିବନ୍ଧକକୁ ହ୍ରାସ କରିବା ଏବଂ ବ୍ୟାପକ ଟିକାକରଣ ଯୋଗୁ ପରିବହନ ଇନ୍ଧନର ଚାହିଦା ପୂର୍ବାବସ୍ଥାକୁ ଫେରିଆସିଛି।

## ବୃଦ୍ଧି ପାଉଛି ବଜାର ଶେୟାର

**ମୁମ୍ବାଇ,୯।୨**

କ୍ରମାଗତ ୨ୟ ଦିନ ପାଇଁ ଶେୟାର ବଜାରର ମୂଲ୍ୟ ବୃଦ୍ଧି ପାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୬୫୭ ପଏଣ୍ଟ ବୃଦ୍ଧି ପାଇ ୫୮,୪୬୬ ଅଙ୍କରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୬୫୭.୩୯ ପଏଣ୍ଟ (୧.୧୪%) ବୃଦ୍ଧି ଘଟି ୫୮,୪୬୫.୯୭ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟିରେ ମଧ୍ୟ ୧୯୭.୦୫ ପଏଣ୍ଟ (୧.୧୪%) ବଢ଼ି ୧୭,୪୬୩.୮୦ ରେ ରହିଥିବା ସୂଚନା ମିଳିଛି।

## ଟିପିଏସ୍‌ଓଡିଏଲ ପକ୍ଷରୁ ଗ୍ରାହକକୈନ୍ଦ୍ରିକ ଅଭିଯାନ

**ନୂଆଦିଲ୍ଲୀ,୯।୨**

ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ନୂଆ ବର୍ଷରେ ବିଭିନ୍ନ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଦ୍ୟୁତ୍ ସମ୍ପର୍କିତ ସୂଚନା କିମ୍ବା ଅଭିଯୋଗ ପାଇଁ ୨୪ ଘଣ୍ଟିଆ କଲ୍ ସେଣ୍ଟର ଜରିଆରେ ଯୋଗାଯୋଗ କରିପାରିବେ। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଆମର ସମସ୍ତ ଗ୍ରାହକଙ୍କୁ ଉନ୍ନତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ। ଏହି ନୂଆ ବର୍ଷ ଟିପିଏସ୍‌ଓଡିଏଲ୍‌ର ସଫଳ ପରିଚାଳନା ଏବଂ ଶୁଭାରମ୍ଭର ପ୍ରଥମ ବର୍ଷ ହୋଇଥିବା ବେଳେ ଏହି ନୂତନ ଅଭିଯାନଗୁଡ଼ିକ ଜରିଆରେ ଆମେ ଆମର ସେବାକୁ ଆଉ ଟିକେ ଉପରକୁ ନେବୁ।

**ଜନ୍ମଦିନର ଶୁଭେଚ୍ଛା**



ଅଭିଜିତ ମହାନ୍ତି (ସାଇ) ଅଂଶୁମାନ ମହାନ୍ତି (ରାମ)
ସି.ଡି.ଏ., କଟକ-୧୪
ଆଜି ଷଷ୍ଠ ଜନ୍ମବାର୍ଷିକ ଅବସରରେ ଆମ୍ଭମାନଙ୍କର ଏତିକି ପ୍ରାର୍ଥନା, ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ୍ଭମାନଙ୍କର ଚଲାପଥ କୁସୁମିତ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ !
ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ବାପା, ମାମା, ବଡବାପା, ବଡମାମା, ସତ୍ୟ, ଲୋରି, ଖୁସି, ଅନୁ, ରାକ୍ଷୀ, ରୂପା, ଲିପନୀ, ରୁବି, ରିଙ୍କୁ ଓ ପରିବାରବର୍ଗ।
ଧ-୨୩୦୯୪

ଫୁର୍‌ସତ୍

## ଶିଶୁଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ

କୁହାଯାଏ ଆଜିର ଶିଶୁ କାଲିର ନାଗରିକ। ତେଣୁ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସର୍ବୋପରି ଭାବେ ବିବେଚନା କରାଯାଇଥାଏ। ଦେଶର ପ୍ରତ୍ୟେକ ଶିଶୁଙ୍କୁ କୃମି ମୁକ୍ତ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିବର୍ଷ ଫେବୃୟାରୀ ୧୦ରେ ଏକ ରାଷ୍ଟ୍ରୀୟ ପଦକ୍ଷେପ ସ୍ୱରୂପ ଜାତୀୟ କୃମିନାଶ ଦିବସ ପାଳନ କରାଯାଇଥାଏ। ଅଳ୍ପ ସମୟ ମଧ୍ୟରେ ବହୁ ସଂଖ୍ୟକ ପିଲାଙ୍କ ନିକଟରେ ପହଞ୍ଚିବା ସହିତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ ଏହା ହେଉଛି ସର୍ବ ବୃହତ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ୨୦୧୫ ଠାରୁ କାର୍ଯ୍ୟକାରୀ ହେଉଛି। ହେଲମିନ୍ଥସ କୃମି ମଳ ଦ୍ୱାରା ଦୂଷିତ ମାଟି ମାଧ୍ୟମରେ



### ଜାତୀୟ କୃମିନାଶ ଦିବସ

ସଂକ୍ରମିତ ହୁଏ। ଏହାକୁ ମୃତ୍ତିକା ସଂକ୍ରମିତ ହେଲମିନ୍ଥସ ଇଣ୍ଟେଷ୍ଟେନିଆଲ୍ ପରଜୀବୀ କୃମି କୁହାଯାଇଥାଏ। ମୃତ୍ତିକା ସଂକ୍ରମିତ ହେଲମିନ୍ଥସ ସଂକ୍ରମଣ ଯୋଗୁ ଶିଶୁଙ୍କଠାରେ ଦୁର୍ବଳତା, ରକ୍ତହୀନତା, ପୁଷ୍ଟିହୀନତା, ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇ ଶିଶୁଙ୍କୁ ପ୍ରତିଷେଧକ ଟିକା ଦିଆଯାଇ କୃମିନାଶ କରାଯାଇଥାଏ।

## ମା' ହେବେ ଦେବିନା

**ମୁମ୍ବାଇ:** ଟିଭିର ଲୋକପ୍ରିୟ ଦମ୍ପତି ଗୁରୁମିତ ଚୌଧୁରୀ ଏବଂ ଦେବିନା ବାନାର୍ଜୀ ତାଙ୍କ ପ୍ରଶଂସକଙ୍କୁ ମାତାପିତା ହେବା ନେଇ ଖୁସି ଖବର ଦେଇଛନ୍ତି। ଟିଭିରେ ରାମ ସୀତାଙ୍କ ଚରିତ୍ରରେ ଅଭିନୟ କରିଥିବା ଦୁହେଁ ବିବାହର ୧୧ ବର୍ଷ ପରେ ନୂଆ ଅତିଥିଙ୍କୁ ସ୍ୱାଗତ କରିବାକୁ ଉତ୍ସୁକ ଅଛନ୍ତି। ଉଭୟ ଏକ ଫଟୋ ସହ ଏହି ଖୁସି ଖବର ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରି କ୍ୟାପସନ୍‌ରେ ଲେଖିଛନ୍ତି, ଆମେ ୨ରୁ ୩ ହେବାକୁ ଯାଉଛୁ, ଆମକୁ ଆଶୀର୍ବାଦ ଦିଅନ୍ତୁ। ଏ ନେଇ ଦମ୍ପତିଙ୍କୁ ଅନେକ ଶୁଭେଚ୍ଛା ଆସିଛି। ୨୦୧୧ ଫେବୃୟାରୀରେ ଗୁରୁମିତ ଏବଂ ଦେବିନାଙ୍କ ବିବାହ ହୋଇଥିଲା। ଗତବର୍ଷ ଅକ୍ଟୋବରରେ ଉଭୟ ପାରମ୍ପାରିକ ବଙ୍ଗାଳୀ ରୀତିନୀତି ଅନୁସାରେ ପୁନଃ ବିବାହ କରିଥିଲେ।



**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰କିଶୋର ଚନ୍ଦ୍ର ମିଶ୍ର
ଗ୍ରାମ- ଦହଣା
ଆବିର୍ଭାବ- ୨୮।୦୩।୧୯୩୯
ତିରୋଧାନ- ୩୦।୦୧।୨୦୨୨
ହେ ମହାନ୍ ଆତ୍ମା, ଆପଣଙ୍କ ବିୟୋଗରେ ଆମେ ସପରିବାର ଅତ୍ୟନ୍ତ ମ୍ରିୟମାଣ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା, ତ୍ୟାଗପୂତ ଜୀବନାଦର୍ଶ ଆମର ଚିର ପାଥେୟ ହେଉ। ଆପଣଙ୍କ ଆଶୀର୍ବାଦ ଆମ୍ଭର ଏକାନ୍ତ କାମ୍ୟ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୩୧୦୬

**ଜନ୍ମଦିନ ଶୁଭେଚ୍ଛା**



ଅଲିଶା ସାହାଣୀ
ସାନମଙ୍ଗ, କେନ୍ଦ୍ରାପଡ଼ା
ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ- ସ୍ୱାମୀ ସରୋଜକାନ୍ତ ସାହାଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୧୦୩

**ବ୍ରତୋପନୟନ**



ଓମ୍‌କାର (ଓମ୍)
୨୮୪, ବରବାରି, ଖଣ୍ଡଗିରି, ଭୁବନେଶ୍ୱର
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ ।
ଶୁଭେଚ୍ଛା ସହ : ପିତା- ମନୋରଞ୍ଜନ ପାଢୀ, ମା- ରୋଜାଲିନ ପାଢୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୧୦୫

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**GALAXY TOWER**



ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଇ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245 7653803952
Asrayagad, Gulaijang, Gajapati

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆହତଙ୍କୁ ସାହାଯ୍ୟ କଲେ ସୋନୁ



**ଚଣ୍ଡିଗଡ:** କରୋନାବେଳେ ଲୋକଙ୍କୁ ସାହାଯ୍ୟ କରି ଚର୍ଚ୍ଚାରେ ଥିବା ସୋନୁ ସୁଦ ପୁଣି ଥରେ ତାଙ୍କ ମଣିଷପଣିଆ ଦେଖାଇଛନ୍ତି। ପଞ୍ଜାବର ମୋଗା ଜିଲା କୋଟକପୁରା ବାଇପାସରେ ଏକ ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ସେ ସହାୟତା କରିଛନ୍ତି। ଉକ୍ତ ବାଇପାସ୍‌ରେ ଦୁଇ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ବ୍ୟକ୍ତି ଆହତ ହୋଇ ତଳେ ପଡ଼ିଯାଇଥିଲେ। ସେହି ରାସ୍ତା ଦେଇ ସୋନୁ ଗଲାବେଳେ ଏହି ଦୃଶ୍ୟ ଦେଖି ସେଠାରେ ଅଟକିଥିଲେ। ସଙ୍ଗେ ସଙ୍ଗେ ସେ ସେହି ଗୁରୁତର ବ୍ୟକ୍ତିଙ୍କୁ ଉଠାଇବା ସହ ନିଜ ଗାଡିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୋନୁଙ୍କ ଏହି କାମର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାକୁ ଲାଗିଛି। ଲୋକେ ସୋନୁଙ୍କୁ ଏ ନେଇ ଅନେକ ଶୁଭେଚ୍ଛା ଜଣାଇଛନ୍ତି।

## 'ଢୋଲିଡା'ରେ ଆଲିଆଙ୍କ ଠୁମ୍‌କା



**ମୁମ୍ବାଇ:** ବଲିଉଡ୍‌ର ଚୁଲ୍‌ବୁଲି ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡି'କୁ ନେଇ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସିନେମାର ପ୍ରଥମ ଗୀତ 'ଢୋଲିଡା' ଗୁରୁବାର ରିଲିଜ୍ ହେବାର ସୂଚନା ରହିଛି। ଏନେଇ ଆଲିଆ ଗୀତର ପ୍ରଥମ ଲୁକ୍ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଗୀତ ପୂର୍ବରୁ ଏହାର ଟିଜର ମୁକ୍ତିଲାଭ କରିଛି। ଏଥିରେ ଆଲିଆ ଧଳା ରଙ୍ଗର ଶାଢୀ ପିନ୍ଧିଥିବା ନଜରକୁ ଆସିଛନ୍ତି। ୨୦ ସେକେଣ୍ଡର ଏହି ଟିଜରରେ ଆଲିଆ ନିଜ ଠୁମ୍‌କାରେ ପ୍ରଶଂସକଙ୍କୁ ଆକର୍ଷିତ କରିଛନ୍ତି। ଏଥିରେ ସେ ଗଙ୍ଗୁବାଈଙ୍କ ସିଗ୍‌ନେଚର ଷ୍ଟାଇଲରେ ହାତ ଯୋଡ଼ି ଆସିବା ସହ ନିଜ ଜବରଦସ୍ତ ଡ୍ୟାନ୍ସ ଦେଖାଇଛନ୍ତି। ଚଳଚ୍ଚିତ୍ରକୁ ରିଲିଜ୍‌କୁ କରନ ଜୋହର ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଆଲିଆଙ୍କ ପୋଷ୍ଟରେ ସେ କମେଣ୍ଟ କରି ଲେଖିଛନ୍ତି, ଏବେ ଆଉ ଅପେକ୍ଷା କରି ହେବନି। ସଞ୍ଜୟ ଲୀଳା ଭଂଶାଲୀଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ଗଙ୍ଗୁବାଇ କାଠିଆୱାଡି ଫେବୃଆରୀ ୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଏହି ଚଳଚ୍ଚିତ୍ରରେ ଆଲିଆଙ୍କୁ ଏକ ନୂଆ ରୂପରେ ଦେଖିବାକୁ ମିଳିବ। କାମାଠିପୁରାରେ ଗଙ୍ଗୁବାଈଙ୍କ ବେଶ୍ୟାବୃତ୍ତି ଜୀବନୀଠାରୁ ଆରମ୍ଭ କରି ତାଙ୍କ ରାଜନୈତିକ ଯାତ୍ରାକୁ ଆଲିଆଙ୍କ ମାଧ୍ୟମରେ ଦର୍ଶକ ପରଦାରେ ଦେଖିବେ। କିଛି ଦିନ ପୂର୍ବରୁ ଫିଲ୍ମର ଟ୍ରେଲର ରିଲିଜ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଆଲିଆଙ୍କ ସହିତ ଅଜୟ ଦେବଗନଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ।

**MISSING**



ନାମ: ଶାନ୍ତିଲତା ମାଝି
ବୟସ: ୫୨, ଫୋନ୍: 7205781448/ 9438689362 / 9668264078 / 8658516702.
ନିଖୋଜ ତାରିଖ ୧ ଫେବୃୟାରୀ ୨୦୨୨, ସମୟ: ସକାଳ ୮ଟା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର। ପୋଲିସ ଷ୍ଟେସନ: ପାହାଳ ପୋଲିସ୍ ଷ୍ଟେସନ କିମ୍ବା ନିକଟତମ ପୋଲିସ ଷ୍ଟେସନ୍, Phone OIC: 9438411083.
D-23102

# ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସରରୁ ନାୟକ


ଶାହୀଦ କପୁର

ସତରେ ଏହାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ପ୍ରଥମେ ସେ ବଲିଉଡ୍‌ର ଶୋ'ମ୍ୟାନ୍ ଭାବରେ ପରିଚିତ ସୁବାସ ଘାଇଙ୍କ 'ତାଲ୍' ଏବଂ ଅନ୍ୟତମ ନାମୀ ପ୍ରଯୋଜକ ୟଶ୍ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହୈ'ରେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ଦିନ ଆସିଲା ବଡ଼ ପରଦାରେ ସେ ନାୟକ ସାଜିବାର ସୁଯୋଗ ପାଇଥିଲେ। ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିଥିଲେ। ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। କିନ୍ତୁ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ସେତେବେଳେ ତାଙ୍କୁ ଅଫର ମିଳୁଥିଲା ସତ, ହେଲେ ରାତି ପାହିଲାବେଳକୁ ସେଗୁଡ଼ିକ ଦିବାସ୍ୱପ୍ନ ପରି ଉଭେଇ ଯାଉଥିଲା। ପ୍ରଥମ ସୁଯୋଗ ପାଇବା ପୂର୍ବରୁ ଶାହୀଦଙ୍କୁ ଅନେକ ଅଫର ମିଳିଥିଲା, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ସିନେମାରେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳି ନ ଥିଲା। ହେଲେ ଏପରି ପରିସ୍ଥିତିରେ ସେ ପଛଘୁଞ୍ଚା ଦେଇ ନ ଥିଲେ। ଏ ନେଇ ଶାହୀଦ କହନ୍ତି, ''ମୁଁ ସେତେବେଳେ ନାମୀ କୋରିଓଗ୍ରାଫର ସୈମିକ ଡାଭରଙ୍କ ନିକଟରୁ ଡ୍ୟାନ୍ସ ଶିଖୁଥାଏ। ସେତେବେଳେ ମୋତେ ଅନେକ ଅଫର ମିଳିଥିଲା। କିନ୍ତୁ ସେଗୁଡ଼ିକୁ ଗୋଟିଏ ହେଲେ ମୋତେ ବଲିଉଡ୍‌ରେ ଏଣ୍ଟ୍ରି କରିବାରେ ସାହାଯ୍ୟ କରି ନ ଥିଲା। ସେହି ସମୟରେ ମୁଁ ଭାଙ୍ଗି ନ ପଡ଼ି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲି।''


ସୋନାକ୍ଷୀ

# ଡବଲ ଅବତାର


ଝିଲିକ୍

ବଙ୍ଗୀୟ ଅଭିନେତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ। ଖୁବ୍ ଶୀଘ୍ର ତାଙ୍କୁ ଦର୍ଶକ ଦୁଇଟି ଅବତାରରେ ଦେଖିବାକୁ ପାଇବେ। ଗୋଟିଏ ହେଲା ପ୍ରଯୋଜିକା ଏବଂ ଅନ୍ୟଟି ନାୟିକା। ଅର୍ଥାତ୍, ହୋମ୍ ବ୍ୟାନରରେ ପ୍ରସ୍ତୁତ ପ୍ରଥମ ସିନେମାର ସେ ପ୍ରଯୋଜିକା ବ୍ୟତୀତ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଅର୍ଥାତ୍ ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ସେ ନିର୍ମାଣ କରିଛନ୍ତି ଓଡ଼ିଆ ସିନେମା 'ରୁଦ୍ରାଣୀ–ଦ ପାୱାର ଅଫ୍ ୱମେନ୍'। ଝିଲିକ୍ ପ୍ରଥମ ଥର ପାଇଁ ପ୍ରଯୋଜନା ପରି ଗୁରୁ ଦାୟିତ୍ୱ ସମ୍ଭାଳିଛନ୍ତି। ଏହାର ନିର୍ଦ୍ଦେଶନା ଦେଇଛନ୍ତି କେ. ମୁରଲୀକ୍ରିଷ୍ଣା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଆଗଧାଡ଼ିର ଅନ୍ୟତମ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। ଅନ୍ୟପକ୍ଷରେ ଜଣେ ନାରୀର ସଂଘର୍ଷମୟ ଜୀବନୀକୁ ନେଇ ଗତିଶୀଳ କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଝିଲିକ୍‌ଙ୍କ ବ୍ୟତୀତ ଏହି ଫିଲ୍ମରେ ମଣ୍ଟୁ, ଲୋହିତାକ୍ଷ, ପିଣ୍ଟୁ ନନ୍ଦ, ବବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ପ୍ରତିଭା ପଣ୍ଡା, ଶକ୍ତି ବରାଳ, ଜୀବନ ପଣ୍ଡା, ସୁନୀତାଙ୍କୁ ଦେଖିବାକୁ ମିଳିବ। ଏହାର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ସୂଚନାଯୋଗ୍ୟ, ନିରଞ୍ଜନ ରଣାଙ୍କ ପ୍ରଯୋଜିତ ଏବଂ ଏସ୍.କେ. ମୁରଲୀଧରନ୍‌ଙ୍କ ନିର୍ଦ୍ଦେଶିତ 'ଟାର୍ଗେଟ'ରେ ଝିଲିକ୍‌ଙ୍କୁ ବ୍ରେକ୍ ମିଳିଥିଲା। ପରବର୍ତ୍ତୀ ସମୟରେ ଝିଲିକ୍ ୧୪ଟି ଓଡ଼ିଆ ଏବଂ ୭ଟି ବଙ୍ଗଳା ସିନେମାରେ ଅଭିନୟ କରିବା ପରେ ଓଡ଼ିଶାରେ ଘର ସଂସାର କରିସାରିଛନ୍ତି।

# ଫିଟ୍‌ନେସ୍ ରହସ୍ୟ

'ଦବଙ୍ଗ' ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ଫିଟ୍‌ନେସ୍‌କୁ ନେଇ ଏବେ ଚର୍ଚ୍ଚା। ବଲିଉଡ୍‌ରେ ଏଣ୍ଟ୍ରି କରିବା ଦିନଠାରୁ ସେ ନିଜର ଫିଟ୍‌ନେସ୍ ପ୍ରତି ବେଶ୍ ସଚେତନ। ହେଲେ ଏ ଦିଗରେ ତାଙ୍କୁ କିଏ ବେଶୀ ପ୍ରୋତ୍ସାହିତ କରିଥିଲେ ତାହା ଉପରୁ ନିକଟରେ ପରଦା ହଟାଇଛନ୍ତି ଏହି ଅଭିନେତ୍ରୀ। ଏ ନେଇ ସୋନାକ୍ଷୀ କହନ୍ତି, ''ଯେତେବେଳେ ମୁଁ ପ୍ରଥମ ଫିଲ୍ମ 'ଦବଙ୍ଗ' ସାଇନ୍ କଲି ସେତେବେଳେ ମୋ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦେବାକୁ ସଲମାନ ଖାଁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ଏ ନେଇ ମୋତେ ସେ ସହଯୋଗର ହାତ ମଧ୍ୟ ବଢ଼ାଇଥିଲେ। ନିଜକୁ ଫିଟ୍ ରଖିବା ପାଇଁ ମୋତେ ପ୍ରତିଦିନ କ'ଣ କରିବାକୁ ପଡ଼ିବ, ଖାଦ୍ୟପେୟ ଆଦି ବିଷୟରେ ତାଙ୍କର ଟିପ୍ସ ମୋ ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଛି। ପ୍ରତିଦିନ ଏକ୍ସରସାଇଜ କରିଥାଏ। ଏହାବ୍ୟତୀତ ନିଜର ଡାଏଟିଂ ପ୍ରତି ବେଶ୍ ସଚେତନ ଥାଏ। ଶୁଣିବାକୁ ପାଉଛି ଯେ ନିକଟରେ ମୁଁ ପାରିଶ୍ରମିକ ପାଇଁ ଗୋଟିଏ ଅଫର ହାତଛଡ଼ା କରିଛି। ହେଲେ ଏକଥା ଆଦୌ ସତ ନୁହେଁ। ଯେଉଁ ଅଫରଟିକୁ ନିକଟରେ ମୁଁ ରେଡ୍ ସିଗନାଲ ଦେଖାଇଛି, ତାହାର କାରଣ ହେଉଛି କାହାଣୀ। ସେହି କାହାଣୀଟି ମୋତେ ପ୍ରଭାବିତ କରିପାରି ନ ଥିଲା। ତେଣୁ ଅଫରଟିକୁ ହାତଛଡ଼ା କରିଛି। ମୋର ପାରିଶ୍ରମିକ ବଢ଼ାଇବାର ଯୋଜନା ଏବେ ନାହିଁ।''

# ବୋଲ୍ଡ ଶଟ୍‌କୁ ନା

ଗୋଟିଏ କଥା ନେଇ ବାଣୀ କପୁର ମାଇଣ୍ଡ ମେକ୍‌ଅପ କରିଛନ୍ତି। ତାହା କ'ଣ ଜାଣନ୍ତି? ଆଗକୁ ସେ କଦାପି ବୋଲ୍ଡ ଶଟ୍ ଦେବେ ନାହିଁ। କୌଣସି ସିନେମାରେ ଅଭିନୟ କରିବା ପୂର୍ବରୁ ସେଥିରେ ନିଜ ଭୂମିକା ବିଷୟରେ ଭଲ ଭାବରେ ତର୍ଜମା କରିବେ। ଅନ୍ୟପକ୍ଷରେ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ମନ ବଳାଇଛନ୍ତି। ନିଜର ଏଭଳି ଆଭିମୁଖ୍ୟ ବିଷୟରେ ବାଣୀ କହନ୍ତି, 'ଅଯଥାରେ ଅଙ୍ଗ ପ୍ରଦର୍ଶନ କରିବା ଏବଂ ରାତାରାତି ଚର୍ଚ୍ଚିତ ହେବା ସପକ୍ଷରେ ମୁଁ ନୁହେଁ। ଏପରିକି ମୁଁ ନିଷ୍ପତ୍ତି ନେଇଛି ଯେ, ଆଗକୁ କେବେ ବୋଲ୍ଡ ଶଟ୍ ଦେବି ନାହିଁ। ଫିଲ୍ମରେ ନଗ୍ନତା ରହୁ, ଏହାର ମୁଁ ବିରୋଧୀ ନୁହେଁ, ହେଲେ ତାହା ସୀମା ଟପି ଯିବା ଠିକ୍ ନୁହେଁ। କେତେକ ସିନେମାରେ ଅତିରଞ୍ଜିତ କରି ବୋଲ୍ଡ ଶଟ୍‌ଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। ଯଦି କାହାଣୀ ସହ ଏହାର ସମ୍ପର୍କ ରହିଛି, ତେବେ ତାହାକୁ ଠିକ୍ ଭାବରେ ଦୃଶ୍ୟାୟନ କରାଯିବା ଆବଶ୍ୟକ। ଏବେ ଆକ୍ସନ ସିନେମା ପ୍ରତି ମନ ବଳାଇଛି। କେବଳ ସେତିକି ନୁହେଁ, ଫାଇଟ୍ ଟ୍ରେନିଂ ନେବା ମଧ୍ୟ ଆରମ୍ଭ କରିଛି। କାରଣ ଜଣେ ପ୍ରଯୋଜକ ମୋତେ ଏ ନେଇ ପରୋକ୍ଷରେ ସୂଚନା ଦେବା ପରେ ମୁଁ ଏ ନେଇ ପ୍ରସ୍ତୁତି ଆରମ୍ଭ କରିଛି।' ତେବେ ଆକ୍ସନ ଫିଲ୍ମରେ ବାଣୀ କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।



# ଷୋହଳ ବର୍ଷ ବୟସରେ


ଡିମ୍ପଲ କାପାଡିଆ

ବିଗତ ଦିନର ଅଭିନେତ୍ରୀ ଡିମ୍ପଲ କାପାଡ଼ିଆ। ରାଜ କପୁରଙ୍କ ନିର୍ଦ୍ଦେଶିତ 'ବବି'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଥିଲେ ରିଷି କପୁର। କେବଳ ଏହାର କାହାଣୀ ନୁହେଁ, ଏଥିରେ 'ହମ୍ ତୁମ୍ ଏକ କମରେ ମେଁ ବନ୍ଦ ହୋ, ଜିସ୍‌କା ଚାବି ଖୋ ଯାଏ, ଝୁଟ୍ ବୋଲେ କଓ୍ୱା କାଟେ, ମେଁ ସାୟର ତୋ ନେହିଁ ଆଦି ଗୀତଗୁଡ଼ିକୁ ଆଜି ମଧ୍ୟ ଅନେକ ଗୁଣୁଗୁଣେଇ ଥାଆନ୍ତି। ହେଲେ ଯେତେବେଳେ ତାଙ୍କୁ ଏହି ଫିଲ୍ମ ପାଇଁ ଚୟନ କରାଗଲା ସେତେବେଳେ ତାଙ୍କର ବୟସ କେତେ ହୋଇଥିଲା ଜାଣନ୍ତି? ମାତ୍ର ୧୬ ବର୍ଷ। ଡେବ୍ୟୁ ଫିଲ୍ମକୁ ଅପାର ସଫଳତା ମିଳିବା ସହ ସେତେବେଳେ ତାଙ୍କୁ ସାଇନ୍ କରାଇବାକୁ ପ୍ରଯୋଜକମାନଙ୍କର ଲମ୍ବା ଲାଇନ୍ ଲାଗିଯାଇଥିଲା। ନିଜର ଅଭିନୟ କ୍ୟାରିୟର ଭିତରେ ସେ ସମୟରେ ଅନ୍ୟତମ ଲୋକପ୍ରିୟ ଅଭିନେତା ରାଜେଶ ଖାନ୍ନାଙ୍କ ପ୍ରେମରେ ପଡ଼ିଯାଇଥିଲେ ଏବଂ ଶେଷରେ ତାଙ୍କୁ ବିବାହ କରିଥିଲେ। ଖାସ୍ କଥା ହେଲା, ଯେତେବେଳେ ସେ ଘର ସଂସାର କଲେ ସେତେବେଳେ ତାଙ୍କର ବୟସ ମଧ୍ୟ ହୋଇଥିଲା ଷୋହଳ। ଡିମ୍ପଲ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡ଼ିକ ହେଲା– 'ଜଖମୀ ସେର୍', 'ଅର୍ଜୁନ', 'ପାତାଳ ଭୈରବୀ', 'ସାଗର', 'ଇନସାନିୟତ କି ଦୁଷମନ୍', 'ଆଖରୀ ଅଦାଲତ', 'ରାମ ଲଖନ୍', 'ଅଜୁବା' ଏବଂ 'ରୁଦାଲି'।

# ସୁନାଲି ଯାହା ଚାହୁଁଥିଲେ..

ସମ୍ବଲପୁରୀ ଫିଲ୍ମ 'ମୁନୁଷର୍ ଜାଏତ୍'ର ନାୟିକା ଭୂମିକାରେ ଅଭିନୟ କରିଥିବା ସୁନାଲି ନାଏକଙ୍କୁ ନେଇ ଚର୍ଚ୍ଚା। ଚଳିତ ମାସ ପ୍ରଥମ ସପ୍ତାହରେ ରିଲିଜ ହୋଇଥିବା ଏହି ଚିତ୍ରରେ ତାଙ୍କର ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏପରି ସଫଳତା ତାଙ୍କ ଆକ୍ଟିଂ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛନ୍ତି ଏହି ଅଭିନେତ୍ରୀ। ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅନ୍ତର୍ଗତ ସାହାସପୁର ଗ୍ରାମର ସୁଶାନ୍ତ କୁମାର ନାଏକ ଓ ସୁଦେଷ୍ଣା ନାଏକଙ୍କ ଝିଅ ସୁନାଲି। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ଏଥିରେ ମୋ ଭୂମିକାଟି ହେଲା ବନିତା। ଏବେ ମଧ୍ୟ ସମାଜର କୁସଂସ୍କାର, ଜାତିପ୍ରଥାକୁ ନେଇ ଅନେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ଏପରି ସନ୍ଦେହ ସେମାନଙ୍କ ମନରୁ ଦୂରେଇବାକୁ ଏହି ଫିଲ୍ମରେ ପ୍ରୟାସ କରାଯାଇଛି। ତା' ସହ ପ୍ରେମ ବିବାହ ପଛରେ ଥିବା ମାନସିକ ଯନ୍ତ୍ରଣାକୁ କିପରି ସାମନା କରିବ ତାହା ମଧ୍ୟ ଏଥିରେ ଦେଖିବାକୁ ମିଳିଛି। ମୋ ପରିବାର ଏବଂ ଏହି ଫିଲ୍ମର କାହାଣୀକାର ତଥା ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ବନଛୋର୍‌ଙ୍କ ପ୍ରୋତ୍ସାହନ ପାଇଁ ମୁଁ ଏପରି ସଫଳତା ପାଇଛି।' ଏହି ଚିତ୍ରରେ ସୁନାଲିଙ୍କ ନାୟକ ସାଜିଛନ୍ତି ଆଶୁତୋଷ ମିଶ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଦିବ୍ୟଲୋଚନ ଦୀପ୍। ପ୍ରେମ ସାଗର ଫୌଜଦାର, ବିଶ୍ୱନାଥ ସେଠ, ବିନ୍ଦୁ ମଲ୍ଲିକ, ଲଳିତ ପୂଜାରୀ, ମନୋରଞ୍ଜନ ନାୟକ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

– ନୀଳେନ୍ଦ୍ର କୁମାର ଗଜେନ୍ଦ୍ର


ସୁନାଲି

## ଶୁଟିଂ ଚାଲିଛି

# ମାମା ୱେଡ୍‌ସ ପାପା

ଶ୍ରୀହାନ ସିନେ କ୍ରିଏସନ୍ସ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ମାମା ୱେଡ୍‌ସ ପାପା'ର ଶୁଟିଂ ଚାଲୁ ରହିଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ନବାଗତ ପ୍ରଯୋଜକ ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି ଏବଂ ଅନୁପ ସିଂ। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ସାତ ସୂରେ ବନ୍ଧା ଏ ଜୀବନ', 'ଡ୍ୟାଡି' ଏବଂ 'ଓୟେ ଗୀଟାର'ର ନିର୍ଦ୍ଦେଶକ ଆପୁ କାନୁନ୍‌ଗୋ। ଚ ି ନ ୍ଣ ୟ େବ େଳ ଅ ସ ଦ ନି ଜ ର ଦାସପଟ୍ଟନାୟକ ଏହାର ସଂଳାପ ରଚନା କରିଥିବା ଅରୁଣ ମନ୍ତ୍ରୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନିଜାମ। ଜଣେ ଗାୟିକା ଏବଂ ଜଣେ ଅଭିନେତା ସଂଘର୍ଷମୟ ଜୀବନକୁ ନେଇ ଏହାର କାହାଣୀ ଗତିଶୀଳ। ଉକ୍ତ ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ଅଭିଷେକ ରଥ, ବଙ୍ଗୀୟ ଅଭିନେତ୍ରୀ ରିତିଷା, ଜ୍ୟୋତି ମିଶ୍ର, ଦେବୁ ପଟ୍ଟନାୟକ, ପ୍ରିୟଙ୍କା ପାଣିଗ୍ରାହୀ, ଗୁଡ୍ଡୁ ଏବଂ ଶିଶୁ କଳାକାର ମୁନ୍ନି। ଖାସ୍ କଥା ହେଲା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଗୋବିନ୍ଦାଙ୍କ ଭଣଜା କ୍ରିଷ୍ଣା ଅଭିଷେକ ଏହି ଫିଲ୍ମରେ ଅତିଥି କଳାକାର ଭାବରେ ଅଭିନୟ କରିବେ। ଫିଲ୍ମଟି ଚଳିତ ବର୍ଷ ରଜରେ ରିଲିଜ ପାଇଁ ପ୍ଲାନିଂ ରହିଛି ବୋଲି କହନ୍ତି ନିର୍ଦ୍ଦେଶକ।


ରିତିଷା

# ଅତୀତରୁ

➔ଓଡ଼ିଆ ସିନେମା 'ତପସ୍ୟା'ର ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନୀତା ଦାସ, ଉତ୍ତମ ମହାନ୍ତି ଏବଂ ଦୀପା ସାହୁ।

➔ଆରତୀ ଦାସଙ୍କ ପ୍ରଯୋଜିତ ଏବଂ ସାଧୁ ମେହେରଙ୍କ ନିର୍ଦ୍ଦେଶିତ 'ଅପରିଚିତା'ର ନାୟକ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଗୁରୁବାର, ଫେବୃୟାରୀ ୧୦/୨୦୨୨ Balasore, Thursday, February 10/ 2022

# ଓଡ଼ିଶା ପୁରୁଷ ଦଳର ତୃତୀୟ ବିଜୟ

**ଜାତୀୟ ସିନିୟର ଭଲିବଲ**

ଭୁବନେଶ୍ୱର, ୯।୨ (କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୭୦ତମ ଜାତୀୟ ଭଲିବଲ (ମହିଳା / ପୁରୁଷ) ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ଓଡ଼ିଶା ୩-୧ (୨୩-୨୫, ୨୫-୨୩, ୨୫-୨୧, ୨୫-୧୬) ସେଟ୍‌ରେ ମଧ୍ୟପ୍ରଦେଶକୁ ହରାଇ ଦେଇଛି। ପୁରୁଷ ବିଭାଗରେ ଅନୁଷ୍ଠିତ ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଲଦାଖ ୩-୦ରେ ପଶ୍ଚିମବଙ୍ଗ, ଦିଲ୍ଲୀ ୩-୦ରେ ଉତ୍ତର ପ୍ରଦେଶ, ପଞ୍ଜାବ ୩-୧ରେ ଉତ୍ତରାଞ୍ଚଳ, ଗୁଜରାଟ ୩-୨ରେ ଛତିଶଗଡ଼, ମହାରାଷ୍ଟ୍ର ୩-୦ରେ ପଣ୍ଡିଚେରୀ, ଚଣ୍ଡିଗଡ଼ ୩-୨ରେ ହିମାଚଳ ପ୍ରଦେଶ ଓ ଆନ୍ଧ୍ର ପ୍ରଦେଶ ୩-୦ ସେଟ୍‌ରେ ଜମ୍ମୁ କଶ୍ମୀରକୁ ପରାସ୍ତ କରିଛି। ସେହିପରି ମହିଳା ବିଭାଗ ମ୍ୟାଚରେ ତେଲଙ୍ଗାନା ୩-୦ରେ ଲଦାଖ, ଗୁଜରାଟ ୩-୦ରେ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ୩-୦ରେ ବିହାର, ପଣ୍ଡିଚେରୀ ୩-୧ରେ ଉତ୍ତରାଞ୍ଚଳ, ଉତ୍ତର ପ୍ରଦେଶ ୩-୦ରେ ଛତିଶଗଡ଼, ରେଲୱେ ୩-୦ରେ ପଶ୍ଚିମବଙ୍ଗ ଓ ଚଣ୍ଡିଗଡ଼ ୩-୦ ସେଟ୍‌ରେ ଦିଲ୍ଲୀକୁ ହରାଇ ଦେଇଛି। ଓଡ଼ିଶା ଦଳ ଏହାର ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ବିହାରକୁ ୩-୦ ଓ ଜମ୍ମୁ କଶ୍ମୀରକୁ ୩-୦ ସେଟ୍‌ରେ ପରାସ୍ତ କରିଥିଲା।



ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ବୁଧବାର ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚ।

# ତୃତୀୟରେ ରହିଲେ ରୋହିତ

ଦୁବାଇ, ୯।୨ (ପି.ଟି.): ଭାରତର ନୂଆ ଦିନିକିଆ କ୍ରିକେଟ ଅଧିନାୟକ ରୋହିତ ଶର୍ମା ବୁଧବାର ପ୍ରକାଶିତ ଆଇସିସି ଦିନିକିଆ ର୍‍ୟାଙ୍କିଂରେ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ତେବେ ସେ ଦ୍ୱିତୀୟରେ ଥିବା ବିରାଟ କୋହଲିଙ୍କ ନିକଟତର ହୋଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ମୂଲ୍ୟବାନ ଅର୍ଦ୍ଧଶତକ ହାସଲ କରିଥିବାରୁ ସେ ପଏଣ୍ଟ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏବେ ରୋହିତ ୮୦୭ ଓ ବିରାଟ ୮୨୮ ପଏଣ୍ଟରେ ଅଛନ୍ତି। ପାକିସ୍ତାନ ଅଧିନାୟକ ବାବର ଆଜମ କ୍ରମାଗତଭାବେ ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଅନ୍ୟତମ ପାକିସ୍ତାନ ବ୍ୟାଟର ଫଖର ଜମନ ଓ ଇଂଲଣ୍ଡର ଜୋ ରୁଟ୍ ଟପ୍-୧୦ରେ ପ୍ରବେଶ କରିଛନ୍ତି। ପ୍ରଥମ ଦିନିକିଆରେ ମାତ୍ର ୮ ରନ କରିବାକୁ ସକ୍ଷମ ହୋଇଥିବା ଶାଇ ହୋପ୍ ପଏଣ୍ଟ ହରାଇ ଟପ୍-୧୦ରୁ ବିଦା ହୋଇଛନ୍ତି। ବୋଲିଂ ର୍‍ୟାଙ୍କିଂର ଟପ୍-୧୦ରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେଣୁ ଭାରତର ଯଶପ୍ରୀତ୍ ବୁମ୍ରା ପୂର୍ବପରି ୭ମ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ରବୀନ୍ଦ୍ର ଜାଡେଜା ୮ମ ସ୍ଥାନରେ ରହିଥିବାବେଳେ ଅହମଦାବାଦରେ ଅନୁଷ୍ଠିତ ଭାରତ ବିପକ୍ଷ ପ୍ରଥମ ଦିନିକିଆରେ ଅର୍ଦ୍ଧଶତକ ହାସଲ କରିଥିବା ଜାସନ ହୋଲ୍ଡର ୪ଟି ସ୍ଥାନ ଉପରକୁ ଉଠି ଟପ୍-୨୦ରେ ପ୍ରବେଶ କରିଛନ୍ତି। ସବୁଠାରୁ ବଡ଼ ଲମ୍ଫ ମାରିଛନ୍ତି ଓମାନର ଯତୀନ୍ଦର ସିଂ। ଆଇସିସି କ୍ରିକେଟ ବିଶ୍ୱକପ ଲିଗ୍ ୨ରେ ଶତକ ହାସଲ କରିଥିବା ଯତୀନ୍ଦର ୨୬ଟି ସ୍ଥାନ ଉପରକୁ ଉଠି ଟପ୍-୧୦୦ ମଧ୍ୟରେ ନିଜକୁ ସ୍ଥାନିତ କରିଛନ୍ତି। ଲିଗ୍ ୨ ଟୁର୍ନାମେଣ୍ଟରେ ଯତୀନ୍ଦର ଦ୍ୱିତୀୟ ସର୍ବାଧିକ ୨୩ ମ୍ୟାଚରୁ ୫୯୪ ରନ କରିଥିଲେ।

# ବାରବାଟୀ, ବିକାଶ ଗ୍ରାଉଣ୍ଡରେ ରଣଜୀ

ଭୁବନେଶ୍ୱର, ୯।୨ (କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ସମ୍ମାନଜନକ ରଣଜୀ ଟ୍ରଫି (ଏଲିଟ ଗ୍ରୁପ୍-ବି) ପାଇଁ ଓଡ଼ିଶାକୁ ଅନ୍ୟତମ ଭେନ୍ୟୁ କରାଯାଇଛି। ଓଡ଼ିଶାରେ ୨ଟି ଭେନ୍ୟୁ କଟକର ବାରବାଟୀ ଷ୍ଟାଡିୟମ ଏବଂ ଭୁବନେଶ୍ୱରର ବିକାଶ କ୍ରିକେଟ ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଅନୁଷ୍ଠିତ ହେବ। କେଉଁ ମ୍ୟାଚ କେଉଁଠାରେ ହେବ ତାହା ନିର୍ଦ୍ଧାରିତ ହୋଇ ନ ଥିଲେ ହେଁ ଉଭୟ ବାରବାଟୀ ଓ ବିକାଶ ଗ୍ରାଉଣ୍ଡରେ ୩ଟି ଲେଖାଏ ମ୍ୟାଚ ଖେଳାଯିବ ବୋଲି ଜଣାଯାଇଛି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ବିସିସିଆଇ ଗାଇଡ୍‌ଲାଇନ୍ ଅନୁସାରେ ଖେଳାଳିଙ୍କ ପାଇଁ ବାୟୋ-ବବ୍‌ଲ ସହ ମ୍ୟାଚଗୁଡ଼ିକ ଯେପରି ସୁରକ୍ଷିତଭାବେ ସମ୍ପନ୍ନ ହୋଇପାରିବ ତା' ଉପରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଗୁରୁତ୍ୱ ଦେଉଛି।

**କାର୍ଯ୍ୟସୂଚୀ**

ଫେବୃୟାରୀ ୧୭ରୁ ୨୦: ବେଙ୍ଗଲ ବନାମ ବରୋଦା, ହାଇଦ୍ରାବାଦ ବନାମ ଚଣ୍ଡିଗଡ଼। ଫେବୃୟାରୀ ୨୪ରୁ ୨୭: ବେଙ୍ଗଲ ବନାମ ହାଇଦ୍ରାବାଦ, ବରୋଦା ବନାମ ଚଣ୍ଡିଗଡ଼। ମାର୍ଚ୍ଚ ୩ରୁ ୬: ବେଙ୍ଗଲ ବନାମ ଚଣ୍ଡିଗଡ଼, ବରୋଦା ବନାମ ହାଇଦ୍ରାବାଦ।




# ଓଡ଼ିଶା-ବରୋଦା ୱାର୍ମଅପ୍ ମ୍ୟାଚ ଡ୍ର

ଭୁବନେଶ୍ୱର, ୯।୨ (କ୍ରୀଡ଼ା ପ୍ରତିନିଧି): ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ଅନୁଷ୍ଠିତ ୨ ଦିନିଆ ୱାର୍ମଅପ୍ କ୍ରିକେଟ ମ୍ୟାଚ ଡ୍ର ରହିଛି। ପ୍ରଥମ ଇନିଂସରେ ବରୋଦା ୧୦୦ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ ଓଡ଼ିଶା ୨୩୫ ରନ କରିବାକୁ ସକ୍ଷମ ହୋଇଥିଲା। ରାଜେଶ ଧୂପର ସର୍ବାଧିକ ୬୫, ଅଭିଷେକ ରାଉତ ୬୩ ଓ ସୁଜିତ ଲେଙ୍କା ୩୦ ରନ କରିଥିଲେ। ବିପକ୍ଷ ଦଳର ଅତିତ ଶେଠ୍ ୪ଟି ଉଇକେଟ ନେଇଥିଲେ। ବରୋଦା ୨ୟ ଦିବସ ଖେଳ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୩୧ ରନ କରିଥିଲା। ଶିବାଲିକ୍ ଶର୍ମା ୭୬ ଓ ପ୍ରତ୍ୟୁଷ କୁମାର ୫୩ ରନକରି ଅପରାଜିତ ରହିଥିଲେ।

# ନ୍ୟୁଜିଲାଣ୍ଡଠାରୁ ହାରିଲା ଭାରତ

**ଅନ୍ତର୍ଜାତୀୟ ମହିଳା ଟି୨୦**

କୁଇନ୍ସଟାଉନ୍, ୯।୨ (ପି.ଟି.)

ବ୍ୟାଟିଂ ବିଫଳତା ଯୋଗୁ ଭାରତୀୟ ମହିଳା କ୍ରିକେଟ ଦଳ ଏକମାତ୍ର ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ହାରିଯାଇଛି। ସିନିୟର ଓପନର ଏବଂ ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଏହି ମ୍ୟାଚରେ ଖେଳି ନ ଥିଲେ। ତାଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୫୫ ରନ କରିଥିଲା। ସୁଜି ବେଟ୍ସ ସର୍ବାଧିକ ୩୬, ଅଧିନାୟିକା ସୋଫି ଡେଭିନ୍ ୩୧ ଓ ମାଡି ଗ୍ରୀନ୍ ୨୬ ରନ କରିଥିଲେ। ଭାରତ ପକ୍ଷରୁ ପୂଜା ବସ୍ତ୍ରକାର ଓ ଦୀପ୍ତି ଶର୍ମା ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୫୬ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ପୂରା ୨୦ ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା। ସାଭିନେନି ମେଘନା ସର୍ବାଧିକ ୩୭ ଓ ୟସ୍ତିକା ଭାଟିଆ ୨୬ ରନ କରିଥିଲେ। ନ୍ୟୁଜିଲାଣ୍ଡ ବୋଲରଙ୍କ ମଧ୍ୟରେ ଜେସ୍ କେର୍, ଆମେଲିଆ କେର୍ ଓ ହିଲି ଜେନସେନ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୭ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା ଲୀ ତାହୁହୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।


ଲୀ ତାହୁହୁ

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୫/୫।
ଭାରତ ୨୦ ଓଭରରେ ୧୩୭/୮।







cars tatamotors com/tata/punch | officialtatamotorscars | /TataMotors_Car | /tatapunchofficial | /tatamotorsgroup | 1800 209 8282 (toll free)

BALASORE: Premier Motors: 7506018732. BARIPADA: Premier Motors: 9152102450. BHADRAK: Premier Motors: 9152102461.
JAJPUR: Gugnani Autocars: 9152102472.

*Safest car amongst all the models tested by GNCAP for Indian markets with the highest safety rating for Adult Occupant Protection. Above mentioned features are key differentiating features. For detailed list/features/specifications, please visit our website https://cars.tatamotors.com/suv/punch. Images and illustrations are indicative and for informative purposes only. Specifications/features subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may not match the actual colours due to printing limitations. Android, Apple, Harman, what3words are registered trademarks. Traction Pro available only in AMT in Personas with touchscreen infotainment. **Price Ex-showroom Orissa. Terms and Conditions apply.
11712226

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ